ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି

THE DINALIPI

- Vol.- 46, Issue No. 170
- Saturday, 19 September 2026
- ଶନିବାର, ୧୯ ସେପ୍ଟେମ୍ବର ୨୦୨୬
- Bhubaneswar
- Price: Rs. 3.00, Page: 8
- R.N.I. Regd. No. 34063/81
- Postal Regd. No. BN/79/18-20
- Online Portal: www.dinalipi.com
- Mail ID: dinalipinews@gmail.com

- https://www.facebook.com/dinalipilive
- www.youtube.com/@dinalipilive
- https://www.dinalipi.com
- https://www.dinalipiepaper.com
- https://www.dinalipi.in
- twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com


## ମମତା ବାନାର୍ଜୀଙ୍କୁ 'ଫୁଟବଲ୍ ଖେଳାଳି'

### ବିଦ୍ରୋହୀ ଗୋଷ୍ଠୀକୁ 'ଲଫାପା'



ନୂଆଦିଲ୍ଲୀ, ୧୮।୯: ନିର୍ବାଚନ କମିଶନ ପଶ୍ଚିମବଙ୍ଗର ପୂର୍ବତନ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ତୃଣମୂଳ କଂଗ୍ରେସ (ଟିଏମସି) ଏବଂ ଏହାର ବିଦ୍ରୋହୀ ଗୋଷ୍ଠୀକୁ ନୂତନ ନାମ ଏବଂ ନିର୍ବାଚନ ଚିହ୍ନ ଶୁକ୍ରବାର ଦେଇଛନ୍ତି । ମମତାଙ୍କ ଟିଏମସିକୁ "ମମତା ଅଲ୍ ଇଣ୍ଡିଆ ତୃଣମୂଳ କଂଗ୍ରେସ" ନାମ ଦିଆଯାଇଛି ଏବଂ ଏହାର ନିର୍ବାଚନ ଚିହ୍ନ ହେଉଛି ଫୁଟବଲ୍ ଖେଳାଳି । ମମତା ବାନାର୍ଜୀଙ୍କୁ ଏହି ନାମ ଦିଆଯାଇଛି ଯାହା ଦ୍ୱାରା ସେ ପଶ୍ଚିମବଙ୍ଗ, ମେଘାଳୟ ଏବଂ ତ୍ରିପୁରାରେ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ମାନ୍ୟତା ପାଇପାରିବେ ।ରତବ୍ରତ ବାନାର୍ଜୀଙ୍କ ସହ ଜଡିତ ପ୍ରତିଦ୍ୱନ୍ଦ୍ୱୀ ଗୋଷ୍ଠୀକୁ 'ଡେମୋକ୍ରାଟିକ୍ ତୃଣମୂଳ କଂଗ୍ରେସ' ନାମ ଏବଂ ଏହି ଗୋଷ୍ଠୀକୁ "ଲଫାପା" ଚିହ୍ନ ଦିଆଯାଇଛି । ନିର୍ବାଚନ ଚିହ୍ନରେ ଏକ କ୍ରିକେଟ୍ ବ୍ୟାଟ୍, ବଲ୍ ବିନା ଫୁଟବଲ୍ ଦଳର ପ୍ରତୀକ ଏବଂ ଦଳର ଅନ୍ୟ ତିନୋଟି ନାମ ଅନ୍ତର୍ଭୁକ୍ତ । ନିର୍ବାଚନ କମିଶନ ଅଲ୍ ଇଣ୍ଡିଆ ତୃଣମୂଳ କଂଗ୍ରେସର ଉଭୟ ଗୋଷ୍ଠୀ ଉପରେ ପ୍ରତିବନ୍ଧକ ଲଗାଇବା ପରେ ଏହି ପଦକ୍ଷେପ ନିଆଯାଇଛି । ଉଭୟ ଗୋଷ୍ଠୀ ଦଳର ନାମ ଏବଂ ନିର୍ବାଚନ ଚିହ୍ନ ବ୍ୟବହାର କରିପାରିବେ ନାହିଁ ।

### ସେମିକନ୍ ଇଣ୍ଡିଆ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ

# ଆସୁଛି ପ୍ରାୟ ୩୦,୫୫୦ କୋଟିର ନିବେଶ

ଭୁବନେଶ୍ୱର, ୧୮।୯: ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱରେ ସେମି କଣ୍ଡକ୍ଟର କ୍ଷେତ୍ରରେ ଦେଶ ଆଗଉଛି । ଦିଲ୍ଲୀରେ ଅନୁଷ୍ଠିତ ସେମିକନ୍ ଇଣ୍ଡିଆ କାର୍ଯ୍ୟକ୍ରମରେ ସାମିଲ ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ଏହା କହିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ସେମି ୪,୫୦୦ ପ୍ରତ୍ୟକ୍ଷ ଓ ୧୬,୦୦୦ ପରୋକ୍ଷ ନିଯୁକ୍ତି ସୃଷ୍ଟି ହେବାର ଆଶା ରହିଛି । ଓଡ଼ିଶାକୁ ସେମିକଣ୍ଡକ୍ଟର ପେଣ୍ଠରେ ପରିଣତ କରିବା ଲକ୍ଷ୍ୟରେ ବିଶ୍ୱସ୍ତରୀୟ କମ୍ପାନୀ ଇଣ୍ଟେଲ ଓ ୩ଡିଜିଏସ ମଧ୍ୟରେ ହୋଇଥିବା ଚୁକ୍ତିନାମାକୁ ମଧ୍ୟ ଗୁରୁତ୍ୱ ଦିଆଯାଇଛି । ଏହି ଯୋଜନା

- ଓଡ଼ିଶା ହେବ ସେମି କଣ୍ଡକ୍ଟରର ପେଣ୍ଠ
- ୧,୮୦୦ ପ୍ରତ୍ୟକ୍ଷ ନିଯୁକ୍ତି ସୃଷ୍ଟି ହେବା ଲକ୍ଷ୍ୟ
- ଗବେଷଣାରେ ନିବେଶ ହେବ ପ୍ରାୟ ୪୫୨ କୋଟି

କଣ୍ଡକ୍ଟର ମିଶନରେ ୧୨ଟି ପ୍ରକଳ୍ପକୁ ମଞ୍ଜୁରି ମିଳିଛି । ଓଡ଼ିଶାକୁ ୨ଟି ପ୍ରକଳ୍ପ ମିଳିଛି । ୨ଟି ପ୍ରକଳ୍ପ ଅଧୀନରେ ଓଡ଼ିଶାରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଯାଇଛି । ରାଜ୍ୟ ସରକାର ମଧ୍ୟ ୧୧ ହଜାର କୋଟିର ପ୍ରକଳ୍ପକୁ ମଞ୍ଜୁରୀ ଦେଇଛନ୍ତି । ଏହାଦ୍ୱାରା ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ୨୦ ହଜାରରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ଓଡ଼ିଶାକୁ ସେମି କଣ୍ଡକ୍ଟର ହବ୍(ପେଣ୍ଠ) କରିବାକୁ ଲକ୍ଷ୍ୟ ରଖିଛୁ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ।ଏହାଛଡ଼ା ରାଜ୍ୟର ସେମିକଣ୍ଡକ୍ଟର କ୍ଷେତ୍ରର ନିବେଶ, ନିଯୁକ୍ତି ଓ ଭବିଷ୍ୟତ ଯୋଜନା ସମ୍ପର୍କରେ ସବିଶେଷ ସୂଚନା ଦେଇଛନ୍ତି ମୁଖ୍ୟମନ୍ତ୍ରୀ । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି, ୫ଟି ସେମିକଣ୍ଡକ୍ଟର ପ୍ରକଳ୍ପକୁ ମଞ୍ଜୁରି ପ୍ରଦାନ ହେତୁ ପ୍ରାୟ ମାଧ୍ୟମରେ ଓଡ଼ିଶାକୁ ପ୍ରାୟ ୩୦,୫୫୦ କୋଟି ଟଙ୍କାର ନିବେଶ ଆସିବା ସହ ପ୍ରାୟ ୧,୮୦୦ ପ୍ରତ୍ୟକ୍ଷ ନିଯୁକ୍ତି ସୃଷ୍ଟି ହେବାର ଲକ୍ଷ୍ୟ ରହିଛି । ଏହା ସହିତ ସିକ୍‌ସେମ୍ ସହ ଫେଜ୍-୨ ପ୍ରକଳ୍ପ ଆରମ୍ଭ କରିବା ନେଇ ମଧ୍ୟ ଉଦ୍ୟମ ଚାଲିଛି । ଏଥିରେ ସିଲିକନ୍ କାର୍ବାଇଡ୍ ଫ୍ୟାବ୍ରିକେସନ୍ ଓ ପ୍ୟାକେଜିଂ ଫାସିଲିଟି ନିର୍ମାଣର ଲକ୍ଷ୍ୟ ରହିଛି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସୂଚନା ଦେଇଛନ୍ତି । ସେମିକଣ୍ଡକ୍ଟର ଗବେଷଣା ଓ ନବସୃଜନକୁ ଆଗକୁ ନେବା ପାଇଁ ଆଇଆଇଟି ଭୁବନେଶ୍ୱରର ସହଭାଗିତାରେ 'ନ୍ୟାସନାଲ ଇଣ୍ଡଷ୍ଟ୍ରି କୋଡେଭେଲପମେଣ୍ଟ ହବ୍ ଅନ୍ ଇଣ୍ଟିଗ୍ରେଟେଡ୍ ପାୱାର ଇଲୋକଟ୍ରୋନିକ୍ସ' କାର୍ଯ୍ୟକ୍ରମକୁ ମଞ୍ଜୁରୀ ଦିଆଯାଇଛି । ଏଥିରେ କେନ୍ଦ୍ର ସରକାର, ଓଡ଼ିଶା



ସରକାର ଓ ନ୍ୟାସନାଲ୍ ରିସର୍ଚ୍ଚ ଫାଉଣ୍ଡେସନ୍‌ର ସହଯୋଗରେ ପ୍ରାୟ ୪୫୨ କୋଟି ଟଙ୍କା ନିବେଶ ହେବ । ଏଥିରୁ ଓଡ଼ିଶା ସରକାରଙ୍କ ଅବଦାନ ପ୍ରାୟ ୧୨୫ କୋଟି ଟଙ୍କା ରହିବ । ବିଭିନ୍ନ ଶିକ୍ଷ ସଂସ୍ଥାର ସହଯୋଗରେ ଏକାଧିକ ସେଣ୍ଟର ଅଫ୍ ଏକ୍ସଲେନ୍ସ ଖୋଲାଯିବ । ଗବେଷଣା ଓ ନବସୃଜନରୁ ମିଳୁଥିବା ଜ୍ଞାନ ଓ କୌଶଳକୁ ବ୍ୟବସାୟିକ ଭାବେ କିପରି ବ୍ୟବହାର କରାଯାଇପାରିବ, ସେ ଦିଗରେ ମଧ୍ୟ କାର୍ଯ୍ୟ କରାଯିବ ।

### ॥ ଉତ୍କଳ ବିଶ୍ୱବିଦ୍ୟାଳୟ ଛନ୍ଦି ହେଲା ବିବାଦରେ ! ॥

## ସେମିଷ୍ଟାର ପ୍ରଶ୍ନପତ୍ର ପ୍ରଘଟ ! ଥାନାରେ ଏତଲା

ଭୁବନେଶ୍ୱର, ୧୮।୯: ପ୍ରଶ୍ନପତ୍ର ଲିକ୍ ବିବାଦରେ ଛନ୍ଦି ହୋଇପଡ଼ିଛି ରାଜ୍ୟର ପ୍ରତିଷ୍ଠିତ ଉଚ୍ଚ ଶିକ୍ଷାନୁଷ୍ଠାନ ଉତ୍କଳ ବିଶ୍ୱବିଦ୍ୟାଳୟ । ପରୀକ୍ଷା ଆରମ୍ଭ ହେବା ପୂର୍ବରୁ ହ୍ୱାଟସଆପରେ ପ୍ରଶ୍ନପତ୍ର ଘୂରିବୁଲିବା ଘଟଣା ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି । ଏହି ସମ୍ବେଦନଶୀଳ ପ୍ରସଙ୍ଗରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଶହୀଦନଗର ଥାନାରେ ଏନେଇ ବିଧିବଦ୍ଧ ଏତଲା ମଧ୍ୟ ଦେଇଛନ୍ତି । ସୂଚନା ଅନୁସାରେ, ଯୁକ୍ତ ତିନି ଶ୍ରେଣୀର ଦ୍ୱିତୀୟ ସେମିଷ୍ଟାର ପରୀକ୍ଷାର ପ୍ରଶ୍ନପତ୍ର ହ୍ୱାଟସଆପରେ ଭାଇରାଲ ହୋଇଛି । ସେପ୍ଟେମ୍ବର ୧୨ତାରିଖରୁ ଆରମ୍ଭ ହୋଇଥିବା ଏହି ଦ୍ୱିତୀୟ ସେମିଷ୍ଟାର




■ ପୁଙ୍ଖାନୁପୁଙ୍ଖ ଯାଞ୍ଚ ଆରମ୍ଭ

ପରୀକ୍ଷା ପ୍ରଶ୍ନପତ୍ର ପ୍ରଘଟ ହେବାପରେ ପୁଣିଥରେ ପରୀକ୍ଷା ହେବାର ଆଶଙ୍କା ଦେଖାଦେଇଛି । ଉତ୍କଳ ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ପ୍ରାୟ ୩୦୦ କଲେଜର ହଜାର ହଜାର ଛାତ୍ରଛାତ୍ରୀ ପରୀକ୍ଷା ଦେଉଥିବାବେଳେ ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ପ୍ରଘଟ କିଭଳି ହେଲା ତାହା ଏବେ ବିଭିନ୍ନ ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏ ସମ୍ପର୍କରେ ବିଶ୍ୱବିଦ୍ୟାଳୟର ଜଣେ ପଦାଧିକାରୀଙ୍କ ସୂଚନାନୁଯାୟୀ, ପ୍ରଶ୍ନପତ୍ର ପ୍ରଘଟ ହୋଇଥିବା ଘଟଣା ସତ୍ୟ ଓ ଏହା କେଉଁ ସୂତ୍ରରୁ ବାହାରିଲା ତା'ର ପୁଙ୍ଖାନୁପୁଙ୍ଖ ଯାଞ୍ଚ ଆରମ୍ଭ ହୋଇଛି ।କୁଳପତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ଉଚ୍ଚସ୍ତରୀୟ ତଦନ୍ତ କମିଟି ଗଠନ କରାଯିବା ସହିତ ଘଟଣାର ଅପରାଧିକ ଦିଗ ଉନ୍ମୋଚନ ପାଇଁ ଶହୀଦନଗର ଥାନାରେ ଲିଖିତ ଅଭିଯୋଗ ଦାଖଲ କରାଯାଇଛି ।

### ପୌର ନିର୍ବାଚନ ୱାର୍ଡ ସୀମା ନିର୍ଦ୍ଧାରଣ ପାଇଁ ସଂଶୋଧିତ ସମୟସୂଚୀ

ଭୁବନେଶ୍ୱର, ୧୮।୯: ପୌର ନିର୍ବାଚନ ନେଇ ୱାର୍ଡ ସୀମା ନିର୍ଦ୍ଧାରଣ ପାଇଁ ସଂଶୋଧିତ ସମୟସୂଚୀ ଜାରି କରିଛି ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ । ଆସନ୍ତା ୨୪ ତାରିଖ ସୁଦ୍ଧା ପୌରସଂସ୍ଥା ଓ ଏନଏସିର ୱାର୍ଡ ସୀମା ନିର୍ଦ୍ଧାରଣ ପାଇଁ ଡ୍ରାଫ୍ଟ ବିଜ୍ଞପ୍ତି ପ୍ରକାଶ ପାଇବ । ସୀମା ନିର୍ଦ୍ଧାରଣ ଓ ଆସନ ସଂରକ୍ଷଣ ସମ୍ପର୍କିତ ଡ୍ରାଫ୍ଟ ବିଜ୍ଞପ୍ତି ଜାରି କରାଯିବ । ଏହାପରେ ଜନସାଧାରଣଙ୍କଠାରୁ ଆପତ୍ତି ଓ ପ୍ରସ୍ତାବ ଗ୍ରହଣ କରାଯିବ । ଅକ୍ଟୋବର ୩ ଆପତ୍ତି ଓ ପ୍ରସ୍ତାବ ଦାଖଲର ଶେଷ ତାରିଖ ରହିଛି । ଅକ୍ଟୋବର ୭ ତାରିଖ ସୁଦ୍ଧା ପ୍ରୋଭିଜନାଲ୍ ବିଜ୍ଞପ୍ତି ବାହାରିବ । ଅକ୍ଟୋବର ୭ରୁ ୨୧ ମଧ୍ୟରେ ସରକାରଙ୍କ ନିକଟରେ ଅପିଲ୍ କରିପାରିବେ । ଅପିଲ୍‌ର ଶୁଣାଣି ଓ ନିଷ୍ପତ୍ତି ପ୍ରକ୍ରିୟା ଅକ୍ଟୋବର ୨୬ରୁ ୨୮ ମଧ୍ୟରେ ହେବ । ଅପିଲ୍‌ର ନିଷ୍ପତ୍ତି ପରେ ଅକ୍ଟୋବର ୩୧ ସୁଦ୍ଧା ଚୂଡ଼ାନ୍ତ ବିଜ୍ଞପ୍ତି ପ୍ରକାଶ ପାଇବ ।

### ସହକର୍ମୀଙ୍କୁ ଦୁଷ୍କର୍ମ ଓ ଅତ୍ୟାଚାର ଅଭିଯୋଗ

## ବନ୍ଧା ହେଲେ ଅତିରିକ୍ତ ସଚିବ

ଭୁବନେଶ୍ୱର, ୧୮।୯(ନିପ୍ର): ମହିଳା ସହକର୍ମୀଙ୍କୁ ଅସଦାଚରଣ କରିବା ଅଭିଯୋଗରେ ବାଣିଜ୍ୟ ଓ ପରିବହନ ବିଭାଗର ଅତିରିକ୍ତ ସଚିବ ଅତିରିକ୍ତ ସଚିବ ଅରୁଣ କୁମାର ବିଶ୍ୱାଳଙ୍କୁ ଶୁକ୍ରବାର ଖାରବେଳନଗର ପୋଲିସ ଗିରଫ କରିଛି । ପୀଡିତା ସହକର୍ମୀ ଯୁବତୀଙ୍କ ଅଭିଯୋଗ ଆଧାରରେ ଖାରବେଳନଗର ଥାନା ପୋଲିସ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ଅଭିଯୁକ୍ତ ଅରୁଣଙ୍କୁ ପୋଲିସ କୋର୍ଟ ଚାଲାଣ କରିବା ସହ ଘଟଣାର ଅଧିକ ତଦନ୍ତ ଚଳାଇଛି । ପୋଲିସ ସୂଚନା ଅନୁଯାୟୀ, ପୀଡିତା ଯୁବତୀ ଜଣକ ଖାରବେଳନଗର ଥାନା ଅଞ୍ଚଳରେ ଥିବା ଏକ ହଷ୍ଟେଲରେ ଭଡାରେ ରହୁଛନ୍ତି । ସେ ପରିବହନ ବିଭାଗରେ ଚୁକ୍ତି ଭିତ୍ତିରେ ଚାକିରି କରୁଛନ୍ତି । ତେବେ ଅତିରିକ୍ତ ସଚିବ ଅରୁଣ ତାଙ୍କୁ ପ୍ରେମ ନିବେଦନ କରିବା ସହ ବିଭିନ୍ନ ସମୟରେ ତାଙ୍କୁ ଅସଦାଚରଣ କରିଥିବା ଅଭିଯୋଗ ହୋଇଛି । ଗୁରୁବାର ରାତିରେ ଅରୁଣ ତାଙ୍କ ଘରକୁ ଯାଇ ହଙ୍ଗାମା କରିଥିଲେ । ଏହି ସମୟରେ ଯୁବତୀ ଜଣକ ପୋଲିସକୁ ଫୋନ କରିଥିଲେ । ପୋଲିସ ଟିମ୍ ପହଞ୍ଚି ସ୍ଥିତି ବୁଝିବା ସହ ଅରୁଣଙ୍କୁ ଥାନାକୁ ଉଠାଇ ଆଣି ପଚରାଉଚରା କରିଥିଲା । ଜେରା ବେଳେ ସେ ନିଜର ଦୋଷ ସ୍ୱୀକାର କରିବା ସହ ତାଙ୍କ ମୋବାଇଲରୁ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିଥିଲା । ପରେ ପୁଲିସ ତାଙ୍କ ବିରୋଧରେ ବିଏନଏସ ଧାରା ୬୪(୨)(ବି) – କ୍ଷମତା କିମ୍ବା ପଦବୀର ଦୁରୁପଯୋଗ କରି ସହକର୍ମୀଙ୍କୁ ଦୁଷ୍କର୍ମ, ଧାରା ୧୦୯(୧) – ହତ୍ୟା ଉଦ୍ୟମ, ଧାରା ୧୧୫(୨) – ସ୍ୱେଚ୍ଛାକୃତ ଭାବେ ଆଘାତ ପହଞ୍ଚାଇବା, ଧାରା ୨୯୬ – ଅଶ୍ଳୀଳ କାର୍ଯ୍ୟ, ଧାରା ୩୫୧(୨) ଧମକ ଦେବା ଅଭିଯୋଗରେ ମାମଲା ରୁଜୁ କରିବା ସହ ଗିରଫ କରିଥିଲା । ଘଟଣାସ୍ଥଳରେ ସିସିଟିଭି ଫୁଟେଜ, ଅନ୍ୟାନ୍ୟ ଡିଜିଟାଲ ପ୍ରମାଣ, ସାକ୍ଷୀମାନଙ୍କ ବୟାନ ରେକର୍ଡ କରାଯାଉଛି ବୋଲି ସୂଚନା ମିଳିଛି ।



## ୨୨ରୁ ବିଧାନସଭା ମୌସୁମୀ ଅଧିବେଶନ

- ଜାରି ହେଲା ଟ୍ରାଫିକ କଟକଣା
- ଜରୁରୀକାଳୀନ ସେବା ପାଇଁ ଛାଡ଼

ଭୁବନେଶ୍ୱର, ୧୮।୯(ନି.ପ୍ର): ସପ୍ତଦଶ ଓଡ଼ିଶା ବିଧାନସଭାର ସପ୍ତମ ଅଧିବେଶନ ଆସନ୍ତା ସେପ୍ଟେମ୍ବର ୨୨ ତାରିଖରୁ ଆରମ୍ଭ ହୋଇ ଅକ୍ଟୋବର ୩ ତାରିଖ ପର୍ଯ୍ୟନ୍ତ ଚାଲିବ । ବିଧାନସଭା ଚାଲୁଥିବା ସମୟରେ ସୁରକ୍ଷା ଓ ସାଧାରଣ ଜନତାଙ୍କ ନିରାପତ୍ତାକୁ ଦୃଷ୍ଟିରେ ରଖି ଭୁବନେଶ୍ୱର-କଟକ ପୋଲିସ କମିଶନରେଟ୍ ପକ୍ଷରୁ ବ୍ୟାପକ ଟ୍ରାଫିକ୍ କଟକଣା ଲାଗୁ କରାଯାଇଛି । ଅଧିବେଶନ ଦିନଗୁଡ଼ିକରେ ବିଧାନସଭା ଆଖପାଖ ରାସ୍ତାରେ ଯାନବାହନ ଚଳାଚଳ ଉପରେ ପୂର୍ବ ଦିନମାନଙ୍କରେ ଲାଗୁ ହେଉଥିବା କଟକଣା ଚଳିତଥର ମଧ୍ୟ ଲାଗୁ କରାଯାଇଛି । ନିୟମ ଅନୁଯାୟୀ ଗୃହ କାର୍ଯ୍ୟ ଚାଲୁଥିବା ବେଳେ ହାଉସିଂ ବୋର୍ଡ ଛକ ପଟରୁ ରବୀନ୍ଦ୍ର ମଣ୍ଡପ ଆଡ଼କୁ ଆସୁଥିବା ଯାନବାହନଗୁଡ଼ିକ କେଶରୀ ଟକିଜ୍ ଛକରୁ ବାମ ପାର୍ଶ୍ୱ ରାସ୍ତା ଦେଇ ନିଜ ଗନ୍ତବ୍ୟ ସ୍ଥଳକୁ ଯିବ । ସେହିଭଳି ଏଜି ଛକ ପଟୁ ପିଏମଜି ଆଡ଼କୁ ଆସୁଥିବା ଗାଡ଼ିଗୁଡ଼ିକ ଜୟଦେବ ଭବନ ପାଖରେ ଡାହାଣ ପାର୍ଶ୍ୱରେ ଥିବା ଆଇଜି ପାର୍କ ରାସ୍ତା ଦେଇ ଯାଇପାରିବେ । ମାଷ୍ଟର କ୍ୟାଣ୍ଟିନ ଆଡୁ ପିଏମଜି ଆଡ଼କୁ ଆସୁଥିବା ସମସ୍ତ ଯାନବାହନ ଲୋୟର ପିଏମଜି ଛକରୁ ବାମ କିମ୍ବା ଡାହାଣ ପାର୍ଶ୍ୱ ରାସ୍ତା ଦେଇ ଯାଇପାରିବେ । ଏହିକ୍ରମରେ ୧୨୦ ବାଟାଲିୟନ୍ ଛକ ପଟୁ ରବୀନ୍ଦ୍ର ମଣ୍ଡପ ଆଡ଼କୁ ସିଧା ଯିବାକୁ ଅନୁମତି ମିଳିବ ନାହିଁ । ଗାଡ଼ିଗୁଡ଼ିକୁ ପାୱାର ହାଉସ୍ ଛକ ଦେଇ ଯିବାକୁ ପଡ଼ିବ । ସେହିପରି ଲୋକଭବନ ଛକ ପଟୁ ଏମଏଲଏ କଲୋନୀ ଓ ରବୀନ୍ଦ୍ର ମଣ୍ଡପ ଆଡ଼କୁ ଯାଉଥିବା ଗାଡ଼ିଗୁଡ଼ିକୁ ୧୨୦ ବାଟାଲିୟନ୍ ଛକରୁ ଶାସ୍ତ୍ରୀନଗର ଆଡ଼କୁ ଡାଇଭର୍ଟ କରାଯିବ । ଏହି କଟକଣା ଜରୁରୀକାଳୀନ ଯାନବାହନ ଯେପରିକି ପୋଲିସ, ଅଗ୍ନିଶମ ଓ ଆମ୍ବୁଲାନ୍ସ ପାଇଁ ଲାଗୁ ହେବ ନାହିଁ । ଏହାସହ ବିଧାନସଭା, ଲୋକସେବା ଭବନ ଓ ଅନ୍ୟାନ୍ୟ ସରକାରୀ କାର୍ଯ୍ୟାଳୟକୁ ଯିବା ପାଇଁ ଅଧିକୃତ ଯାନବାହନଗୁଡ଼ିକ ପୂର୍ବପରି ଯାତାୟାତ କରିପାରିବେ ।



### ବିଜ୍ଞାପନ ଓ ଗୁଣବତ୍ତା ଉପରେ ପ୍ରଶ୍ନ

## ନେସଲେ ଇଣ୍ଡିଆ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ

ନୂଆଦିଲ୍ଲୀ, ୧୮।୯: ଶିଶୁମାନଙ୍କ ପାଇଁ ବ୍ୟବହୃତ ହେଉଥିବା ଇନଫାଣ୍ଟ ଫର୍ମୁଲା ଫୁଡ୍‌ର ବିଜ୍ଞାପନ ଓ ପୋଷକ ତତ୍ତ୍ୱର ଗୁଣବତ୍ତାକୁ ନେଇ ଖାଦ୍ୟ ସୁରକ୍ଷା ଓ ମାନକ ପ୍ରାଧିକରଣ (ଏଫଏସଏସଏଆଇ) ନେସଲେ ଇଣ୍ଡିଆ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । କମ୍ପାନୀ ବିରୋଧରେ ନିୟମ ଉଲ୍ଲଂଘନ ଅଭିଯୋଗରେ ତିନୋଟି ପୃଥକ 'ଏଡଜୁଡିକେସନ୍ କେସ୍' ରୁଜୁ କରାଯାଇଛି ।ଏଫଏସଏସଏଆଇ ଅନୁଯାୟୀ, ନେସଲେ ଇଣ୍ଡିଆର ଦୁଇଟି ପ୍ରମୁଖ ଶିଶୁ ଆହାର ନାନ ଏକ୍ସେଲା ପ୍ରୋ ଷ୍ଟେଜ- ୧ ଏବଂ ଲାକ୍ଟୋଜେନ ପ୍ରୋ-୧ ର ପ୍ରଚାରରେ ନିୟମ ବହିର୍ଭୂତ ଦାବି କରାଯାଇଥିବା ଦେଖିବାକୁ ମିଳିଛି । ନାନ ଏକ୍ସେଲା ପ୍ରୋ ଷ୍ଟେଜ- ୧ ର ବିଜ୍ଞାପନରେ '୫ ଏଚଏମଓ' ଏବଂ 'ହ୍ୱେ ପ୍ରୋଟିନ' ସମ୍ପର୍କିତ ଦାବି କରାଯାଇଥିବା ବେଳେ ଲାକଟୋଜେନ ପ୍ରୋ ୧ ରେ 'ହ୍ୱେ ପ୍ରୋଟିନ ବିଇଙ୍ଗ ଇଜି ଟୁ ଡାଇଜେଷ୍ଟ' (ୱେ ପ୍ରୋଟିନ୍ ସହଜରେ ହଜମ ହୋଇଯାଏ) ବୋଲି ଦାବି କରାଯାଇଥିଲା । ତଦନ୍ତ ପରେ ଏହି ଦାବିଗୁଡ଼ିକ ଫୁଡ୍ ସେଫ୍ଟି ଆଣ୍ଡ୍ ଷ୍ଟାଣ୍ଡାର୍ଡସ (ଫୁଡ୍ ଫର୍ ଇନ୍‌ଫାଣ୍ଟ ନ୍ୟୁଟ୍ରିସନ୍) ରେଗୁଲେସନ୍, ୨୦୨୦ ର ଧାରା ୪(୨) ଏବଂ ଇନ୍‌ଫାଣ୍ଟ ମିଲ୍କ ସବ୍‌ଷ୍ଟିଚ୍ୟୁଟ୍ସ ଆକ୍ଟ, ୧୯୯୨ର ଧାରା ୩ର ଉଲ୍ଲଂଘନ ବୋଲି ଜଣାପଡ଼ିଛି ।




# ନିଠାରୀ କାଣ୍ଡ ଘଟଣା: ଅଭିଯୁକ୍ତର ଆତ୍ମହତ୍ୟା

ହରିଦ୍ୱାର, ୧୮।୯: ନୋଏଡାର ନିଠାରୀ କାଣ୍ଡ ଘଟଣାରେ ଚର୍ଚ୍ଚାରେ ଥିବା ସୁରେନ୍ଦ୍ର କୋଲି ଉତ୍ତରାଖଣ୍ଡ ହରିଦ୍ୱାରରେ ଆତ୍ମହତ୍ୟା କରିଥିବା ପୋଲିସର ପ୍ରାଥମିକ ତଦନ୍ତରେ ଅନୁମାନ କରାଯାଉଛି । ସୁରେନ୍ଦ୍ରଙ୍କୁ ସୁପ୍ରିମକୋର୍ଟ ନିର୍ଦ୍ଦୋଷ ବୋଲି କହିବା ପରେ ତାକୁ ୨୦୨୫ରେ ମୁକ୍ତି ଦିଆଯାଇଥିଲା । ଶୁକ୍ରବାର ସୁରେନ୍ଦ୍ରଙ୍କ ମୃତ ଦେହ ହରିଦ୍ୱାର ନଗର ଭୂପତୱାଲା ଅଞ୍ଚଳର ଏକ ଚା' ଦୋକାନରୁ ମିଳିଥିଲା । ସୂଚନା ପାଇବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶବକୁ ଜବତ କରି ତଦନ୍ତ ଆରମ୍ଭ କରିଛି । ଆତ୍ମହତ୍ୟାର କାରଣ ଜଣା ପଡିନାହିଁ । ପୋଲିସ କହିବା ଅନୁସାରେ, ଭୂପତୱାଲା ଅଞ୍ଚଳର ଲାଲମାତା ମନ୍ଦିର ସମ୍ମୁଖ ଏକ ଚା' ଦୋକାନ ନିକଟରୁ ୫୦ ବର୍ଷୀୟ ଜଣେ ବ୍ୟକ୍ତିଙ୍କ ମୃତଦେହ ଜବତ କରାଯାଇଥିଲା । ମୃତଦେହ ସନ୍ଦେହଜନକ ଅବସ୍ଥାରେ ପଡିଥିଲା । ପୋଲିସ ସ୍ଥାନୀୟ ଲୋକଙ୍କୁ ପଚରା ପଚରି କରିବା ପରେ ଏହା ଶଙ୍କୁ ରାମଙ୍କ ପୁତ୍ର ସୁରେନ୍ଦ୍ର କୋଲି ଏବଂ ଘର ଅଲମୋଡ଼ାର ମଙ୍ଗୁରୁଖାଲ ଭିକିଆସୈଣ ବୋଲି ଜଣା ପଡ଼ିଥିଲା । ଉଲ୍ଲେଖଯୋଗ୍ୟ ଯେ, ୨୦୦୬ ମସିହାରେ ଲୋକଲୋଚନକୁ ଆସିଥିବା ଉତ୍ତର ପ୍ରଦେଶ ନୋଏଡା ନିଠାରୀ ଗାଁର ନରସଂହାର, ଗଣଦୁଷ୍କର୍ମ ଘଟଣାରେ ମନିନ୍ଦରସିଂହ ପାନ୍ଧେର ଓ ତାର ଘରୋଇ ସହାୟକ ସୁରେନ୍ଦ୍ର କୋଲିକୁ ଗିରଫ କରାଯାଇଥିଲା । ସେତେବେଳେ ଏହି ଘଟଣା କେବଳ ଭରତ କାହିଁକି ସାରା ବିଶ୍ୱରେ ବି ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥିଲା । ପାନ୍ଧେର ଓ କୋଲି ରହୁଥିବା ନିଠାରୀର ଏହି ବଂଲୋ ଡି-୫ ନିକଟରେ ଯାଇଥିବା ଡ୍ରେନରୁ ପ୍ରାୟ ୧୯ ଜଣ ଶିଶୁଙ୍କ ଅସ୍ଥି କଙ୍କାଳ, ଖପୁରୀ, ପୋଷାକ, ଜୋତା ଆଦି ଜବତ ହେବା ପରେ ଘଟଣାକୁ ନେଇ ଚାରିଆଡେ ଚହଳ ପଡିଗଲା । ଉଭୟ ଅଭିଯୁକ୍ତ ଗିରଫ ହୋଇଥିଲେ । ୨୦୨୫ ମସିହାରେ ସୁପ୍ରିମ କୋର୍ଟଙ୍କ ଅନ୍ତିମ ରାୟରେ କୋଲିକୁ ଦୋଷମୁକ୍ତ କରାଯାଇଥିଲା । ଅଭିଯୁକ୍ତ ବିରୁଦ୍ଧରେ ସିବିଆଇ ଠୋସ୍ ପ୍ରମାଣ ଯୋଗାଡ଼ କରିବାରେ ଅସମର୍ଥ ହେବାରୁ କୋଲି ଦୋଷମୁକ୍ତ ହୋଇଥିବା କୋର୍ଟ ସେତେବେଳେ କହିଥିଲେ । ଜେଲ୍‌ରୁ ମୁକୁଳିବା ପରେ କୋଲି ଉତ୍ତରାଖଣ୍ଡ ହରିଦ୍ୱାର ଆସି ସେଠାରେ ଏକ ଚା ଦୋକାନ କରି ଚଳୁଥିଲା ।



# ଯଯାତିଙ୍କୁ ଅକାଳ ବାର୍ଦ୍ଧକ୍ୟ



ଦୈତ୍ୟରାଜ ବୃଷପର୍ବାଙ୍କ କନ୍ୟା ଥିଲେ ଶର୍ମିଷ୍ଠା ଓ ଦେବଯାନୀ ଥିଲେ ଦୈତ୍ୟଗୁରୁ ଶୁକ୍ରାଚାର୍ଯ୍ୟଙ୍କ କନ୍ୟା। ବୃଷପର୍ବାଙ୍କ ନିକଟରେ ପିତା ରହୁଥିବା କାରଣରୁ ଦେବଯାନୀ ଓ ଶର୍ମିଷ୍ଠାଙ୍କ ମଧ୍ୟରେ ନିବିଡ଼ ସମ୍ପର୍କ ଥିଲା। ଦୁହିଁଙ୍କ ମଧ୍ୟରେ ଅନ୍ତରଙ୍ଗତା ଯେ ସାମାନ୍ୟ ଘଟଣାକୁ ନେଇ ଶତ୍ରୁତାରେ ପରିଣତ ହେବ ତାହା ଦେବଯାନୀ ସ୍ୱପ୍ନରେ ସୁଦ୍ଧା ଭାବି ନଥିଲେ। ନିବିଡ଼ ସମ୍ପର୍କକୁ ଜଳାଞ୍ଜଳି ଦେଇ ବାନ୍ଧବୀ ଶର୍ମିଷ୍ଠା ନିଜ ବଡ଼ପଣ ଜାହିର କରିବାକୁ ଯାଇ ଅବିଶ୍ୱସନୀୟ ଶାସ୍ତି ଦେଇଥିଲେ ଦେବଯାନୀଙ୍କୁ ଏକ ମାମୁଲି ପ୍ରସଙ୍ଗରେ। ଦୁହେଁ ଏକତ୍ର ସ୍ନାନ କରିବାକୁ ଯାଇଥିଲେ। ଅଜାଣତରେ ଶର୍ମିଷ୍ଠାଙ୍କ ଶାଢ଼ି ପରିଧାନ କରିଦେଇଥିଲେ ଦେବଯାନୀ। ଏଥିରେ ଭୟଙ୍କର ଉତ୍‌କ୍ଷିପ୍ତ ହୋଇ ଶର୍ମିଷ୍ଠା, ନିଷ୍ଠୁରତାର ଚରମସୀମାକୁ ଯାଇ ଏକ କୂଅ ମଧ୍ୟରେ ଦେବଯାନୀଙ୍କୁ ପକାଇ ଦେଇ ଘରକୁ ଚାଲିଆସିଥିଲେ। ବିଧିର ନିର୍ଦ୍ଦେଶ ଥିଲା ଭିନ୍ନ ପ୍ରକାର। ଏହି ସମୟରେ ମୃଗୟା ଉଦ୍ଦେଶ୍ୟରେ ଆସିଥିବା ନହୁଷ ରାଜାଙ୍କ ପୁତ୍ର ଯଯାତି ସେହି ବାଟ ଦେଇ ଯାଉଥିବା ସମୟରେ କୂପ ମଧ୍ୟରେ ଦେବଯାନୀଙ୍କୁ ଦେଖି ତାଙ୍କୁ ଉଦ୍ଧାର କରିଥିଲେ। ଦେବଯାନୀ ଏହି ଅପ୍ରୀତିକର ଘଟଣା ସମ୍ପର୍କରେ ପିତା ଦୈତ୍ୟଗୁରୁ ଶୁକ୍ରାଚାର୍ଯ୍ୟଙ୍କୁ କହିଥିଲେ। ଦୈତ୍ୟଗୁରୁ ଏଥିରେ ବ୍ୟଥିତ ହୋଇ ବୃଷପର୍ବାଙ୍କଠାରୁ ଦୂରେଇ ଯିବାକୁ କଠୋର ନିଷ୍ପତ୍ତି ନେଇଥିଲେ କନ୍ୟାର ସୁରକ୍ଷା ଦୃଷ୍ଟିରୁ। ତାଙ୍କୁ ତ୍ୟାଗ କରି ଚାଲିଯିବା ନିମନ୍ତେ ସିଦ୍ଧାନ୍ତ ନେଇଥିଲେ। ଶୁକ୍ରାଚାର୍ଯ୍ୟଙ୍କ ଏଭଳି କଠୋର ନିଷ୍ପତ୍ତିରେ ବିଚଳିତ ହୋଇପଡ଼ିଥିଲେ ବୃଷପର୍ବା। ଅନେକ ଅନୁନୟ ବିନୟ କରିଥିଲେ ଏହି ନିଷ୍ପତ୍ତି ପ୍ରତ୍ୟାହାର କରିବା ପାଇଁ। ଶେଷରେ ଦୈତ୍ୟଗୁରୁ ରାଜି ହୋଇଥିଲେ; ହେଲେ ସର୍ତ୍ତ ଥିଲା ଦେବଯାନୀଙ୍କୁ ପ୍ରସନ୍ନ କରାଇବା। ଦେବଯାନୀ ସର୍ତ୍ତ ରଖିଥିଲେ ଅତି କଠୋର। ସାମାନ୍ୟ ଶାଢ଼ି ବଦଳ ଘଟଣାରେ ଏଭଳି ଅବିମୃଶ୍ୟକାରୀ ନିଷ୍ପତ୍ତିକୁ ସହଜରେ ଗ୍ରହଣ କରିପାରିନଥିଲେ ଦେବଯାନୀ। ଶର୍ମିଷ୍ଠାଙ୍କ ପିତାଙ୍କୁ ଜଣାଇ ଦେଇଥିଲେ ଯଦି ସେ ମୋର ଦାସୀ ହୋଇ ରହିବେ ମୁଁ ପ୍ରସନ୍ନ ହୋଇ କ୍ଷମା ଦେଇପାରିବି। ଏହାକୁ ଅଙ୍ଗୀକାର କରିଥିଲେ ବୃଷପର୍ବା। ଏବେ ଦେବଯାନୀ ବିବାହ କରିଥିଲେ ଯଯାତିଙ୍କୁ ଓ ତାଙ୍କ ସହ ଦାସୀ ଭାବରେ ନଅରକୁ ଯାଇଥିଲେ ଶର୍ମିଷ୍ଠା। ପରବର୍ତ୍ତୀ ସମୟରେ ଯଯାତି ଶର୍ମିଷ୍ଠାଙ୍କ ପ୍ରତି ଆସକ୍ତ ହୋଇ ଗୋପନରେ ବିବାହ କରିଥିଲେ। ଶର୍ମିଷ୍ଠାଙ୍କ ଗର୍ଭରୁ ତିନିପୁଅ ଜନ୍ମ ହୋଇଥିଲେ। ବିଡ଼ମ୍ବନାର ବିଷୟ ଥିଲା- ଗୋପନ ବିବାହ ସମ୍ପର୍କରେ ଦେବଯାନୀ ଜାଣିପାରି ପିତା ଶୁକ୍ରାଚାର୍ଯ୍ୟଙ୍କୁ ଅବଗତ କରାଇଥିଲେ। କ୍ରୋଧିତ ହୋଇ ଯଯାତିଙ୍କୁ ଅଭିଶାପ ଦେଇଥିଲେ ଦୈତ୍ୟଗୁରୁ ଯାହା ଯୋଗୁଁ ଯଯାତି ଅକାଳ ବାର୍ଦ୍ଧକ୍ୟପ୍ରାପ୍ତ ହୋଇଥିଲେ।





## ଆମ ମାଲିକାନାରେ ପୂରାଜଗତ

ପୁରା ଜଗତ ଆମ ମାଲିକାନାର ଅଟେ। ଆମେ 'ନିଜେ' ହିଁ ବ୍ରହ୍ମାଣ୍ଡର ମାଲିକ। ତଥାପି ଆମକୁ ଦୁଃଖ କାହିଁକି ଭୋଗିବାକୁ ପଡ଼ିଲା, ଏହା ଖୋଜି ବାହାର କର ନା? ଏ ତ ନିଜେ ନିଜର ହିଁ ଭୁଲ୍ ଦ୍ୱାରା ବନ୍ଧା ହୋଇଛେ। ଲୋକମାନେ ଆସି ବାନ୍ଧି ନାହାନ୍ତି। ସେ ଭୁଲ୍ ଶେଷ ହୋଇଯିବ ତେବେ ପୁଣି ମୁକ୍ତ। ଆଉ ବାସ୍ତବରେ ତ ମୁକ୍ତ ହିଁ ଅଛେ, କିନ୍ତୁ ଭୁଲ୍ ଯୋଗୁଁ ବନ୍ଧନ ଭୋଗୁଛେ। ଏ ନିଜେ ହିଁ ନ୍ୟାୟାଧୀଶ, ନିଜେ ହିଁ ଦୋଷୀ, ଏବଂ ନିଜେ ହିଁ ଓକିଲ, ତେବେ ନ୍ୟାୟ କାହା ପକ୍ଷରେ ଯିବ? ନିଜ ପକ୍ଷରେ ହିଁ। ପୁଣି ନିଜେ ନିଜ ପସନ୍ଦର ହିଁ ନ୍ୟାୟ କରିବ ନା! ତେଣୁ ନିଜେ ନିରନ୍ତର ଭୁଲ୍ ହିଁ କରି ଚାଲିଥାଏ। ଏହିପରି ଜୀବ ବନ୍ଧନରେ ଆସେ। ଭିତରର ନ୍ୟାୟାଧୀଶ କୁହନ୍ତି ଯେ ତୁମର ଭୁଲ୍ ହୋଇଛି। ପୁଣି ଭିତରର ଓକିଲ ଓକିଲାତି କରେ ଯେ, ଏଥିରେ ମୋର କ'ଣ ଦୋଷ? ଏପରି କରି ନିଜେ ହିଁ ବନ୍ଧନରେ ଆସେ। ନିଜର ଆତ୍ମହିତ ହେତୁ ଜାଣିନେବା ଉଚିତ୍ ଯେ, କାହା ଦୋଷ ଯୋଗୁଁ ବନ୍ଧନ ଅଛି? ଯିଏ ଭୋଗୁଛି, ତା'ର ହିଁ ଦୋଷ। ଲୋକଭାଷାରେ ଦେଖିବା ତେବେ ଅନ୍ୟାୟ ଅଟେ କିନ୍ତୁ ଭଗବାନଙ୍କ ଭାଷାର ନ୍ୟାୟ ତ ଏହା ହିଁ କୁହେ ଯେ, 'ଯିଏ ଭୋଗେ ତା'ର ଭୁଲ୍।' ଏହି ନ୍ୟାୟରେ ତ ବାହାରର ନ୍ୟାୟାଧୀଶର କାମ ହିଁ ନାହିଁ। ଜଗତର ବାସ୍ତବିକତାର ରହସ୍ୟଜ୍ଞାନ ଲୋକମାନଙ୍କ ଲକ୍ଷ୍ୟରେ ହିଁ ନାହିଁ ଆଉ ଯାହାପାଇଁ ଭଟକିବାକୁ ପଡୁଛି, ସେ ଅଜ୍ଞାନ-ଜ୍ଞାନ ବିଷୟରେ ତ ସମସ୍ତଙ୍କୁ ଜଣା। ଏ ପକେଟ୍‌ମାର ହେଲା, ସେଥିରେ ଭୁଲ୍ କାହାର?

# ଧାର୍ମିକତାର ପଥ

## ଲଙ୍କେଶଙ୍କ ରାଣୀ

ହିନ୍ଦୁ ମହାକାବ୍ୟ ରାମାୟଣ ଅନୁସାରେ, ମନ୍ଦୋଦରୀ ଲଙ୍କାର ରାଜା ରାବଣଙ୍କ ରାଣୀ ପତ୍ନୀ ଥିଲେ। ରାମାୟଣ ତାଙ୍କୁ ସୁନ୍ଦର, ଧାର୍ମିକ ଏବଂ ଧାର୍ମିକ ଭାବରେ ବର୍ଣ୍ଣନା କରେ। ତାଙ୍କୁ ପଞ୍ଚକନ୍ୟାମାନଙ୍କ ମଧ୍ୟରୁ ଜଣେ ଭାବରେ ପ୍ରଶଂସା କରାଯାଏ, ଯାହାଙ୍କ ନାମର ଆବୃତ୍ତି ପାପ ଦୂର କରେ ବୋଲି ବିଶ୍ୱାସ କରାଯାଏ। ମନ୍ଦୋଦରୀ ଅସୁର (ଦାନବ) ଏବଂ ଅପସରା (ସ୍ୱର୍ଗୀୟ ଅପସ୍ମାର) ହେମାଙ୍କ କନ୍ୟା ଥିଲେ। ସେ ରାବଣଙ୍କୁ ବିବାହ କରନ୍ତି ଏବଂ ଚାରି ପୁତ୍ର ଜନ୍ମ କରନ୍ତି: ମେଘନାଦ (ଇନ୍ଦ୍ରଜିତ), ଅହିରାବଣ, ଅତିକାୟ ଏବଂ ଅକ୍ଷୟକୁମାର। ତାଙ୍କ ସ୍ୱାମୀଙ୍କ ଦୋଷ ସତ୍ତ୍ୱେ, ମନ୍ଦୋଦରୀ ତାଙ୍କୁ ଭଲ ପାଆନ୍ତି ଏବଂ ଧାର୍ମିକତାର ପଥ ଅନୁସରଣ କରିବାକୁ ପରାମର୍ଶ ଦିଅନ୍ତି। ସେ ବାରମ୍ବାର ରାବଣଙ୍କୁ ସୀତାଙ୍କୁ ରାମଙ୍କ ନିକଟକୁ ଫେରାଇ ଦେବାକୁ ପରାମର୍ଶ ଦିଅନ୍ତି, କିନ୍ତୁ ତାଙ୍କ ପରାମର୍ଶ ବଧିର କାନରେ ପଡ଼ିଯାଏ। ରାମାୟଣରେ ରାବଣଙ୍କ ପ୍ରତି ତାଙ୍କର ପ୍ରେମ ଏବଂ ବିଶ୍ୱସ୍ତତାର ପ୍ରଶଂସା କରାଯାଇଛି। ରାମାୟଣର ଏକ ସଂସ୍କରଣରେ, ହନୁମାନ ତାଙ୍କୁ କୌଶଳରେ ରାମ ରାବଣଙ୍କୁ ହତ୍ୟା କରିବା ପାଇଁ ବ୍ୟବହାର କରୁଥିବା ଏକ ଯାଦୁକରୀ ତୀରର ସ୍ଥାନ ପ୍ରକାଶ କରିବାକୁ ପ୍ରବର୍ତ୍ତାନ୍ତି। ରାମାୟଣର ଅନେକ ସଂସ୍କରଣରେ କୁହାଯାଇଛି ଯେ ରାବଣର ମୃତ୍ୟୁ ପରେ, ବିଭୀଷଣ - ରାବଣଙ୍କ ସାନ ଭାଇ ଯିଏ ରାମଙ୍କ ସହ ମିଶିଥାନ୍ତି, ସେ ମନ୍ଦୋଦରୀଙ୍କ ପରାମର୍ଶରେ ଏପରି କରନ୍ତି।

### ଜନ୍ମ ଏବଂ ପ୍ରାରମ୍ଭିକ ଜୀବନ:

ରାମାୟଣର ଉତ୍ତରା କାଣ୍ଡରେ ଉଲ୍ଲେଖ ଅଛି ଯେ ମାୟାସୁର ସ୍ୱର୍ଗ (ସ୍ୱର୍ଗ) ପରିଦର୍ଶନ କରିଥିଲେ, ଯେଉଁଠାରେ ଦେବତାମାନେ ତାଙ୍କୁ ଅପସରା ହେମାଙ୍କୁ ଦେଇଥିଲେ। ସେମାନଙ୍କର ଦୁଇ ପୁଅ, ମାୟାବୀ ଏବଂ ଦୁନ୍ଦୁଭି ଏବଂ ଗୋଟିଏ ଝିଅ, ମନ୍ଦୋଦରୀ ଥିଲେ। ପରେ, ହେମା ସ୍ୱର୍ଗକୁ ଫେରିଗଲେ; ମନ୍ଦୋଦରୀ ଏବଂ ତାଙ୍କ ଭାଇଭଉଣୀମାନେ ସେମାନଙ୍କ ପିତାଙ୍କ ପାଖରେ ରହିଗଲେ। ମନ୍ଦୋଦରୀଙ୍କ ଜନ୍ମ ବିଷୟରେ ବିଭିନ୍ନ ବର୍ଣ୍ଣନା ଅଛି। ତେଲୁଗୁ ଗ୍ରନ୍ଥ ଉତ୍ତରା ରାମାୟଣରେ ଉଲ୍ଲେଖ ଅଛି ଯେ ମାୟାସୁର ଅପସରା ହେମାଙ୍କ ସହିତ ବିବାହ କରିଛନ୍ତି। ସେମାନଙ୍କର ଦୁଇଟି ପୁଅ, ମାୟାବୀ ଏବଂ ଦୁନ୍ଦୁଭି ଅଛନ୍ତି, କିନ୍ତୁ ସେମାନେ ଏକ କନ୍ୟା ପାଇଁ ଆଗ୍ରହୀ, ତେଣୁ ସେମାନେ ଦେବତା ଶିବଙ୍କ କୃପା ପାଇବା ପାଇଁ ତପସ୍ୟା କରିବା ଆରମ୍ଭ କରନ୍ତି। ଏହି ସମୟରେ, ମଧୁରା ନାମକ ଏକ ଅପସରା ଶିବଙ୍କ ବାସସ୍ଥାନ କୈଳାସ ପର୍ବତରେ ପହଞ୍ଚି ତାଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରନ୍ତି। ତାଙ୍କ ପତ୍ନୀ ପାର୍ବତୀଙ୍କ ଅନୁପସ୍ଥିତିରେ, ମଧୁରା ଦେବତାଙ୍କ ସହିତ ପ୍ରେମ କରନ୍ତି। ପାର୍ବତୀ ଫେରି ଆସିବା ପରେ, ସେ ମଧୁରାଙ୍କ ଛାତିରେ ତାଙ୍କ ସ୍ୱାମୀଙ୍କ ଶରୀରରୁ ପାଉଁଶର ଚିହ୍ନ ପାଆନ୍ତି। ଏଥିରେ ଉତ୍ତେଜିତ ହୋଇ ପାର୍ବତୀ ମଧୁରାଙ୍କୁ ଅଭିଶାପ ଦିଅନ୍ତି ଏବଂ ତାଙ୍କୁ ବାର ବର୍ଷ ପାଇଁ ଏକ କୂଅରେ ବେଙ୍ଗ ଭାବରେ ରହିବାକୁ ପଠାନ୍ତି। ଶିବ ମଧୁରାଙ୍କୁ କହିଥିଲେ ଯେ ସେ ଜଣେ ସୁନ୍ଦରୀ ମହିଳା ହେବେ ଏବଂ ଜଣେ ମହାନ ବୀର ପୁରୁଷଙ୍କ ସହିତ ବିବାହ କରିବେ। ବାର ବର୍ଷ ପରେ, ମଧୁରା ପୁଣି ଏକ ସୁନ୍ଦରୀ କନ୍ୟା ହୋଇ କୂଅରୁ ଜୋରରେ ଡାକୁଛନ୍ତି। ପାଖରେ ତପସ୍ୟା କରୁଥିବା ମାୟାସୁର ଏବଂ ହେମା ତାଙ୍କ ଡାକରାକୁ ଉତ୍ତର ଦିଅନ୍ତି ଏବଂ ତାଙ୍କୁ ନିଜ କନ୍ୟା ଭାବରେ ଗ୍ରହଣ କରନ୍ତି। ସେମାନେ ତାଙ୍କୁ ମନ୍ଦୋଦରୀ ଭାବରେ ପାଳନ କରନ୍ତି। ଏହି ସଂସ୍କରଣରେ, ରାକ୍ଷସ-ରାଜା ରାବଣ ଏବଂ ମନ୍ଦୋଦରୀଙ୍କ ପୁତ୍ର ମେଘନାଦ ମନ୍ଦୋଦରୀଙ୍କ ଶରୀରରେ ନିହିତ ଶିବଙ୍କ ବୀଜରୁ ଉତ୍ପନ୍ନ ହୋଇଥିବା କୁହାଯାଏ।





### ରାବଣଙ୍କ ସହିତ ବିବାହ:

ରାବଣ ମାୟାସୁରର ଘରକୁ ଆସି ମନ୍ଦୋଦରୀଙ୍କ ପ୍ରେମରେ ପଡ଼ିଯାଆନ୍ତି। ମନ୍ଦୋଦରୀ ଏବଂ ରାବଣ ଖୁବ୍ ଶୀଘ୍ର ବୈଦିକ ରୀତିନୀତି ସହିତ ବିବାହ କରନ୍ତି। ମନ୍ଦୋଦରୀ ରାବଣଙ୍କ ତିନି ପୁତ୍ର ଜନ୍ମ କରନ୍ତି: ମେଘନାଦ (ଇନ୍ଦ୍ରଜିତ), ଅତିକାୟ ଏବଂ ଅକ୍ଷୟକୁମାର। ଯୋଧପୁରରୁ ୯ କିଲୋମିଟର ଉତ୍ତରରେ ଅବସ୍ଥିତ ଏକ ସହର ମାଣ୍ଡୋରକୁ ମନ୍ଦୋଦରୀଙ୍କ ଜନ୍ମସ୍ଥାନ ବୋଲି ବିଶ୍ୱାସ କରାଯାଏ। କିଛି ସ୍ଥାନୀୟ ବ୍ରାହ୍ମଣଙ୍କ ମଧ୍ୟରେ ରାବଣଙ୍କୁ ଜାମାତା ଭାବରେ ବ୍ୟବହାର କରାଯାଏ ଏବଂ ଏଠାରେ ତାଙ୍କ ପାଇଁ ଏକ ମନ୍ଦିର ମଧ୍ୟ ଅଛି। ରାବଣର ଦୋଷ ସତ୍ତ୍ୱେ, ମନ୍ଦୋଦରୀ ତାଙ୍କୁ ଭଲ ପାଆନ୍ତି ଏବଂ ତାଙ୍କ ଶକ୍ତି ଉପରେ ଗର୍ବିତ। ସେ ରାବଣଙ୍କ ମହିଳାଙ୍କ ପ୍ରତି ଦୁର୍ବଳତା ବିଷୟରେ ଅବଗତ। ଜଣେ ଧାର୍ମିକ ମହିଳା, ମନ୍ଦୋଦରୀ ରାବଣଙ୍କୁ ଧାର୍ମିକତା ଆଡ଼କୁ ନେଇଯିବାକୁ ଚେଷ୍ଟା କରନ୍ତି, କିନ୍ତୁ ରାବଣ ସର୍ବଦା ତାଙ୍କ ପରାମର୍ଶକୁ ଅଣଦେଖା କରନ୍ତି। ସେ ତାଙ୍କୁ ନବଗ୍ରହ, ନଅଟି ସ୍ୱର୍ଗୀୟ ପ୍ରାଣୀଙ୍କୁ ବଶ ନକରିବାକୁ ଏବଂ ସୀତା ଭାବରେ ପୁନର୍ଜନ୍ମ ଗ୍ରହଣ କରି ରାବଣର ବିନାଶ ଘଟାଇବେ ବୋଲି ବେଦବତୀଙ୍କୁ ପ୍ରଲୋଭିତ ନ କରିବାକୁ ପରାମର୍ଶ ଦିଅନ୍ତି।

# ଦକ୍ଷିଣ ଭାରତର ବନାରସ

ଅବସ୍ଥାନ: ତାମିଲନାଡୁର ପାମ୍ବନ ଦ୍ୱୀପରେ

ଦେବତା: ଭଗବାନ ଶିବ ଏଠାରେ ରାମନାଥସ୍ୱାମୀ ରୂପରେ ପୂଜା ପାଉଛନ୍ତି

ମହତ୍ତ୍ୱ: ରାମେଶ୍ୱରମ୍ ୧୨ଟି ଜ୍ୟୋତିର୍ଲିଙ୍ଗ ମଧ୍ୟରୁ ଗୋଟିଏ। ରାମାୟଣ ଅନୁସାରେ, ପ୍ରଭୁ ରାମଚନ୍ଦ୍ର ଲଙ୍କା ଯାତ୍ରା ପୂର୍ବରୁ ଏଠାରେ ଶିବଲିଙ୍ଗ ସ୍ଥାପନ କରିଥିଲେ। ଏହା ଶୈବ ଓ ବୈଷ୍ଣବ ସମ୍ପ୍ରଦାୟର ମିଳନ ସ୍ଥଳ। ବିଶେଷତା: ମନ୍ଦିରରେ ୨୨ଟି ପବିତ୍ର କୂଅ (ତୀର୍ଥ) ରହିଛି, ଯେଉଁଥିରେ ସ୍ନାନ କରି ଭକ୍ତମାନେ ପୁଣ୍ୟ ଲାଭ କରନ୍ତି। ଏହି ମନ୍ଦିର ବିଶ୍ୱର ଦୀର୍ଘତମ ମନ୍ଦିର ମଧ୍ୟରୁ ଗୋଟିଏ। ଐତିହାସିକ ମହତ୍ତ୍ୱ: ରାମେଶ୍ୱରମ୍ ରାମାୟଣର ଏକ ପ୍ରମୁଖ ସ୍ଥାନ। ନିକଟସ୍ଥ ରାମସେତୁ (ଆଦମ ସେତୁ) ଐତିହାସିକ ଓ ପୌରାଣିକ ମହତ୍ତ୍ୱ ରଖେ।



ତାମିଲନାଡୁର ରାମନାଥପୁରମ ଜିଲ୍ଲା ଅନ୍ତର୍ଗତ ପମ୍ବନ ଦ୍ୱୀପାଞ୍ଚଳସ୍ଥିତ ରାମେଶ୍ୱରମ ଏକ ପବିତ୍ର ସହର। ଏହି ସହର ଭାରତର ଏକ ପ୍ରମୁଖ ତୀର୍ଥକ୍ଷେତ୍ର ତଥା ପର୍ଯ୍ୟଟନସ୍ଥଳ ଭାବେ ପରିଗଣିତ ହୋଇଆସୁଛି। ଏଠାରେ ପ୍ରସିଦ୍ଧ ରାମନାଥସ୍ୱାମୀ ମନ୍ଦିର ଅବସ୍ଥିତ। ଭାରତର ପ୍ରସିଦ୍ଧ ଚାରି ଧାମ ମଧ୍ୟରେ ରାମେଶ୍ୱରମର ସ୍ଥାନ ସ୍ୱତନ୍ତ୍ର। ଏଠାରେ ରହିଛି ଏକ ବୃହଦାକର ଜ୍ୟୋତିର୍ଲିଙ୍ଗ। ରାମେଶ୍ୱରମକୁ ଦକ୍ଷିଣ ଭାରତର ବନାରସ ବୋଲି କୁହାଯାଏ। ସହର ନାମ ଅନୁସାରେ ନାମ ହୋଇଛି ରାମେଶ୍ୱରମ୍ ଦ୍ୱୀପ।ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ଯେଉଁ ସମୁଦ୍ର ରହିଛି ତାହା ଉପରେ ସେତୁ ଥିବାରୁ ଏହାର ନାମକରଣ ହୋଇଛି ସେତୁ ସମୁଦ୍ରମ। ରାମେଶ୍ୱରମ ଅଭ୍ୟନ୍ତରରେ ଏବଂ ବାହାରେ ରହିଛି ୬୪ଟି ପବିତ୍ର ଜଳାଶୟ। ପୁରାଣ ଅନୁସାରେ ଏଗୁଡିକ ମଧ୍ୟରୁ ୨୪ଟିର ମହିମା ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ।ଏହି ସବୁ ଜଳାଶୟର ଜଳର ସ୍ୱାଦ ଭିନ୍ନଭିନ୍ନ। ଏବଂ ଏଠାରେ ଥିବା ଗନ୍ଧମାର୍ଦ୍ଦନ ପର୍ବତ, ସେତୁକରାଇ, ରାମେଶ୍ୱରମ ବେଳାଭୂମି, ପମ୍ବନ ରେଳ ସେତୁ, ଧନୁଷକୋଡ଼ି, ଅଗ୍ନିତୀର୍ଥ, ଏରୱାଡ଼ି ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥାଏ।

ହିନ୍ଦୁ ପୁରାଣ ଅନୁସାରେ ଲଙ୍କାର ଦୁଷ୍ଟ ରାକ୍ଷସ,ରାବଣ କବଳରୁ ସୀତାଙ୍କୁ ଉଦ୍ଧାର କରିବାପାଇଁ ରାମଙ୍କୁ ରାମେଶ୍ୱରମରୁ ଶ୍ରୀଲଙ୍କା (ଲଙ୍କା) ପର୍ଯ୍ୟନ୍ତ ଏକ ସେତୁ ନିର୍ମାଣ କରିବାକୁ ପଡ଼ିଥିଲା। ଏଥିପାଇଁ ସେ ବାନର ସେନାର ସହଯୋଗ ମଧ୍ୟ ଲୋଡିଥିଲେ। ବିଷ୍ଣୁଙ୍କର ସପ୍ତମ ଅବତାର ହେଉଛନ୍ତି ରାମ। ରାମଙ୍କ ଈଶ୍ୱର ରାମେଶ୍ୱର ଭାବେ ସର୍ବବିଦିତ ହୁଅନ୍ତି ଶିବ।

ରାମେଶ୍ୱର ସହରର କେନ୍ଦ୍ରସ୍ଥଳରେ ରହିଛି ସ୍ୱାମୀନାଥ ମନ୍ଦିର।ଏହି ମନ୍ଦିରରେ ରାମେଶ୍ୱର ପୂଜା ପାଆନ୍ତି।ଏଥିପାଇଁ ସହରର ନାମ ହୋଇଛି ରାମେଶ୍ୱରମ୍।ଦ୍ୱାଦଶ ଶତାବ୍ଦୀରେ ପାଣ୍ଡ୍ୟ ରାଜବଂଶଦ୍ୱାରା ରାମନାଥସ୍ୱାମୀ



# ଗୁରୁ-ଦକ୍ଷିଣା



ଜଣେ ଯୁବକ ଜ୍ଞାନ-ପ୍ରାପ୍ତି ପାଇଁ ଋଷିଙ୍କ ପାଖକୁ ଗଲା। ବହୁତ ଦିନ ଧରି ତାଙ୍କ ସହିତ ରହି ଜ୍ଞାନ ଲାଭ କଲା। ଯେତେବେଳେ ଘରକୁ ଫେରିବାର ବେଳ ହେଲା, ତାକୁ ନିଜର ଗୁରୁଙ୍କ ଦକ୍ଷିଣା ଦେବା ପାଇଁ ମନ ହେଲା। ଗୁରୁ-ଦକ୍ଷିଣା ରୂପରେ ଋଷି ଗୋଟିଏ ଏମିତି ଜିନିଷ ମାଗିଲେ ଯାହା ପୂରା ବ୍ୟର୍ଥ ହୋଇଥିବ। ଏବେ ଶିଷ୍ୟ ବ୍ୟର୍ଥ ଜିନିଷ ଖୋଜିବା ପାଇଁ ବାହାରି ପଡ଼ିଲା। ଶିଷ୍ୟ ଯେତେବେଳେ ମାଟି ଆଡ଼କୁ ହାତ ବଢ଼େଇଲା। ସେ ସମୟରେ ମାଟି ଚିହିଁକି ପଡ଼ି କହିଲା, ତୁମେ ମୋତେ ବ୍ୟର୍ଥ ଭାବୁଛ ଧରା ପୃଷ୍ଠରେ ସବୁ ବୈଭବ ମୋ ଗର୍ଭରୁ ହିଁ ପ୍ରକଟ ହୋଇଥାଏ। କିଛି ଦୂରରେ ଗୋଟିଏ ପଥର ଥିଲା, ଯେମିତି ସେ ପଥର ଆଡ଼କୁ ହାତ ବଢ଼େଇଲା ପଥର କହିଲା- ତୁମେ ଜ୍ଞାନୀ ହୋଇ ମୋତେ ବେକାର ଭାବୁଛ ଏହି ଭବନ, ନଦୀ, ନାଳ, ପର୍ବତରେ କ'ଣ ମୁଁ ନାହିଁ ତୁମେ ମୋତେ କାହିଁକି ବ୍ୟର୍ଥ ଭାବୁଛ ବୁଲି ବୁଲି ଶେଷରେ ଅଳିଆ ଗଦା ମିଳିଲା। ପାଖକୁ ଗଲା ବେଳେ ତା' ମନରେ ଘୃଣା ଭାବ ଆସିବାକୁ ଲାଗିଲା। ସେ ଅଳିଆ ଗଦା ଦିଗରେ ହାତ ବଢ଼େଇଲା ବେଳକୁ ଅଳିଆ ଗଦା କହିଲା, କ'ଣ ମୋଠୁ ଭଲ ସାର ଏ ଧରା ପୃଷ୍ଠରେ ମିଳିବ ଏଠି ଅନ୍ନ, ଫଳ ସବୁ ଲୁକ୍‌କାୟିତ ଅଛି, ଆଉ ତୁମେ ମୋତେ ବ୍ୟର୍ଥ ଭାବୁଛ ସେ ଏବେ ଭାବିବାକୁ ଲାଗିଲା ମାଟି, ପଥର, ଅଳିଆ ଗଦା ଯଦି ଏତେ ମୂଲ୍ୟବାନ ତା'ହେଲେ ବ୍ୟର୍ଥ କ'ଣ ଠିକ୍ ସେତିକି ବେଳକୁ ତା' ମନରେ ଗୋଟିଏ ଶବ୍ଦ ଗୁଞ୍ଜରିତ ହେବାକୁ ଲାଗିଲା, ଏ ସୃଷ୍ଟିରେ ସବୁ ପଦାର୍ଥ ନିଜ ପାଇଁ ଉପଯୋଗୀ। ବ୍ୟର୍ଥ ଆଉ ତୁଚ୍ଛ ସେଇ ଯେ ଅନ୍ୟମାନଙ୍କୁ ବ୍ୟର୍ଥ ଆଉ ତୁଚ୍ଛ ବୁଝିଥାଏ।

## ଭଗବାନଙ୍କ କୃପା

ଶ୍ରୀମଦ୍ ଭାଗବତ ପୁରାଣରେ ଉଲ୍ଲେଖ ରହିଛି ଯେ କଳିଯୁଗରେ ଭଗବାନଙ୍କ କୃପା ଲାଭ କରିବା ଅନ୍ୟ ତିନି ଯୁଗ ଅପେକ୍ଷା ସରଳ । କାରଣ ଭଗବାନଙ୍କୁ ପ୍ରସନ୍ନ କରିବାର ସବୁଠୁ ସରଳ ଉପାୟ ସଂକୀର୍ତ୍ତନକୁ କଳିଯୁଗରେ ଭକ୍ତିର ମାଧ୍ୟମ କରାଯାଇଛି। ସତ୍ୟ ଯୁଗରେ ସମାଧି, ରୂପ, ଧ୍ୟାନ ଏବଂ ଯୋଗ ବଳରେ ଭଗବାନଙ୍କୁ ପ୍ରସନ୍ନ କରାଯାଉଥିଲା । ତ୍ରେତୟା ଯୁଗରେ ବଡ଼ ବଡ଼ ଯଜ୍ଞ ଏବଂ ଦ୍ୱାପର ଯୁଗରେ ବିଧିପୂର୍ବକ ପୂଜାର୍ଚ୍ଚନା ଦ୍ୱାରା ଭଗବାନ ପ୍ରସନ୍ନ ହେଉଥିଲେ । କଳିଯୁଗରେ କେବଳ ଈଶ୍ୱରଙ୍କ ନାମ ଜପ କରିବା ଦ୍ୱାରା ସେ ସହଜରେ ମିଳିଯାଆନ୍ତି । ତେବେ ଏଥିପାଇଁ ଈଶ୍ୱରଙ୍କ ପ୍ରତି ଗଭୀର ଆସ୍ଥା ଏବଂ ବିଶ୍ୱାସ ରଖିବା ଆବଶ୍ୟକ । ଏ ସମ୍ପର୍କରେ ଭଗବାନ ଶ୍ରୀକୃଷ୍ଣ ଶ୍ରୀମଦ୍ ଭାଗବତରେ କହିଛନ୍ତି... "ଯ ପଠତେ ପ୍ରଯତୋ ନିତ୍ୟଂ ଶ୍ଲୋକଂ ଭଗବତଂ ସୁତଃ । ଅଷ୍ଟଦଶପୁରାଣାନାଂ ଫଳମାପ୍ନୋତି ମାନବଃ ।" ଅର୍ଥାତ୍ ଯିଏ ପ୍ରତିଦିନ ପବିତ୍ର ମନରେ ଭାଗବତର ଗୋଟିଏ ଶ୍ଲୋକ ପାଠ କରିଥାଏ, ସେହି ପୁରୁଷ ଅଠରଟି ପୁରାଣ ପଢ଼ିବାର ପୁଣ୍ୟ ପ୍ରାପ୍ତି ହୋଇଥାଏ । ସେହିପରି ଭଗବାନ ଆହୁରି କହିଛନ୍ତି, "ନିତ୍ୟଂ ମମ କଥା ଯତ୍ର ତତ୍ର ତିଷ୍ଠନ୍ତି ବୈଷ୍ଣବଃ । କଳିବ୍ରହ୍ମା ନରାସ୍ତ ବୈ ଯେଦର୍ଚ୍ଚୟନ୍ତି ସଦା ମମ ।।" ଅର୍ଥାତ୍ ଯେଉଁଠି ପ୍ରତିଦିନ ମୋ କଥା ପାଠ କିମ୍ବା ଚର୍ଚ୍ଚା କରାଯାଏ, ସେଠାରେ ପ୍ରହ୍ଲାଦ ଆଦି ବିଷ୍ଣୁ ପାରିଷଦ ବିଦ୍ୟମାନ ଥାଆନ୍ତି । ଯେଉଁ ମନୁଷ୍ୟ ସର୍ବଦା ମୋର ଭାଗବତ ଶାସ୍ତ୍ରର ପୂଜା ଉପାସନା କରିଥାଏ, ସେ କଳିଯୁଗରେ ସବୁ ଅଧିକାର ପ୍ରାପ୍ତ କରିଥାଏ । ଏପରି ମନୁଷ୍ୟ ସର୍ବଦା କଳିଯୁଗର ପ୍ରଭାବରୁ ମୁକ୍ତ ହୋଇଥାଏ । "ଯତ୍ର ତତ୍ର ଭବେତ୍ ପୂର୍ଣ୍ଣଂ ଶାସ୍ତ୍ରଂ ଭାଗବତଂ କଳୌ । ତତ୍ର ତତ୍ର ସଦୈବାହଂ ଭବାମି ତ୍ରିଦଶୈଃ ସହା ।

# ଧାରଣା ପରେ ଛାତ୍ରଛାତ୍ରୀଙ୍କୁ ମିଳିଲା ପ୍ରମାଣପତ୍ର

ଭାପୁର,(ନି.ପ୍ର): ଭାପୁର ତହସିଲ କର୍ତ୍ତୃପକ୍ଷଙ୍କ ମନମାନୀକୁ ନେଇ ବିଭିନ୍ନ ସମୟରେ ଅଞ୍ଚଳବାସୀ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ଛାତ୍ରଛାତ୍ରୀମାନଙ୍କୁ ନିର୍ଦ୍ଧାରିତ ସମୟରେ ଜାତିଗତ ଓ ଅନ୍ୟାନ୍ୟ ପ୍ରମାଣପତ୍ର ପ୍ରଦାନରେ ଅବହେଳାକୁ ନେଇ ଅଭିଭାବକମାନେ ଅସନ୍ତୋଷ ପ୍ରକାଶ କରି ଆସୁଥିବା ଜଣାପଡିଛି। ଏଭଳି ଏକ ଘଟଣାକ୍ରମେ



ଜାତୀୟ ମେଧାବୃତ୍ତି ପରୀକ୍ଷା ନିମନ୍ତେ ଆବେଦନପତ୍ର ଦାଖଲ କରିବାର ଶେଷ ତାରିଖ ସେପ୍ଟେମ୍ବର ୧୭ ତାରିଖ ଥିବା ବେଳେ ଆବଶ୍ୟକୀୟ ଜାତିଗତ ପ୍ରମାଣପତ୍ର ପ୍ରାପ୍ତି ନିମନ୍ତେ ଛାତ୍ରଛାତ୍ରୀମାନେ ବହୁ ପୂର୍ବରୁ ଅନଲାଇନ ଜରିଆରେ ଆବେଦନ କରିଥିଲେ।ମାତ୍ର ଭାପୁର ତହସିଲ କର୍ତ୍ତୃପକ୍ଷ ପ୍ରମାଣପତ୍ର ପ୍ରଦାନରେ ବିଳମ୍ବ କରୁଥିବା ନେଇ ଆବେଦନକାରୀମାନେ ଅସନ୍ତୋଷ ପ୍ରକାଶ କରିଥିଲେ।ଏ ସଂପର୍କରେ ବାରମ୍ବାର ତହସିଲ ପ୍ରଶାସନର ଦୃଷ୍ଟି ଆକର୍ଷଣ କରି ନିରାଶ ହେବା ପରେ ଛାତ୍ରଛାତ୍ରୀମାନେ ଅଭିଭାବକଙ୍କ ସହ ଭାପୁର ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଗୁରୁବାର ଧାରଣା ଦେବା ପରେ ତହସିଲ କର୍ତ୍ତୃପକ୍ଷଙ୍କ ନିଦ ଭାଙ୍ଗିଥିଲା।ଭାପୁର ତହସିଲଦାର ଛାତ୍ରଛାତ୍ରୀଙ୍କୁ ବୁଝାଇ ଧାରଣାରୁ ଉଠାଇବା ସହ ସେମାନଙ୍କୁ ଆବଶ୍ୟକ ଜାତିଗତ ପ୍ରମାଣପତ୍ର ପ୍ରଦାନ କରିଥିବା ଜଣାଯାଇଛି।ଏହି ଘଟଣା ଏବେ ଭାପୁର ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ବାରମ୍ବାର କର୍ତ୍ତବ୍ୟରେ ଅବହେଳା ପ୍ରଦର୍ଶନ କରି ଆସୁଥିବା ଭାପୁର ତହସିଲ କର୍ତ୍ତୃପକ୍ଷଙ୍କ କାର୍ଯ୍ୟକଳାପ ପ୍ରତି ନୟାଗଡ ଜିଲ୍ଲାପାଳ ଓ ରାଜସ୍ୱ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି।

# 'ଏକ ପେଡ ମା' କେ ନାମ' ଜରିଆରେ ଚାରାରୋପଣ

କୃଷ୍ଣପ୍ରସାଦ,(ନିପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୬ ତମ ଜନ୍ମ ଦିନ ପାଳନ ଅବସରରେ କୃଷ୍ଣପ୍ରସାଦ ବ୍ଲକ ରମ୍ଭା ବନ୍ୟପ୍ରାଣୀ ବନାଞ୍ଚଳ ପିଟିଶାଳ ବିଟ ଅଧୀନ ସମୁଦ୍ର ଧକ୍କା ଠାରେ ଏକ ପେଡ ମା' କେ ନାମ କାର୍ଯ୍ୟକ୍ରମ ଜରିଆରେ ବ୍ୟାପକ ଚାରା ରୋପଣ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ରମ୍ଭା ବନାଞ୍ଚଳ ଅଧିକାରୀ ମାନସ ରଞ୍ଜନ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ



କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଚିଲିକା ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ଅମ୍ଲାନ ନାୟକ ଯୋଗଦେଇ ବୃକ୍ଷର ଉପକାରିତା ଓ ଆବଶ୍ୟକତା ସମ୍ପର୍କରେ ରାମଲେଙ୍କା ଏବଂ ବ୍ରାହ୍ମଣଦେଓ ଗ୍ରାମବାସୀଙ୍କୁ ସଚେତନ କରାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସହକାରୀ ବନ ସଂରକ୍ଷକ ରଞ୍ଜନ ବେହେରା, ରାମଲେଙ୍କା ପଞ୍ଚାୟତ ସରପଞ୍ଚ ସବିତା ବିଶ୍ୱାଳ, ପିଟିଶାଳ ବନପାଳ ଦୁର୍ଗା ଚରଣ ଟୁଡୁ,ନନ୍ଦଳା ବନପାଳ ଦିଲ୍ଲୀପ କୁମାର ସ୍ୱାଇଁ, ବନପାଳ ବଳରାମ ସାହୁ,ବନରକ୍ଷୀ ସନ୍ତୋଷ କୁମାର ସାହୁ, ସତ୍ୟ ରଞ୍ଜନ ରଥ, ସରାଗ ମାରାଣ୍ଡି ସମେତ ରମ୍ଭା ବନାଞ୍ଚଳର ସମସ୍ତ କର୍ମଚାରୀ, ସ୍ଥାନୀୟ ଗ୍ରାମବାସୀ କାର୍ଯ୍ୟକ୍ରମରେ ଯୋଗ ଦେଇ ଚାରା ରୋପଣ କରିଥିଲେ। ୨ହଜାରରୁ ଉର୍ଦ୍ଧ୍ୱ ସାମୁହିକ ଝାଉଁ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ପୋଖରୀରେ ବୁଡି ବୃଦ୍ଧ ମୃତ

ହିଞ୍ଜିଳିକାଟୁ,(ନିପ୍ର): ହିଞ୍ଜିଳିକାଟୁ ପୌରାଞ୍ଚଳ ତଥା ହିଞ୍ଜିଳି ଥାନା ହିଞ୍ଜିଳି ଦେଉଳ ବନ୍ଧରେ ବୁଡି ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ଜଣଙ୍କ ହେଲେ ହିଞ୍ଜିଳି ୧ ନଂ ୱାର୍ଡ ଗ୍ରାମଦେବତୀ ମାର୍ଗର କାମ୍ପ ନାୟକ (୬୮) । ବୃଦ୍ଧ ଜଣଙ୍କ ଶୁକ୍ରବାର ଅପରାହ୍ନରେ ସ୍ଥାନୀୟ ପୌର ପରିଷଦ କାର୍ଯ୍ୟାଳୟରୁ ବାର୍ଦ୍ଧକ୍ୟ ଭତ୍ତା ଆଣିବା ଘରକୁ ଫେରୁଥିଲେ। ଫେରିବା ସମୟରେ ହିଞ୍ଜିଳି ଦେଉଳ ବନ୍ଧକୁ ସ୍ନାନ କରିବାକୁ ଯାଇଥିଲେ। ସ୍ନାନ କରୁଥିବା ବେଳେ ଅସାବଧାନତା ବଶତଃ ଗୋଡ ଖସିଯିବାରୁ ପୋଖରୀ ପାଣିରେ ବୁଡି ଯାଇଥିଲେ। ଖବର ପାଇ ହିଞ୍ଜିଳିକାଟୁ ଅଗ୍ନିଶମ ବାହିନୀ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ପୋଖରୀ ପାଣିରୁ ବୃଦ୍ଧଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ହିଞ୍ଜିଳି ପୁଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିଛି। ଏ ନେଇ ଏକ ମାମଲା ରୁଜୁ କରି ବ୍ୟବଚ୍ଛେଦ ସକାଶେ ବ୍ରହ୍ମପୁର ବଡ ଡ଼ାକ୍ତରଖାନାକୁ ପଠାଇ ପୁଲିସ ଘଟଣାର ତଦନ୍ତ ଚଳାଇଛି।

# ୩୦ ୟୁନିଟ୍ ରକ୍ତ ସଂଗ୍ରହ

ଧାମନଗର,(ନିପ୍ର): ଧାମନଗର ବ୍ଲକ ଅନ୍ତର୍ଗତ କୁଣ୍ଡସାହି, ଶୋଧ ଠାରେ 'ମା' ଗଜଲକ୍ଷ୍ମୀ ଯୁବ କଳା ପରିଷଦ' ପକ୍ଷରୁ ଚଳିତ ବର୍ଷ ଶ୍ରୀଗଣେଷ ପୂଜା ଉପଲକ୍ଷେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ପୂଜା ଆରାଧନା ସାଙ୍ଗକୁ ପରିଷଦର ଏଭଳି ଏକ ମହତ ଓ ଜନହିତକର ପ୍ରୟାସ ସ୍ଥାନୀୟ ଅଞ୍ଚଳରେ ବେଶ୍ ଆଦୃତ ହେବା ସହ ଏକ ଅନନ୍ୟ ଉଦାହରଣ ସାଜିଛି।ପରିଷଦର ସଭାପତି ଦିବାକର କୁଣ୍ଡୁ ଏବଂ ସମ୍ପାଦକ ସୁରେଶ କୁଣ୍ଡୁଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ସୁଚାରୁରୂପେ ପରିଚାଳିତ ହୋଇଥିଲା। ଶିବିରରେ ମୋଟ ୩୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା।

# ଉଦ୍‌ଘାଟନ ପୂର୍ବରୁ ବିବାଦରେ ବହୁମୁଖୀ କମ୍ୟୁନିଟି ହଲ୍

ରାୟଗଡା,(ନିପ୍ର): ରାୟଗଡ଼ା ସହରର ମାଙ୍କଡ଼ଝୋଲାରେ ନିର୍ମିତ ବହୁମୁଖୀ କମ୍ୟୁନିଟି ହଲ୍ ଏବେ ବିବାଦ ଘେରରେ। ଉଦ୍‌ଘାଟନ ପୂର୍ବରୁ ଏହି କୋଠା ନାଗାବଳୀ ନଦୀ ଗର୍ଭକୁ ଲୀନ ହୋଇଯିବା ଆଶଙ୍କା ଘନେଇଛି। ପ୍ରାୟ ଦେଢ଼ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି କୋଠା ପାଇଁ କାହିଁକି ଏଭଳି ବିପଜ୍ଜନକ ସ୍ଥାନ ଚୟନ କରାଗଲା, ତାହାକୁ ନେଇ ଉଠିଛି ପ୍ରଶ୍ନ ।



ପୌରପରିଷଦ ପାଣ୍ଠିରୁ ପ୍ରାୟ ୧ କୋଟି ୪୦ ଲକ୍ଷ ଟଙ୍କା ବ୍ୟୟରେ ମାଙ୍କଡ଼ଝୋଲାରେ ନିର୍ମାଣ ହୋଇଛି ବହୁମୁଖୀ କମ୍ୟୁନିଟି ହଲ୍। ହେଲେ ନିର୍ମାଣ କାର୍ଯ୍ୟ ସରିଥିଲେ ସୁଦ୍ଧା ଉଦ୍‌ଘାଟନ ହୋଇପାରୁନି। କାରଣ ନାଗାବଳୀ ନଦୀ କୂଳରୁ ମାତ୍ର କିଛି ମିଟର ଦୂରରେ ଏହା ଠିଆ ହୋଇଛି, ଯାହାର ତଳ ଭାଗରୁ ମାଟି ଧସିବା ଆରମ୍ଭ କଲାଣି। ପାଚେରି କିମ୍ବା ସୁରକ୍ଷା ପ୍ରାଚୀର ନ ଥିବାରୁ ବନ୍ୟା ଆସିଲେ ପୂରା କୋଠା ଭୁଶୁଡ଼ି ପଡ଼ିବା ଆଶଙ୍କା ଦେଖାଦେଇଛି। ଗଣମାଧ୍ୟମରେ ଖବର ପ୍ରସାରଣ ପରେ ଏହା ଉପରେ କଡ଼ା ପ୍ରତିକ୍ରିୟା ଦେଇଛନ୍ତି ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଉପାଧକ୍ଷା ।

ମାଙ୍କରଝୋଲା ବାସିନ୍ଦା କହିଛନ୍ତି ଯେ, ଏମିତିକା ବିପଦସଂକୁଳ ସ୍ଥାନରେ, ପୁଣି ନଦୀ କୂଳରେ ଏତେ ଟଙ୍କା ବ୍ୟୟରେ କୋଠା ନିର୍ମାଣ କରିବା ପାଇଁ କିଏ ନିର୍ଣ୍ଣୟ ନେଇଥିଲା, ସଏଲ ପରୀକ୍ଷା କରାଯାଇଥିଲା କି, କୋଠା ନିର୍ମାଣ କରିବା ପାଇଁ ମଞ୍ଜୁରୀ ପତ୍ର କିପରି ଦିଆଗଲା, ଆଉ କିଏ ଦେଇଛନ୍ତି। ଯଦି କିଛି ଅଘଟଣ ଘଟେ ତେବେ ଲୋକଙ୍କ ପଇସାରେ ନିର୍ମିତ ଏହି କମ୍ୟୁନିଟି ହଲଟି ଯଦି କୌଣସି ବିପଦର ସମ୍ମୁଖୀନ ହୁଏ, ତେବେ ଏହାର ସୁରକ୍ଷା ପାଇଁ କଣ ପଦକ୍ଷେପ ନିଆଯିବା ବ୍ୟବସ୍ଥା କରାଯିବ। ନଦୀ କୂଳ ଖାଉଛି। ଏହା ଏମିତି ସ୍ଥାନରେ ନିର୍ମାଣ କରାଯାଇଛି ଯେ, କେତେବେଳେ ଯେ, କଣ ଘଟିବ କିଏ କହିବ।

ସାମାଜିକ କର୍ମୀ କହିଛନ୍ତି ଯେ, କୋଠା ପାଇଁ ଚୟନ କରାଯାଇଥିବା ସ୍ଥାନ ନିରୂପଣ ସଠିକ ବୋଲି କୁହାଯାଇ ନ ପାରେ, କାରଣ ନଦୀକୂଳର ଅତି ନିକଟବର୍ତ୍ତୀ ସ୍ଥାନ ବିପଦ ମୁକ୍ତ ବୋଲି କିଏ କହିପାରିବ। ଏମିତି ସ୍ଥାନରେ ଏତେ ଟଙ୍କା ବ୍ୟୟରେ କୋଠା ନିର୍ମାଣର ଆବଶ୍ୟକତା କଣ ଥିଲା। ଅନ୍ୟ କେଉଁ ସ୍ଥାନରେ ନିର୍ମାଣ କରିଥିଲେ ଏତେ ଅଭିଯୋଗ ହେଇନଥାନ୍ତା। କାହା ସ୍ୱାର୍ଥରେ ନିର୍ମାଣ ହେଲା କୋଠା। ଏହାକୁ ଜନସାଧାରଣ ସହଜରେ ଗ୍ରହଣ କରିପାରୁ ନାହାନ୍ତି। ସରକାରଙ୍କ ଏତେ ବଡ଼ ଅର୍ଥ ବ୍ୟୟ ହୋଇଥିବା ବେଳେ କାହାର ଅବହେଳା ପାଇଁ ଏଭଳି ବିପଜ୍ଜନକ ସ୍ଥାନରେ କୋଠା ନିର୍ମାଣ କରାଗଲା, ତାହା ଏବେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପ୍ରତିବର୍ଷ ନାଗାବଳି ନଦୀରେ ମାଟି ଅତଡ଼ା ଖସି କୂଳଲଗି ଅନେକ ଧନ ଜୀବନ ନଦୀଗର୍ଭରେ ଲୀନ ହୋଇଛି। ଏହାର ଭିଜିଲାନ୍ସ ତଦନ୍ତ ସହ ଜିଲ୍ଲା ପ୍ରଶାସନ ତୁରନ୍ତ ଏହାର ସୁରକ୍ଷା ପାଇଁ ପ୍ରୋଟେକ୍ସନ ୱାଲ୍ ନିର୍ମାଣ ସହ ଘଟଣାର ଉପଯୁକ୍ତ ତଦନ୍ତ କରୁଛି କି ନାହିଁ, ତାହା ଦେଖିବାକୁ ବାକି ରହିଲା। 'ଲୋକଙ୍କ ଟଙ୍କାରେ ନିର୍ମିତ ସମ୍ପତ୍ତି ନଦୀ ଗର୍ଭକୁ ଯିବା ପୂର୍ବରୁ ପ୍ରଶାସନ ସଜାଗ ହେଉଛି କି ନାହିଁ ଏବଂ ଏହି ଭୁଲ୍ ସ୍ଥାନ ଚୟନ ପଛରେ ଥିବା ଦାୟୀ ଅଧିକାରୀଙ୍କ ବିରୋଧରେ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି, ତାହା ଉପରେ ଏବେ ସମସ୍ତଙ୍କ ନଜର।

# ଗର୍ଭବତୀ ମହିଳା ଓ ଶିଶୁଙ୍କ ପୁଷ୍ଟିକୁ ନେଇ ରାଉରକେଲା ଡାକ୍ତରଖାନାରେ ରାଷ୍ଟ୍ରୀୟ ପୋଷଣ ମାସ

ରାଉରକେଲା,(ନିପ୍ର): ଗର୍ଭବତୀ ମହିଳା ଏବଂ ଶିଶୁଙ୍କ ପୁଷ୍ଟିକୁ ନେଇ ରାଉରକେଲା ଆପୋଲୋ ହସ୍ପିଟାଲ୍ସରେ ସେପ୍ଟେମ୍ବର ୧ ତାରିଖରୁ ସେପ୍ଟେମ୍ବର ୩୦ ତାରିଖ ପର୍ଯ୍ୟନ୍ତ ରାଷ୍ଟ୍ରୀୟ ପୋଷଣ ମାସ ପାଳନ କରାଯାଉଛି। ରାଷ୍ଟ୍ରୀୟ ପୋଷଣକୁ ନେଇ



୨୦୧୮ ମସିହାରେ ଭାରତ ସରକାରଙ୍କ ପକ୍ଷରୁ ଆରମ୍ଭ କରାଯାଇଥିବା 'ରାଷ୍ଟ୍ରୀୟ ପୋଷଣ' ଏହି ସେପ୍ଟେମ୍ବର ମାସରେ ହିଁ ପାଳନ କରାଯାଇଥାଏ।

ରାଉରକେଲା ଆପୋଲୋ ହସ୍ପିଟାଲ୍ସ ପକ୍ଷରୁ ପ୍ରତିବର୍ଷ ପରି ଚଳିତ ବର୍ଷ ସେପ୍ଟେମ୍ବର ମାସରେ ପାଳନ କରାଯାଉଥିବା ରାଷ୍ଟ୍ରୀୟ ପୋଷଣ ମାସର ଗର୍ଭବତୀ ମହିଳା ଏବଂ ଜନ୍ମରୁ ୬ ବର୍ଷ ପର୍ଯ୍ୟନ୍ତ ଶିଶୁଙ୍କୁ ଅନ୍ତର୍ଭୁକ୍ତ କରାଯିବା ସହ ଚଳିତ ବର୍ଷର ବିଷୟବସ୍ତୁ ରହିଛି 'ହାମାରି ଅଙ୍ଗନୱାଡି, ହାମାରି ଜିମ୍ମେଦାରୀ'। ଅର୍ଥାତ୍ ପ୍ରତ୍ୟେକ ଗର୍ଭବତୀ ମହିଳା ଓ ଶିଶୁମାନଙ୍କ ଘରେ ପହଞ୍ଚିପାରୁଥିବା ଅଙ୍ଗନୱାଡି ଦିଦି ଏବଂ ଆଶାକର୍ମୀମାନଙ୍କୁ ହସ୍ପିଟାଲ୍ସ ପକ୍ଷରୁ ଶିକ୍ଷା ଦିଆଯିବାର ବ୍ୟବସ୍ଥା କରାଯାଇଛି। ଏହାଦ୍ୱାରା ସେମାନେ ପ୍ରତ୍ୟେକ ଘରେ ପହଞ୍ଚିବା ସହିତ ମା' ଓ ଶିଶୁମାନଙ୍କୁ କିପରି ପୁଷ୍ଟିକର ଖାଦ୍ୟ ଯୋଗାଇ ଦେଇହେବ ଏବଂ କେଉଁ କେଉଁ ଖାଦ୍ୟ ଖାଇଲେ ଗର୍ଭବତୀ ମହିଳା ଓ ଶିଶୁ ପୋଷଣ ତତ୍ତ୍ୱ ପାଇପାରିବେ, ସେ ବିଷୟରେ ପ୍ରତ୍ୟେକ ଘରେ ବୁଝାଇବେ। ଗର୍ଭବତୀ ମହିଳା ଓ ଶିଶୁମାନଙ୍କ ପୋଷଣ ତତ୍ତ୍ୱକୁ ନେଇ ଏହି କାର୍ଯ୍ୟକ୍ରମରେ ରାଉରକେଲା ଆପୋଲୋ ହସ୍ପିଟାଲ୍ସର ସ୍ତ୍ରୀ ରୋଗ ବିଶେଷଜ୍ଞ ଡାକ୍ତର ଲୋପାମୁଦ୍ରା ଜେନା, ଭେଷଜ ବିଶେଷଜ୍ଞ ଡାକ୍ତର ମନୋଜ କୁମାର ଉପାଧ୍ୟାୟ ଏବଂ ଅର୍ଥୋପେଡିକ୍ ବିଶେଷଜ୍ଞ ଡାକ୍ତର ବରୁଣ କୁମାର ପଟେଲଙ୍କ ସମେତ ହସ୍ପିଟାଲ୍ସର ଅନ୍ୟାନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ୨୦ରୁ ଉର୍ଦ୍ଧ୍ୱ କୃତୀ ପ୍ରତିଭାଙ୍କୁ ସମ୍ମାନିତ

ଚାରିଛକ,(ନିପ୍ର): ଚାରିଛକ ନିକଟସ୍ଥ ତମ୍ପାଲୋ ପଂଚାୟତ ଶ୍ରୀ ଗଣେଶ ପୂଜା କମିଟି ତମ୍ପାଲୋ ତରଫରୁ ଏକ ପ୍ରତିଭା ସମ୍ମାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଗଣେଶ ପୂଜା କମିଟିର ସଭାପତି ରାକେଶ କୁମାର ସ୍ୱାଇଁ ସଭାପତିତ୍ୱ କରିଥିବା ବେଳେ ପୂଜା କମିଟିର ମୁଖ୍ୟଃ ପରିଚାଳକ ଦୁଃଶାସନ ସାହୁ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟ



ଅତିଥିଭାବେ ଚାରିଛକ ଥାନା ଅଧିକାରୀ ଶୋଭରାଜ ପ୍ରିୟଦର୍ଶୀ ମହାନ୍ତି,ସମ୍ମାନିତ ଅତିଥିଭାବେ ୨୧ନଂ ଜୋନ ଜିଲ୍ଲାପରିଷଦସଭ୍ୟା ସସ୍ମିତା ନାୟକ,ସ୍ଥାନୀୟ ସରପଂଚ ସସ୍ମିତା ଖଟୋଇ,ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଇଶ୍ୱର ଚନ୍ଦ୍ର ବିଶ୍ୱାଳ,ଦାମୋଦର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶିଶିରେନ୍ଦ୍ର ସାମନ୍ତରାୟ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ପଂଚାୟତର ବିଭିନ୍ନ ସ୍କୁଲର ୫ରୁ ଉର୍ଦ୍ଧ୍ୱ ଶିକ୍ଷକ ଓ ୨୦ରୁ ଉର୍ଦ୍ଧ୍ୱ କୃତି ପ୍ରତିଭାମାନଙ୍କୁ ସମ୍ମାନୀତ କରାଯାଇଥିଲା । ସଂପାଦକ ଦୀପକ କୁମାର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ । ପରେ ଶିବ ପ୍ରସାଦ ଦାଶଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

# ବେଳାଭୂମି ସଫେଇ ଅଭିଯାନ

ପୁରୀ,(ନିପ୍ର): ସମୁଦ୍ର ଏକ ପବିତ୍ର ସ୍ଥଳ। ସମୁଦ୍ର, ସମୁଦ୍ର କୂଳ ସେହିପରି ସୌନ୍ଦର୍ଯ୍ୟ ଓ ଆକର୍ଷଣର କେନ୍ଦ୍ର ହୋଇଥାଏ। ହଜାର ହଜାର ପର୍ଯ୍ୟଟକ ସେଥିପାଇଁ ଦୈନିକ ସମୁଦ୍ର କୂଳରେ ପହଞ୍ଚିଥାନ୍ତି।

ସମୁଦ୍ରଙ୍କୁ ମଧ୍ୟ ମହାପ୍ରଭୁଙ୍କ ଶଶୁରଙ୍କ ଘର ବୋଲି କୁହାଯାଏ। ଏହି ପବିତ୍ରତା ପାଇଁ ସମୁଦ୍ର ଆଳତୀ ମଧ୍ୟ ଅନୁଷ୍ଠିତ ହୋଇଥାଏ। ତେଣୁ ଏହାକୁ ସ୍ୱଚ୍ଛ ଓ ସୁରକ୍ଷିତ ରଖିବା ଆମ ସମସ୍ତଙ୍କ ଦାୟିତ୍ୱ ବୋଲି ଆହ୍ୱାନ ଦେଇଛନ୍ତି ସୂଚନା ଓ ଲୋକ ସମ୍ପର୍କ ଯୁଗ୍ମ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ। ପୁରୀ ଷ୍ଟର୍ଲିଂ ନିକଟ ସମୁଦ୍ର କୂଳରେ ସଫେଇ ଅଭିଯାନ ଅନୁଷ୍ଠିତ ହୋଇଥିଲା। ସୂଚନା ଓ ଲୋକ ସମ୍ପର୍କ ଯୁଗ୍ମ ନିର୍ଦ୍ଦେଶକ ଶ୍ରୀ ସେଠୀ ଓ ପର୍ଯ୍ୟଟନ ସହକାରୀ ନିର୍ଦ୍ଦେଶକ ସରୋଜ କାନ୍ତ ପ୍ରଧାନଙ୍କ ତତ୍ତ୍ୱାବଧାନରେ ସ୍ୱଚ୍ଛ ସାଗର, ସୁରକ୍ଷିତ ସାଗର ଅଭିଯାନର ଅଂଶବିଶେଷ କାର୍ଯ୍ୟକ୍ରମରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଶିକ୍ଷକ, ଶିକ୍ଷୟତ୍ରୀ , ଛାତ୍ରଛାତ୍ରୀ ଓ ତାଜ ହୋଟେଲର କର୍ମଚାରୀମାନେ ଯୋଗ ଦେଇଥିଲେ। ଷ୍ଟର୍ଲିଂ ଛକ ଠାରୁ ତାଜ ହୋଟେଲ ପର୍ଯ୍ୟନ୍ତ ଏହି ସ୍ୱଚ୍ଛତା ଅନୁଷ୍ଠିତ ହୋଇଥିଲା।



# ଦିବ୍ୟାଙ୍ଗମାନଙ୍କ ସଚେତନତା ସମ୍ମିଳନୀ

ରାୟଗଡ଼,(ନିପ୍ର): ସେବା ସଂକଳ୍ପ ଅଭିଯାନ-୨୦୨୬ ଅବସରରେ କାଶୀପୁର ବ୍ଲକ୍ ସମ୍ମିଳନୀ କକ୍ଷରେ ଦିବ୍ୟାଙ୍ଗ ବ୍ୟକ୍ତିମାନଙ୍କୁ ନେଇ ଏକ ସଚେତନତା ସମ୍ମିଳନୀ ତଥା ଶପଥ ଗ୍ରହଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କାଶୀପୁର ଅଞ୍ଚଳର ୨୦୦ରୁ ଅଧିକ ଦିବ୍ୟାଙ୍ଗ ବ୍ୟକ୍ତି ଏଥିରେ ଯୋଗଦେଇଥିଲେ।




କାର୍ଯ୍ୟକ୍ରମରେ ଦିବ୍ୟାଙ୍ଗମାନଙ୍କ ଅଧିକାର, ସରକାରୀ ସୁବିଧା ଓ ବିଭିନ୍ନ କଲ୍ୟାଣମୂଳକ ଯୋଜନା ସମ୍ପର୍କରେ ସଚେତନତା ସୃଷ୍ଟି ସହ ଦିବ୍ୟାଙ୍ଗ ବ୍ୟକ୍ତିଙ୍କ ଅଧିକାର ଆଇନ, ୨୦୧୬ରେ ଥିବା ଅଧିକାର ଓ କର୍ତ୍ତବ୍ୟ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହାସହ ନିଶା ଓ ମଦ୍ୟପାନରୁ ଦୂରେଇ ରହିବା ଏବଂ ସୁସ୍ଥ ଓ ସଚେତନ ସମାଜ ଗଠନରେ ସହଭାଗୀ ହେବା ପାଇଁ ଉପସ୍ଥିତ ସମସ୍ତେ ଶପଥ ଗ୍ରହଣ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ରନାଥ କହଁର ଉପସ୍ଥିତ ଅଂଶଗ୍ରହଣକାରୀଙ୍କୁ ଶପଥ ପାଠ କରାଇଥିଲେ। ସେବା ସଂକଳ୍ପ ଅଭିଯାନର ମୂଳ ଲକ୍ଷ୍ୟ ଅନୁଯାୟୀ ସମାଜର ବିଭିନ୍ନ ବର୍ଗର ଲୋକଙ୍କ ପାଇଁ ସେବା, ସହଯୋଗ ଓ ସଚେତନତାମୂଳକ କାର୍ଯ୍ୟକୁ ଆଗେଇ ନେବା ପାଇଁ ଉପସ୍ଥିତ ସମସ୍ତେ ସଂକଳ୍ପ ନେଇଥିଲେ। କାର୍ଯ୍ୟକ୍ରମରେ ଏସ୍.ଏସ୍.ଏସ୍.ଓ. ଶ୍ରୀକାନ୍ତ ପାଣିଗ୍ରାହୀ, କାଶୀପୁର ବି.ଏସ୍.ଏସ୍.ଓ., ବି.ଡି.ଓ., 'ସକ୍ଷମ'ର ସଂରକ୍ଷକ ଡ. ବାଦଲ କୁମାର ତା, ଓଡ଼ିଶା ବିକଳାଙ୍ଗ ମଞ୍ଚ (ଓବିଏମ୍)ର ଜିଲ୍ଲା ସଭାପତି, ଉପସଭାପତି ଓ ସମ୍ପାଦକ, ଓଡ଼ିଶା ଆଦିବାସୀ ମଞ୍ଚର ରାଜ୍ୟ ଆବାହିକା ତଥା ଦକ୍ଷିଣ ଓଡ଼ିଶା ଉନ୍ନୟନ ଓ ସୁରକ୍ଷା ପରିଷଦର ଜିଲ୍ଲା ସଭାପତି ବିଦୁଲତା ହୁଇକା, ସାଂସଦ ଓ ବିଧାୟକଙ୍କ ପ୍ରତିନିଧି, ବ୍ଲକ୍ ଅଧ୍ୟକ୍ଷ କଣ୍ଠ ମାଝୀ, ଦିବ୍ୟାଙ୍ଗ ମିତ୍ର ଶିବରାମ ନାୟକଙ୍କ ସମେତ ଦୋରାଗୁଡ଼ାସ୍ଥିତ ଉତ୍କଳ ଆଲୁମିନା ଓ କଂସାରିଗୁଡ଼ାସ୍ଥିତ ବିରଳା କମ୍ପାନୀର ପ୍ରତିନିଧି ଏବଂ ବିଭିନ୍ନ ଅନୁଷ୍ଠାନର ପ୍ରତିନିଧିମାନେ ଯୋଗଦେଇଥିଲେ।

# 'ଆଶୀର୍ବାଦର ଦୀପ' ସେବା ସଂକଳ୍ପ ଅଭିଯାନ-୨୦୨୬



**ପାରଳାଖେମୁଣ୍ଡି,(ନିପ୍ର):** ଗଜପତି ଜିଲ୍ଲାରେ 'ସେବା ସଂକଳ୍ପ ଅଭିଯାନ-୨୦୨୬' ଅନ୍ତର୍ଗତ 'ଆଶୀର୍ବାଦର ଦୀପ' କାର୍ଯ୍ୟକ୍ରମ ଜିଲ୍ଲା, ବ୍ଲକ, ଗ୍ରାମ ପଞ୍ଚାୟତ ଓ ଘରେ ଘରେ ଆୟୋଜିତ ହୋଇଛି। ପାରଳାଖେମୁଣ୍ଡିର ବଡ଼ ରାଧାକାନ୍ତ ମଠ ଓ ରାଧାକୃଷ୍ଣ ମନ୍ଦିର, ଶ୍ୟାମ ବିହାର ପରିସରରେ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଅତିରିକ୍ତ ଜିଲ୍ଲାପାଳ ମୁନିନ୍ଦ୍ର ହୋନନାଗା, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଦୟାମୟ ପାଢ଼ୀ, ଉପଜିଲ୍ଲାପାଳ ପାରଳାଖେମୁଣ୍ଡି ସୁଶ୍ରୀ ଭଗତ ସାମଲ କଲ୍ୟାଣରାଓ, ଜିଲ୍ଲା ସମାଜ ମଙ୍ଗଳ ମୋନରମା ଦେବୀ ମିଶନ ଶକ୍ତିର ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ ତଥା ଜିଲ୍ଲା ପ୍ରକଳ୍ପ ସଂଯୋଜକ ଟିମନ୍ ବାରା, ଜିଲ୍ଲା ସଂସ୍କୃତ ଅଧିକାରୀ ସୁଶ୍ରୀ ଅର୍ଚ୍ଚନା କୁମାରୀ ମଙ୍ଗରାଜଙ୍କ ସମେତ ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ।
ସୁଭଦ୍ରା ହିତାଧିକାରୀ, ଅଙ୍ଗନୱାଡ଼ି ଓ ଆଶା କର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା, ଲକ୍ଷପତି ଦିଦି ଏବଂ ପଞ୍ଚାୟତ, ବ୍ଲକ ଓ ଜିଲ୍ଲାସ୍ତରୀୟ ସଂଘର ସଦସ୍ୟମାନେ ମଧ୍ୟ ଉପସ୍ଥିତ ଥିଲେ। ମନ୍ଦିର ପରିସରରେ ସଫେଇ, ଦୀପ ପ୍ରଜ୍ୱଳନ ଓ ରଙ୍ଗୋଲି ପ୍ରସ୍ତୁତି କରାଯାଇଥିଲା। ଜିଲ୍ଲାର ୭ଟି ବ୍ଲକ ଅନ୍ତର୍ଗତ ୧୪୯ଟି ଗ୍ରାମ ପଞ୍ଚାୟତର ୧୧,୨୪୧ଟି ସ୍ୱୟଂ ସହାୟକ ଗୋଷ୍ଠୀର ପ୍ରାୟ ୧ ଲକ୍ଷ ୩୫ ହଜାର ସଦସ୍ୟା ବିଭିନ୍ନ ମନ୍ଦିରରେ ମୋଟ ୨ ଲକ୍ଷ ୫ ହଜାର ୩୮୬ଟି ଦୀପ ପ୍ରଜ୍ୱଳନ କରାଯାଇଛି।
**କଟକ :** ରାଜ୍ୟବ୍ୟାପୀ ଆଜିଠାରୁ ଆରମ୍ଭ ହୋଇଥିବା ସେବା ସଙ୍କଳ୍ପ ଅଭିଯାନ କାର୍ଯ୍ୟକ୍ରମ ଅଧିନରେ ଗୁରୁବାର ସଂନ୍ଧ୍ୟା ୭ ଘଟିକା ସମୟରେ ମା' କଟକ ଚଣ୍ଡୀଙ୍କ ମନ୍ଦିର ପ୍ରାଙ୍ଗଣରେ ଆଶୀର୍ବାଦର ଦୀପ ପ୍ରଜ୍ୱଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଯାଇଛି।ମନ୍ଦିର ପରିସରରେ ସେବା ସଂକଳ୍ପ ଅଭିଯାନ ଅନ୍ତର୍ଗତ 'ଆଶୀର୍ବାଦର ଦୀପ' ଏହି କାର୍ଯ୍ୟକ୍ରମରେ ସୁଭଦ୍ରା ଯୋଜନା ହିତାଧିକାରୀ, ଆଶା, ଅଙ୍ଗନବାଡ଼ି କର୍ମୀ ମାନେ ବହୁ ସଂଖ୍ୟାରେ ଉପସ୍ଥିତ ରହି ସମୂହ ଦୀପ ଦାନ କରିବା ସହ ସେଠାରେ ରଙ୍ଗୋଲି ମଧ୍ୟ କରିଥିଲେ।
ଏହି ଅବସରରେ କଟକ ସଦର ବିଧାୟକ ଇଂ ପ୍ରକାଶ ଚନ୍ଦ୍ର ସେଠୀ ସମୂହ ଦୀପଦାନ କାର୍ଯ୍ୟକ୍ରମରେ ଯୋଗ ଦେଇ ଦେଶର ସ୍ୱାଭିମାନ ଓ ଜନସେବାର ଅନନ୍ୟ ପ୍ରତୀକ, ଯଶସ୍ୱୀ ପ୍ରଧାନମନ୍ତ୍ରୀଙ୍କ ଦିଗଦର୍ଶନରେ ଦେଶ ବିକଶିତ ହେଉଥିବା ସଂପର୍କରେ କହିଥିଲେ।ଏଥିସହ ଓଡ଼ିଶା ଓ ଓଡ଼ିଶାବାସୀଙ୍କ ପ୍ରତି ପ୍ରଧାନମନ୍ତ୍ରୀଙ୍କ ସ୍ନେହ ଓ ଶ୍ରଦ୍ଧା ସହ ରାଜ୍ୟର ଭିତ୍ତିଭୂମି ବିକାଶ ପାଇଁ ତାଙ୍କର ଅସୀମ ସହଯୋଗ ଆମକୁ ପ୍ରେରଣା ଯୋଗାଇବା ସହ ନିଷ୍ଠାପର ଭାବେ ସମାଜର କଲ୍ୟାଣ ତଥା ଏକ ସମୃଦ୍ଧ, ସଶକ୍ତ ଓ ବିକଶିତ ଓଡ଼ିଶା ଗଠନ ପାଇଁ ରାଜ୍ୟ ସରକାର ପ୍ରଚେଷ୍ଟା ଜାରି ରଖିଛନ୍ତି ବୋଲି କହିଥିଲେ । ସମଗ୍ର କଟକ ଜିଲ୍ଲାର ବିଭିନ୍ନ ବ୍ଲକ ଓ ସହରର ଅନ୍ୟ ମନ୍ଦିର ମାନଙ୍କରେ ଆଶିର୍ବାଦର ଦୀପ କାର୍ଯ୍ୟକ୍ରମ ସ୍ୱରୂପ ଦୀପ ପ୍ରଜ୍ୱଳନ କରାଯାଇଛି। ଚଣ୍ଡୀ ମନ୍ଦିର କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରଶାନ୍ତ କୁମାର ନାୟକ,ଅତିରିକ୍ତ ଜିଲ୍ଲାପାଳ ଡଃ ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ରଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଓ ବିଭିନ୍ନ ଅନୁଷ୍ଠାନର ସଦସ୍ୟ ସଦସ୍ୟା ମାନେ ଯୋଗଦେଇଥିଲେ।
**ଭଦ୍ରକ :** ମିଶନ ଶକ୍ତି ପକ୍ଷରୁ 'ଆଶୀର୍ବାଦଦୀପ'କାର୍ଯ୍ୟକ୍ରମ ଅନୁଷ୍ଠିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିବସ ଅବସରରେ 'ସେବା ସଂକଳ୍ପ ଅଭିଯାନ'ର ଶୁଭାରମ୍ଭ କରାଯାଇଛି। ଏହି ଅବସରରେ ଭଦ୍ରକ ଜିଲ୍ଲାର ବିଭିନ୍ନ ବ୍ଲକରେ ମିଶନ ଶକ୍ତି ପକ୍ଷରୁ 'ଆଶୀର୍ବାଦ ଦୀପ' କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।ଏହି କାର୍ଯ୍ୟକ୍ରମରେ ବିଭିନ୍ନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଯୋଗଦେଇ ଦୀପ ପ୍ରଜ୍ୱଳନ କରିଥିଲେ। ମହିଳାମାନଙ୍କ ସକ୍ରିୟ ଅଂଶଗ୍ରହଣରେ ଏହି ଆୟୋଜନ ଏକତା, ସେବା ଓ ସାମାଜିକ ସଂକଳ୍ପର ବାର୍ତ୍ତା ପ୍ରଦାନ କରିଥିଲା।ମିଶନ ଶକ୍ତି ସହ ଜଡ଼ିତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକର ସଦସ୍ୟାମାନେ ଏହି ଅବସରରେ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ। 'ଆଶୀର୍ବାଦ ଦୀପ' ମାଧ୍ୟମରେ ଶାନ୍ତି, ସମୃଦ୍ଧି ଓ ଜନସେବାର ଭାବନାକୁ ଆଗେଇ ନେବାର ସଂକଳ୍ପ ପ୍ରକାଶ ପାଇଥିଲା।
**କୁଚିଣ୍ଡା:** ସମ୍ବଲପୁର ଜିଲ୍ଲା କୁଚିଣ୍ଡାରେ ଗୁରୁବାର ସନ୍ଧ୍ୟାରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୬ତମ ଜନ୍ମଦିନ ଅବସରରେ କୁଚିଣ୍ଡା ପଞ୍ଚମୁଖି ଛକ ଦୁର୍ଗା ମନ୍ଦିର ଠାରେ'ସେବା ସଂକଳ୍ପ ଅଭିଯାନ ୨୦୨୬ ଶୁଭାରମ୍ଭ ହୋଇ 'ଆଶୀର୍ବାଦର ଦୀପ' ପ୍ରଜ୍ୱଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ଥାନୀୟ ବିଧାୟକ ତଥା ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ ମୁଖ୍ୟଅତିଥି ଭାବେ ଯୋଗଦେଇ ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିଲେ। ମନ୍ତ୍ରୀ ନାଏକ ତାଙ୍କ ବକ୍ତବ୍ୟରେ କହିଥିଲେ,୨୦୪୭ ସୁଦ୍ଧା ଭାରତକୁ ଏକ ବିକଶିତ ରାଷ୍ଟ୍ର ଗଠନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଏହି ଐତିହାସିକ ସଂକଳ୍ପକୁ ସାକାର କରିବା ପାଇଁ ଏହି ଦୀପଦାନ କାର୍ଯ୍ୟକ୍ରମ ହେଉଛି। ତେଣୁ ସମସ୍ତେ ଏଥିରେ ସାମିଲ ହୋଇ ଏକ ନୂତନ ରାଷ୍ଟ ଗଠନରେ ସହଯୋଗ କରିବାକୁ ଅନୁରୋଧ କରିଥିଲେ। କାର୍ଯ୍ୟକ୍ରମରେ କୁଚିଣ୍ଡା ଏନ୍‌ଏସି ନିର୍ବାହୀ ଅଧିକାରୀ ମନୋରଞ୍ଜନ ସୁନାଙ୍କ ସମେତ ବହୁ ସଂଖ୍ୟକ ପ୍ରଶାସନିକ ଅଧିକାରୀ ଯୋଗ ଦେଇଥିଲେ।
**ଧାମନଗର :** ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ ଅବସରରେ ଧାମନଗର ବ୍ଲକର ବିଭିନ୍ନ ସ୍ଥାନରେ ଉତ୍ସାହର ସହ ଜନ୍ମଦିନ ପାଳିତ ହୋଇଯାଇଛି। ଏହି ଅବସରରେ ଦଳୀୟ କାର୍ଯ୍ୟକର୍ତ୍ତା ଏବଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ବିଭିନ୍ନ ଦେବାଦେବୀ ମନ୍ଦିରରେ ଏକତ୍ରିତ ହୋଇ ପ୍ରଧାନମନ୍ତ୍ରୀଙ୍କ ଦୀର୍ଘାୟୁ ଏବଂ ସୁସ୍ଥ ଜୀବନ କାମନା କରି ଦୀପ ଜାଳି ଛନ୍ତି। ବ୍ଲକର ବିଭିନ୍ନ ଅଞ୍ଚଳରେ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ସି.ଆରପି. ଏବଂ ଏମ୍.ବି.କେ. ମାନଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ବେଶ୍ ଆନନ୍ଦୋଲ୍ଲାସର ସହ ପାଳନ କରାଯାଇଛି। ଭଟସାହି ପଞ୍ଚାୟତର ଫଳପୁର ସ୍ଥିତ ଅରଲେଶ୍ୱର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ଉଦ୍ୟମରେ ସ୍ଥାନୀୟ ମନ୍ଦିରରେ ଦୀପ ଦାନ କରାଯାଇଥିଲା। ସ୍ୱୟଂ ସହାୟକ ଗୋଷ୍ଠୀ ତରଫରୁ ଚାରାରୋପଣ କରାଯାଇଥିଲା।
**ନୟାଗଡ଼:** ନୟାଗଡ଼ ଜିଲ୍ଲାରେ ନାରୀ ସଶକ୍ତିକରଣର ବାର୍ତ୍ତା ନେଇ ସେବା ସଙ୍କଳ୍ପ ଅଭିଯାନ-୨୦୨୬ ଶୁଭାରମ୍ଭ ହୋଇଯାଇଛି । ଅଭିଯାନର ପ୍ରଥମ ଦିନରେ ମା' ଦକ୍ଷିଣକାଳୀ ମନ୍ଦିର ସମ୍ମୁଖରେ ସନ୍ଧ୍ୟା ୭ ଘଟିକା ସମୟରେ ଏକ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ



'ଆଶୀର୍ବାଦର ଦୀପ' ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଜିଲ୍ଲାପାଳ ମଧୁମିତା ରଥ, ପୂର୍ବତନ କନ୍ଧମାଳ ସାଂସଦ ପ୍ରତ୍ୟୁଷା ରାଜେଶ୍ୱରୀ ସିଂ, ପୌର ପରିଷଦ ଅଧକ୍ଷା ନିରୁପମା ଖଟେଇ, ନୟାଗଡ଼ ବ୍ଲକ ଅଧକ୍ଷ କିଶୋର ସାହୁ, ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାସ, ଅତିରିକ୍ତ ଜିଲ୍ଲାପାଳ ବିଜୟାନନ୍ଦ ନାୟକ, ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ, ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ, କର୍ମଚାରୀ, ଗଣମାଧ୍ୟମର ପ୍ରତିନିଧି ଓ ବହୁ ସଂଖ୍ୟାରେ ଜନ ସାଧାରଣ ଉପସ୍ଥିତ ଥିଲେ । ଜିଲ୍ଲାର ମୋଟ ୧୯୪ଟି ଗ୍ରାମ ପଞ୍ଚାୟତରେ ପ୍ରାୟ ୩ ଲକ୍ଷ ମାଟି ଦୀପ ପ୍ରଜ୍ୱଳନ କରାଯାଇଥିଲା। ମା' ଦକ୍ଷିଣକାଳୀ ମନ୍ଦିର ପରିସରରେ ମଧ୍ୟ ସାମୂହିକ ଦୀପ ପ୍ରଜ୍ୱଳନ ସହ ସମସ୍ତେ ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନର ଶୁଭ ମନାସି ଥିଲେ ।
**ଭବାନୀପାଟଣା :** କଳାହାଣ୍ଡି ଜିଲ୍ଲା ଭବାନୀପାଟଣାର ଅଧିଷ୍ଠାତ୍ରୀ ଦେବୀ ମା ମାଣିକେଶ୍ୱରୀଙ୍କ ପବିତ୍ର ମନ୍ଦିର ପରିସରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ସାମୂହିକ ଦୀପ ପ୍ରଜ୍ୱଳନ କାର୍ଯ୍ୟକ୍ରମ ଆୟୋଜନ କରାଯାଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୭୬ତମ ଜନ୍ମଦିନ ପାଳନ କରାଯାଇଛି। ଏହି ଅବସରରେ ମନ୍ଦିର ପରିସରରେ ୨୧୦୦ଟି ଦୀପ ପ୍ରଜ୍ୱଳନ କରାଯାଇଥିଲା। ଉପସ୍ଥିତ ଅତିଥି, ଅଧିକାରୀ, କର୍ମଚାରୀ ଓ ଅଂଶଗ୍ରହଣକାରୀମାନେ ସାମୂହିକ ଭାବେ ଦୀପ ପ୍ରଜ୍ୱଳନ କରି ପ୍ରଧାନମନ୍ତ୍ରୀଙ୍କ ଦୀର୍ଘାୟୁ, ସୁସ୍ଥତା ଓ ମଙ୍ଗଳମୟ ଜୀବନ କାମନା କରିଥିଲେ। ସାଂସଦ ମାଳବିକା ଦେବୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ମହାରାଜ ଅନନ୍ତ ପ୍ରତାପ ଦେଓ, ସମାଜସେବୀ ଯୁଗଳ କେଶରୀ ପୋଡ,ଭବେନ୍ଦ୍ର ପଣ୍ଡା ପ୍ରମୁଖ ସହ ଅତିରିକ୍ତ ଜିଲ୍ଲାପାଳ ସାଧାରଣ ତନ୍ମୟ କୁମାର ଦରୱାନ, ଡି ପି ଇ ଓ ରୂପ ସିଂ ରାଉତଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ , ସହରର ବୁଦ୍ଧିଜୀବୀ,ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ। ସେଭଳି ଗାନ୍ଧୀ ଛକ ସ୍ଥିତ ଦୁର୍ଗା ମଣ୍ଡପ ଠାରେ ମଧ୍ୟ ୧୧୦୦ ଦୀପ ପ୍ରଜ୍ୱଳନ କରାଯାଇଥିଲା।

ତିଥି :(ନବମୀ): (ପୂର୍ବାଷାଢା ଧନୁ)
ଅମୃତ ବେଳା: ଦିବା ଘ ୬।୨୬ ଗତେ ଘ୮ ।୫୧ ମଧ୍ୟେ

## ଆଜିର ଅନୁଚିନ୍ତନ

କର୍ମଯୋଗୀ ସାଧକ ସେ ସମସ୍ତ ଇନ୍ଦ୍ରିୟଙ୍କୁ ବଶୀଭୂତ କରି ମତ୍‌ପରାୟଣ ହୋଇ ବସିବା ଉଚିତ, କାରଣ ଯାହାର ଇନ୍ଦ୍ରିୟମାନେ ବଶୀଭୂତ, ତାହାର ବୁଦ୍ଧି ସ୍ଥିର।। - ଶ୍ରୀମଦ୍ ଭଗବଦ୍ ଗୀତା

# ସଶକ୍ତିକରଣ କେତେ

ପଶ୍ଚିମବଙ୍ଗ ୨୫ରୁ ୬୦ବର୍ଷ ବୟସବର୍ଗରେ ସରକାରୀ ଚାକିରି କରିନଥିବା ବା ନିୟମିତ ସରକାରୀ ପେନସନ ପାଉନଥିବା ,ଆୟକର ଦେଉନଥିବା, ମହିଳାଙ୍କୁ ଅନ୍ନପୂର୍ଣ୍ଣା ଯୋଜନା ନାମରେ ମାସିକ ୩ହଜାର ଟଙ୍କା ଡିବିଟି ବା ପ୍ରତ୍ୟକ୍ଷ ହସ୍ତାନ୍ତର ସୁବିଧା କ୍ରମେ ଯୋଗାଇ ଦିଆଯାଉଛି। ଉଦ୍ଦେଶ୍ୟ ହେଉଛି ମହିଳାଙ୍କ ସାମାଜିକ - ଅର୍ଥନୈତିକ ଉନ୍ନତି ତଥା ସଶକ୍ତିକରଣ। ଗତ ଜୁନ୍ ପହିଲାରୁ କାର୍ଯ୍ୟକାରୀ ହେଉଥିବା ଏହି ଯୋଜନା ଦ୍ୱାରା ରାଜ୍ୟର କୌଣସି ମା ତାର ପିଲାଙ୍କ ପାଇଁ ପଢା ଖର୍ଚ୍ଚ ହେଉ କି କୌଣସି ଯୁବତୀ ଔଷଧ ଖର୍ଚ୍ଚ ଅବା କାହାରି ଘର ପାଇଁ ଅତ୍ୟାବଶ୍ୟକ ସାମଗ୍ରୀ କିଣା ହେଉ ଅବା ଆତ୍ମନିର୍ଭରଶୀଳ ହେବା ପାଇଁ ସହାୟତା ଏପରି ଭାବରେ ମହିଳାମାନେ ଉପକୃତ ହେଉଥିବା କୁହାଯାଉଛି। ଏଥରକୁ ମିଶାଇ ଏହି ଯୋଜନାରେ ଚତୁର୍ଥ ଥର କିସ୍ତିରେ ଉପକୃତ ହେଉଥିବା ମହିଳାଙ୍କ ସଂଖ୍ୟା ପାଖାପାଖି ୧୫ ନିୟୁତ। ସେମିତି ଆମ ଓଡ଼ିଶାରେ ଏକ କୋଟିରୁ ଅଧିକ ମହିଳା ସୁଭଦ୍ରା ଯୋଜନାରେ ବର୍ଷକୁ ଦୁଇଥର ୫ହଜାର ଟଙ୍କା ଲେଖାଏଁ ପାଉଛନ୍ତି। ଅଗଷ୍ଟ ୨୦୨୬ ସୁଦ୍ଧା ଏହି ଯୋଜନାର ହିତାଧିକାରୀଙ୍କୁ ମିଳିସାରିଛି ୫ମ କିସ୍ତି। ସୁଭଦ୍ରାରେ ଓଡ଼ିଶାର ମହିଳାଙ୍କୁ ମିଳୁଛି ମାସକୁ ପାଖାପାଖି ମାସକୁ ମିଳୁଛି ୮୩୩ ଟଙ୍କା ଅଥଚ ପଶ୍ଚିମବଙ୍ଗ ପାଇଁ ମାସକୁ ମିଳୁଛି ୩ହଜାର ଟଙ୍କା। ଏପରି ବୈଷମ୍ୟ ନାନା ପ୍ରଶ୍ନବାଚୀ ସୃଷ୍ଟି କରେ।

ଆଲୋଚ୍ୟ ଏହି ଦୁଇ ଯୋଜନାରେ ତୃଣମୂଳସ୍ତରରେ ମହିଳାମାନେ ଉପକୃତ ହେଉଛନ୍ତି ସତ,କିନ୍ତୁ ତାହାର ସର୍ବେକ୍ଷଣ/ସମୀକ୍ଷାରେ ଜଣାପଡ଼ିବ ଅର୍ଥ କିଭଳି ଖର୍ଚ୍ଚ ହେଉଛି। ତାହା ଆଧାରରେ ଜଣାପଡ଼ନ୍ତା ମହିଳାଙ୍କ ଆବଶ୍ୟକତା ତଥା କେତେ ଅର୍ଥ ଠିକଣା ଭାବରେ ଖର୍ଚ୍ଚ ହେବା ଉଚିତ, ତାହା ଦ୍ୱାରା ସଶକ୍ତିକରଣର ସନ୍ଦେଶ ମିଳିପାରନ୍ତା। ଏକଥା ସତ ଯେ ଏହି ଦୁଇ ଯୋଜନାରେ ମହିଳାମାନେ ଉପକୃତ ହେଉଛନ୍ତି। କିନ୍ତୁ ସଶକ୍ତିକରଣ ଶବ୍ଦର ବାସ୍ତବତା କେତେ ପୂରଣ ହେଉଛି ତାହା ପ୍ରଶ୍ନ ରଖେ। ଆମ ରାଜ୍ୟ ପରିପ୍ରେକ୍ଷୀରେ ଗାଁଗହଳରେ ଏବେ ବି ବହୁ ମହିଳା ଅଛନ୍ତି ସେମାନେ ସୁଭଦ୍ରାରେ ମିଳୁଥିବା ସହାୟତା ଅପେକ୍ଷା ଅଧିକ ଆବଶ୍ୟକ କରନ୍ତି। ହୁଏତ ଅଧିକ ସହାୟତା ସହିତ ଉଚିତ ବାଟ ପାଇଲେ ଆଗକୁ ବଢ଼ିପାରନ୍ତେ। ଯଦି ସହାୟତା ଅର୍ଥ ଆତ୍ମନିର୍ଭରତା ପାଇଁ ଖର୍ଚ୍ଚ ହୁଏ ତାହା ଭବିଷ୍ୟତ ପାଇଁ ପଥ ପ୍ରଦର୍ଶନ କରେ। ସହାୟତା ଯଦି ଅତ୍ୟାବଶ୍ୟକ ସାମଗ୍ରୀ କିଣାରେ ଖର୍ଚ୍ଚ ହୁଏ ସେଠାରେ ଭିନ୍ନ ବାର୍ତ୍ତା ଏହା ସୃଷ୍ଟି କରିବ ।ଆତ୍ମନିର୍ଭରଶୀଳ ମହିଳାଙ୍କ ସଂଖ୍ୟା ଯେତେ ଅଧିକ ହେବ, ପରିବାର ପରିଚାଳନା ସୁରୁଖୁରୁରେ ହେବ। ଏ ଦିଗରେ ସରକାର ଓ ସାମାଜିକ ବ୍ୟବସ୍ଥା ସହ ସଂପୃକ୍ତ ସଂସ୍ଥାମାନେ ଆଗୁସାର ହେବା ଲୋଡ଼ା। ମଦର ପ୍ରାବଲ୍ୟ ଯୋଗୁଁ କିଭଳି ଗ୍ରାମାଞ୍ଚଳରେ ମହିଳାମାନେ ପରୋକ୍ଷରେ ପ୍ରଭାବିତ ହୋଇଥାନ୍ତି ତାହା ଜଣାଶୁଣା। କିଛି ସ୍ଥାନରେ ମଦ ବିରୋଧୀ ଆନ୍ଦୋଳନ ଲକ୍ଷ୍ୟ କରାଯାଉଛି। ମହିଳା ଯେତେ ସଚେତ ତଥା ଆତ୍ମନିର୍ଭରଶୀଳ ହେବେ, ତାହାଦ୍ୱାରା ସାମାଜିକ ଦୃଶ୍ୟପଟ୍ଟରେ ଅନେକ ପରିବର୍ତ୍ତନ ସଂଘଟିତ ହୋଇପାରିବ। ଏ ଦିଗରେ ରାଜ୍ୟ ସରକାରମାନେ ଯତ୍ନଶୀଳ ହେବା ଆବଶ୍ୟକ ପଡୁଛି।

# ସେମିକଣ୍ଡକ୍ଟର କ୍ଷେତ୍ର ଦ୍ରୁତଗତିରେ ସଂପ୍ରସାରିତ

“ସେମିକଣ୍ଡକ୍ଟର କ୍ଷେତ୍ରରେ ଅବିରତ ଗତି ବଜାୟ ରହିଥିବା ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ ‘ଟେପ୍-ଆଉଟ୍’ର ଅର୍ଥ ଏବଂ ଏହା ପରେ ମଧ୍ୟ ସରକାର କିପରି ବିନା ବିରତିରେ ପରବର୍ତ୍ତୀ ପିଢ଼ିର ପ୍ରଯୁକ୍ତି ଦିଗରେ ଆଗେଇ ଚାଲିଛି, ତାହା ବୁଝାଇଥିଲେ। ସେ ସେମିକଣ୍ଡକ୍ଟର ମିଶନର ଦ୍ୱିତୀୟ ପର୍ଯ୍ୟାୟ ପାଇଁ ୧୩.୫ ବିଲିୟନ ଡଲାରର ବୃହତ୍ ଯୋଜନା ଘୋଷଣା କରିବା ସହ ଅନ୍ତର୍ଜାତୀୟ କମ୍ପାନୀ, ଷ୍ଟାର୍ଟଅପ୍ ଏବଂ ଡିଜାଇନ୍ କମ୍ପାନୀଗୁଡ଼ିକ ମଧ୍ୟରେ ସହଯୋଗକୁ ସୁଗମ କରିବା ପାଇଁ ନୂଆ ନିୟାମକ ସଂସ୍କାରର ଉଲ୍ଲେଖ କରିଥିଲେ।**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିକଟରେ ନୂଆଦିଲ୍ଲୀରେ ‘ସେମିକନ୍ ଇଣ୍ଡିଆ ୨୦୨୬’ର ଉଦ୍‌ଘାଟନ କରିଛନ୍ତି। ଏହି ଉଦ୍‌ଘାଟନକୁ ବିଶ୍ୱକର୍ମା ଦିବସ ସହ ଯୋଡ଼ି ପ୍ରଧାନମନ୍ତ୍ରୀ ଭାରତର ଶତାବ୍ଦୀ ପୁରୁଣା ନିର୍ମାଣ ଓ ସୃଜନ ପରମ୍ପରାକୁ ସମ୍ମାନ ଜଣାଇଥିଲେ। ପାରମ୍ପରିକ ସୃଜନଶୀଳ ଶକ୍ତି ସହ ଏକବିଂଶ ଶତାବ୍ଦୀର ପ୍ରଯୁକ୍ତି ଓ ପରିକଳ୍ପନାର ମିଶ୍ରଣ ଏକ ସୁନ୍ଦର ସଂଯୋଗ ବୋଲି ସେ ଉଲ୍ଲେଖ କରିଥିଲେ।

ଗତ ୧୫ ଦିନ ମଧ୍ୟରେ ଦେଶର ଦ୍ରୁତ ଅଗ୍ରଗତି ଉପରେ ଗୁରୁତ୍ୱ ଦେଇ ପ୍ରଧାନମନ୍ତ୍ରୀ ଅନେକ ପ୍ରମୁଖ ସଫଳତା କଥା ଉଲ୍ଲେଖ କରିଥିଲେ। ଗ୍ଲୋବାଲ୍ ଫିନଟେକ୍ ଫେଷ୍ଟରେ ସମାବେଶୀ ଆର୍ଥିକ ବ୍ୟବସ୍ଥା ନେଇ ଆଲୋଚନା, ୩,୦୦୦ କିଲୋମିଟର ଦୀର୍ଘ ଡେଡିକେଟେଡ୍ ଫ୍ରେଟ୍ କରିଡର କାର୍ଯ୍ୟକ୍ଷମ ହେବା ଏବଂ ତ୍ରୈମାସିକ ଜିଡିପିରେ ୭.୮ ପ୍ରତିଶତର ଦୃଢ଼ ଅଭିବୃଦ୍ଧି ଏହାର ପ୍ରମୁଖ ଉଦାହରଣ ବୋଲି ସେ କହିଥିଲେ।

ଏଥିସହ ଜାପାନର ଏକ କ୍ରେଡିଟ୍ ରେଟିଂ ଏଜେନ୍ସି ଦ୍ୱାରା ଭାରତର ସାର୍ବଭୌମ କ୍ରେଡିଟ୍ ରେଟିଂ ବୃଦ୍ଧିକୁ ଦେଶର ବଢୁଥିବା ଆର୍ଥିକ ବିଶ୍ୱସନୀୟତାର ପ୍ରମାଣ ବୋଲି ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିଲେ। ସେ କହିଥିଲେ, “ଏହାର ଅର୍ଥ ହେଉଛି, ଗୋଟିଏ ପଟେ ଭାରତର ଅର୍ଥନୀତି ବଢୁଛି, ଅନ୍ୟପଟେ ଭାରତ ପ୍ରତି ବିଶ୍ୱର ବିଶ୍ୱାସ ମଧ୍ୟ ବଢୁଛି।”

୨୦୨୨ରେ ଆରମ୍ଭ ହୋଇଥିବା ‘ସେମିକନ୍ ଇଣ୍ଡିଆ’ର ଯାତ୍ରାକୁ ସ୍ମରଣ କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ, ନୀତି ନିର୍ଦ୍ଧାରଣ ଓ ପ୍ରାରମ୍ଭିକ ଆଲୋଚନାରୁ ଆରମ୍ଭ କରି ପ୍ରକଳ୍ପ ଯୋଜନା, ପରୀକ୍ଷାମୂଳକ ଉତ୍ପାଦନ ଏବଂ ଶେଷରେ ବ୍ୟବସାୟିକ ଉତ୍ପାଦନ ଆରମ୍ଭ ପର୍ଯ୍ୟନ୍ତ ଏହି କ୍ଷେତ୍ରରେ ଉଲ୍ଲେଖନୀୟ ଅଗ୍ରଗତି ହୋଇଛି। ଏହି ପ୍ରୟାସର ସଫଳ ପରିଣାମ ସ୍ୱରୂପ ଭାରତରେ ନିର୍ମିତ ଚିପ୍‌ଗୁଡ଼ିକ ଏବେ ବିଶ୍ୱର ଗ୍ରାହକଙ୍କ ନିକଟରେ ପହଞ୍ଚିବା ଆରମ୍ଭ କରିଛି। ଏକ ସେମିକଣ୍ଡକ୍ଟର ଇକୋସିଷ୍ଟମ ଗଠନ କରିବାର ଜଟିଳତାକୁ ସ୍ୱୀକାର କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ, ଅଳ୍ପ ସମୟ ମଧ୍ୟରେ ଚିପ୍ ଡିଜାଇନ୍, ଉପକରଣ ନିର୍ମାଣ ଏବଂ ପରୀକ୍ଷଣ କ୍ଷମତା ହାସଲ କରିବା ପାଇଁ ବ୍ୟାପକ ସହଯୋଗ ଆବଶ୍ୟକ ହୋଇଛି। ଏହି ଦ୍ରୁତ ପ୍ରଯୁକ୍ତିଗତ ଅଗ୍ରଗତି ସମ୍ଭବ କରିଥିବା ବର୍ତ୍ତମାନର ଶିଳ୍ପ ନେତୃବୃନ୍ଦଙ୍କୁ ସେ ଏହି ସଫଳତାର ଭିତ୍ତିସ୍ତମ୍ଭ ବୋଲି ଅଭିହିତ କରିଥିଲେ। ଶ୍ରୀ ମୋଦୀ କହିଥିଲେ, “ଆପଣମାନେ ଭାରତର ଏହି ସଫଳତାର ସ୍ତମ୍ଭ, ଆପଣମାନେ ଆମର ସହଯୋଗୀ।”ସେମିକଣ୍ଡକ୍ଟର କ୍ଷେତ୍ରରେ ଅବିରତ ଗତି ବଜାୟ ରହିଥିବା ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ ‘ଟେପ୍-ଆଉଟ୍’ର ଅର୍ଥ ଏବଂ ଏହା ପରେ ମଧ୍ୟ ସରକାର କିପରି ବିନା ବିରତିରେ ପରବର୍ତ୍ତୀ ପିଢ଼ିର ପ୍ରଯୁକ୍ତି ଦିଗରେ ଆଗେଇ ଚାଲିଛି, ତାହା ବୁଝାଇଥିଲେ। ସେ ସେମିକଣ୍ଡକ୍ଟର ମିଶନର ଦ୍ୱିତୀୟ ପର୍ଯ୍ୟାୟ ପାଇଁ ୧୩.୫ ବିଲିୟନ ଡଲାରର ବୃହତ୍ ଯୋଜନା ଘୋଷଣା କରିବା ସହ ଅନ୍ତର୍ଜାତୀୟ କମ୍ପାନୀ, ଷ୍ଟାର୍ଟଅପ୍ ଏବଂ ଡିଜାଇନ୍ କମ୍ପାନୀଗୁଡ଼ିକ ମଧ୍ୟରେ ସହଯୋଗକୁ ସୁଗମ କରିବା ପାଇଁ ନୂଆ ନିୟାମକ ସଂସ୍କାରର ଉଲ୍ଲେଖ କରିଥିଲେ।

ଦୃଢ଼ ଘରୋଇ ଯୋଗାଣ ଶୃଙ୍ଖଳା ଗଠନର ପରିକଳ୍ପନା ସମ୍ପର୍କରେ ପ୍ରଧାନମନ୍ତ୍ରୀ ଫ୍ୟାବ୍‌ଲେସ୍ କମ୍ପାନୀଗୁଡ଼ିକର ବିକାଶ, ବୌଦ୍ଧିକ ସମ୍ପତ୍ତି (ଆଇପି) ସୃଷ୍ଟି ଏବଂ ଏଆଇ-ଆଧାରିତ ଭିତ୍ତିଭୂମି ପାଇଁ ସିଲିକନ୍ ଫୋଟୋନିକ୍ସର ସମନ୍ୱୟ ଉପରେ ଗୁରୁତ୍ୱ ଦେଇଥିଲେ। ଉପକରଣ, ରାସାୟନିକ ପଦାର୍ଥ, ଗ୍ୟାସ୍ ଏବଂ ଅନ୍ୟାନ୍ୟ ସାମଗ୍ରୀ କ୍ଷେତ୍ରର ଶିଳ୍ପ




ନେତାମାନେ ଅନୁମୋଦିତ ୧୨ଟି ପ୍ରକଳ୍ପ ଏବଂ ବଢୁଥିବା ଚାହିଦାରୁ ସୃଷ୍ଟି ହେଉଥିବା ବିପୁଳ ସୁଯୋଗର ଲାଭ ଉଠାଇବାକୁ ସେ ଆହ୍ୱାନ କରିଥିଲେ। ଶ୍ରୀ ମୋଦୀ କହିଥିଲେ, “ଆମେ ଚାହୁଁଛୁ ସମଗ୍ର ଇକୋସିଷ୍ଟମ ଏକାସାଙ୍ଗରେ ବିକଶିତ ହେଉ।”ଭାରତର ଜନସମ୍ବଳର ରଣନୈତିକ ସୁବିଧା ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ ଦେଶର ବିଶାଳ ଇଞ୍ଜିନିୟରିଂ ପ୍ରତିଭା ଏବଂ ଚିପ୍ ଡିଜାଇନିଂ ପାଇଁ ଆରମ୍ଭ କରାଯାଇଥିବା ବ୍ୟାପକ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ବିଷୟରେ କହିଥିଲେ। ଛାତ୍ରଛାତ୍ରୀମାନେ ନିଜେ ଡିଜାଇନ୍ କରିଥିବା ଚିପ୍ ତାଙ୍କୁ ଦେଇଥିବା ଉଲ୍ଲେଖ କରି ସେ ଖୁସି ବ୍ୟକ୍ତ କରିଥିଲେ। ଏକ ଲକ୍ଷ ଇଞ୍ଜିନିୟରିଂ ଛାତ୍ରଛାତ୍ରୀଙ୍କୁ ପ୍ରଶିକ୍ଷଣ ଦେବା ସରକାରଙ୍କ ଲକ୍ଷ୍ୟ ଥିବା ବେଳେ ଏପର୍ଯ୍ୟନ୍ତ ୭୦ ହଜାର ଛାତ୍ରଛାତ୍ରୀଙ୍କୁ ପ୍ରଶିକ୍ଷଣ ଦିଆଯାଇସାରିଛି ବୋଲି ସେ କହିଥିଲେ। ଶ୍ରୀ ମୋଦୀ କହିଥିଲେ, “ଏତେ ବଡ଼ ପ୍ରତିଭାର ଭଣ୍ଡାର ଆପଣମାନଙ୍କ ପାଇଁ ଏକପ୍ରକାର ସୁନାଖଣିଠାରୁ କିଛି କମ୍ ନୁହେଁ।”

ଦେଶ ଓ ବିଦେଶରେ ଗବେଷଣାରତ ପ୍ରତିଭାବାନ ଯୁବକଯୁବତୀମାନଙ୍କୁ ଆହ୍ୱାନ କରି ପ୍ରଧାନମନ୍ତ୍ରୀ ଉନ୍ନତ ପ୍ରଯୁକ୍ତିର ବିକାଶ ପାଇଁ ଦେଶରେ ସକ୍ରିୟ ଭାବେ ଯୋଗଦେବାକୁ କହିଥିଲେ।

ସେମିକଣ୍ଡକ୍ଟର ବଜାରରେ ଦ୍ରୁତ ପରିବର୍ତ୍ତନ ଓ ବଢୁଥିବା ଜଟିଳତା ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ, କୃତ୍ରିମ ବୁଦ୍ଧିମତ୍ତା (ଏଆଇ)ର ଦ୍ରୁତ ଚାହିଦା ଯୋଗୁଁ ସେମିକଣ୍ଡକ୍ଟର ଶିଳ୍ପର ଗୁରୁତ୍ୱ କେବଳ ଟ୍ରାଞ୍ଜିଷ୍ଟରର ଆକାରକୁ ନେଇ ସୀମିତ ରହିନାହିଁ। ଏବେ ମେମୋରିର ସଠିକ୍ ସ୍ଥାନ ନିର୍ଦ୍ଧାରଣ, ଉତ୍ତାପ ପରିଚାଳନା ସମେତ ସମଗ୍ର ସିଷ୍ଟମ୍‌ର ସମନ୍ୱୟ ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି।ଏହି ନୂଆ ବିଶ୍ୱସ୍ତରୀୟ ଉତ୍ପାଦନ ଆହ୍ୱାନଗୁଡ଼ିକୁ ପୂରଣ କରିବା ପାଇଁ ଭାରତ ଏକ ବିଶ୍ୱସନୀୟ ଏବଂ ନିରନ୍ତର ପ୍ରସ୍ତୁତ ଗନ୍ତବ୍ୟସ୍ଥଳ ଭାବେ ନିଜକୁ ପ୍ରସ୍ତୁତ କରୁଛି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ।

ହାଇ-ପରଫର୍ମାନ୍ସ କମ୍ପ୍ୟୁଟିଂ ପାଇଁ ଶକ୍ତି ସୁରକ୍ଷାର ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ, ଏଆଇ ଡାଟା ସେଣ୍ଟରଗୁଡ଼ିକ ପାଇଁ ବିପୁଳ ପରିମାଣର ବିଦ୍ୟୁତ୍ ଆବଶ୍ୟକ ହେଉଥିବା ବେଳେ ଉତ୍ପାଦନ କାରଖାନାଗୁଡ଼ିକ ପାଇଁ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ଅତ୍ୟାବଶ୍ୟକ। ଦେଶରେ ବିଦ୍ୟୁତ୍ କ୍ଷେତ୍ରର ବ୍ୟାପକ ସମ୍ପ୍ରସାରଣ ସମ୍ପର୍କରେ ସେ କହିଥିଲେ। ଏହା ମଧ୍ୟରେ ସୌର ଶକ୍ତି କ୍ଷମତା ୧୬୦ ଗିଗାୱାଟ୍‌ରୁ ଅଧିକକୁ ବୃଦ୍ଧି, ଘରୋଇ କ୍ଷେତ୍ର ପାଇଁ ପରମାଣୁ ଶକ୍ତି କ୍ଷେତ୍ରକୁ ଖୋଲିବା ଏବଂ ଛୋଟ ମଡ୍ୟୁଲାର୍ ରିଆକ୍ଟର (ଏସଏମ୍‌ଆର)ର ବିକାଶ ଭଳି ପଦକ୍ଷେପ ସାମିଲ ରହିଛି। ଶ୍ରୀ ମୋଦୀ କହିଥିଲେ, “ସେଥିପାଇଁ ଭାରତ ଆଜି ବିଦ୍ୟୁତ୍ କ୍ଷେତ୍ରରେ ମଧ୍ୟ ବ୍ୟାପକ ନିବେଶ କରୁଛି।”ବିଦ୍ୟୁତ୍ ଭିତ୍ତିଭୂମିର ଦ୍ରୁତ ସମ୍ପ୍ରସାରଣକୁ ଶିଳ୍ପର ପ୍ରସ୍ତୁତି ସହ ଯୋଡ଼ି ପ୍ରଧାନମନ୍ତ୍ରୀ କହିଥିଲେ ଯେ, ଏହି ଶକ୍ତି ସୁରକ୍ଷା ସେମିକଣ୍ଡକ୍ଟର ପରିବେଶର ଏକ ମୌଳିକ ଶକ୍ତି। ଶିଳ୍ପର ବିକାଶ ପାଇଁ ଅନୁକୂଳ ପରିବେଶ ସୃଷ୍ଟି ଓ ଉନ୍ନତ କରିବାକୁ ସରକାର ଗଭୀର ଭାବେ ପ୍ରତିବଦ୍ଧ ବୋଲି ସେ ଶିଳ୍ପଜଗତକୁ ଆଶ୍ୱାସନା ଦେଇଥିଲେ। ଶ୍ରୀ ମୋଦୀ କହିଥିଲେ, “ସେମିକଣ୍ଡକ୍ଟର ଶିଳ୍ପ ନିମନ୍ତେ ଭାରତକୁ ଏକ ପସନ୍ଦର ଗନ୍ତବ୍ୟସ୍ଥଳ କରିବା ପାଇଁ ଆବଶ୍ୟକ ପ୍ରତ୍ୟେକ ପଦକ୍ଷେପ ଭାରତ ନେଉଛି।”(ପିଆଇବି)

# ଟେକ୍ନୋଲୋଜି : ଭର୍ଚୁଆଲ୍ ରିଅଲିଟି

## ମନସିଜ ଦାସ

ଟେକ୍ନୋଲୋଜିରେ ଦିନକୁ ଦିନ ପରିବର୍ତ୍ତନ ଘଟୁଛି, ଯେଉଁଥିରେ ଭର୍ଚୁଆଲ ରିଅଲିଟିର ବ୍ୟବହାର ବଢୁଥିବା ଦେଖିବାକୁ ମିଳୁଛି। ବିଶେଷକରି ଯୁବପିଢ଼ି ଭିଡ଼ିଓ ଗେମିଂ କ୍ଷେତ୍ରରେ ଏହାର ସବୁଠୁ ଅଧିକ ବ୍ୟବହାର କରୁଛନ୍ତି। କେବଳ ଏତିକି ନୁହେଁ ଏବେ ଏହି ଟେକ୍ନୋଲୋଜିକୁ ବ୍ୟବହାର କରି ରୋଚକ ଢ଼ଙ୍ଗରେ ଅନଲାଇନ କ୍ଲାସ ନେବା ସହ ଜବ୍ ପାଇଁ ଟ୍ରେନିଂ ଦେବା କାର୍ଯ୍ୟ ମଧ୍ୟ କରାଯାଉଛି। ଇଣ୍ଡଷ୍ଟ୍ରି ରିପୋର୍ଟ ମୁତାବକ ଗତ କିଛି ବର୍ଷ ହେବ ଆମ ଦେଶରେ ରିଅଲ ମାର୍କେଟ ଦ୍ରୁତ ଗତିରେ ବୃଦ୍ଧି ପାଉଛି। ଆଗକୁ ଆହୁରି କରାଯିବାକୁ ଯୋଜନା କରାଯାଉଛି, ଯେଉଁଥିପାଇଁ ଆଗାମୀ ଦିନରେ ଯୁବପିଢ଼ିଙ୍କ ପାଇଁ ଭିଆର ଆପ୍ଲିକେଶନ ଆଧାରିତ ଜବ୍ ସମ୍ଭାବନା ମଧ୍ୟ ବୃଦ୍ଧି ପାଇବ।

ଦିନକୁ ଦିନ ଭର୍ଚୁଆଲ ରିଅଲିଟିର ଉପଯୋଗ ବଢ଼ିବାରେ ଲାଗିଛି। କାରଣ ଅବାସ୍ତବ ହେଲେ ବି ଏହା ଏକ ଏଭଳି ବାସ୍ତବ ଓ ପ୍ରକୃତ ପରିବେଶର ଭ୍ରମ ସୃଷ୍ଟି କରେ, ଯାହାକି ମଣିଷକୁ ଏକ ଭିନ୍ନ ଧରଣର ରୋମାଞ୍ଚକର ଅନୁଭବ ଦେଇଥାଏ। ଯେଉଁଥିରେ ଏହା ମଣିଷକୁ ଏଭଳି ଏକ ଦୁନିଆରେ ପହଞ୍ଚାଇ ଦେଇଥାଏ, ଯାହାକୁ ନା କେବଳ ନିଜ ଇଚ୍ଛା ଅନୁସାରେ କଣ୍ଟ୍ରୋଲ କରାଯାଇପାରେ ବରଂ ଏହାର ଆଖପାଖର ବାତାବରଣ ସହିତ ଇଣ୍ଟରଆକ୍ଟ ମଧ୍ୟ କରାଯାଇପାରେ। ଯେଉଁଥିପାଇଁ ଗେମିଂ ଏବଂ ଏଣ୍ଟରଟେନମେଣ୍ଟ କ୍ଷେତ୍ରରେ ଏହାର ବହୁଳ ବ୍ୟବହାର କରାଯାଉଛି। ଯାହାଦ୍ୱାରା ୟୁଜରଙ୍କୁ ଗୋଟିଏ ସ୍ଥାନରେ ବସି ଫିଲ୍ଡରେ ଖେଳିବା, ରାସ୍ତାରେ ବାଇକ କିମ୍ବା କାର୍ ରେସିଂ କରିବା ଭଳି ପ୍ରକୃତରେ ଖେଳିବା ଭଳି ଅନୁଭବ ମିଳିପାରୁଛି। ସେହିପରି ମ୍ୟୁଜିକ ଓ ଡାନ୍ସ ଲଭରଙ୍କୁ ଘରେ ବସି ଭିଆର୍ ଦ୍ୱାରା ହଲରେ ବସି ଫିଲ୍ମ ଦେଖିବା ଲାଇଭ ମ୍ୟୁଜିକ କନ୍‌ସର୍ଟ ଆଟେଣ୍ଡ କରିବାର ମଜା ମିଳିପାରୁଛି। କେବଳ ଏତିକି ନୁହେଁ ଆକ୍ଟିଭ ଲାଇଫଷ୍ଟାଇଲ ପାଇଁ ବର୍ତ୍ତମାନ ଭିଆର ଏକ୍ସରସାଇଜ ଗେମ ବି ଖୁବ୍ ଡିମାଣ୍ଡରେ ରହୁଛି। ସେହିପରି ଶିକ୍ଷାକ୍ଷେତ୍ରରେ ଏହାକୁ ବ୍ୟବହାର କରାଯିବା ଦ୍ୱାରା ଛାତ୍ରଛାତ୍ରୀମାନଙ୍କ ପାଇଁ ଭର୍ଚୁଆଲ ଶିକ୍ଷା ବି ଅଧିକ ଇଣ୍ଟରଆକ୍ଟିଭ ଏବଂ ଇଣ୍ଟରେଷ୍ଟିଂ ହୋଇପାରୁଛି।

ଗେମ୍, ସ୍ୱାସ୍ଥ୍ୟସେବା, ଶିକ୍ଷା, ମନୋରଞ୍ଜନ ଠାରୁ ଆରମ୍ଭ କରି ଆହୁରି ଅନେକ କ୍ଷେତ୍ରରେ ଭର୍ଚୁଆଲ ରିଆଲିଟି ଟେକନିକର ବ୍ୟବହାର ବୃଦ୍ଧି ପାଇଛି। ତେଣୁ ଏକ୍ଷେତ୍ରରେ ଯୁବପିଢ଼ିଙ୍କ ପାଇଁ ଅଧିକରୁ ଅଧିକ ଜବ ଅପ୍‌ସନ ମିଳିପାରୁଛି। ଆଗ୍ରହୀ ଯୁବପିଢ଼ି ଏହାକୁ ଶିଖି ଗେମ ଡେଭେଲପର, ଭିଆର କଣ୍ଟେଣ୍ଟ କ୍ରିଏଟର, ଭିଆର ଇଞ୍ଜିନିୟର, ଭିଆର ଥେରାପିଷ୍ଟ ଭାବେ କାର୍ଯ୍ୟ କରିପାରିବେ। ଭିଆର୍ ସ୍କିଲ ଥିବା ପ୍ରଫେଶନାଲଙ୍କ ପାଇଁ ବର୍ତ୍ତମାନ ଆପ୍ଲିକେଶନ ଏବଂ ଗେମ ଡେଭେଲପମେଣ୍ଟ କ୍ଷେତ୍ରରେ ଅଧିକ ନିଯୁକ୍ତି ସୁଯୋଗ ମିଳୁଛି। ଥ୍ରୀଡ଼ି ମଡ୍‌ଲିଂ, ଆନିମେଶନ ଭଳି କାର୍ଯ୍ୟ ପାଇଁ ଆଜିର ଦିନରେ ଏହାର ବହୁତ ବ୍ୟବହାର କରାଯାଉଛି। ଏହାଦ୍ୱାରା ଉପଭୋକ୍ତାଙ୍କ ପାଇଁ ବିଭିନ୍ନ ୱେବସାଇଟ ଏବଂ ଆପ୍ସ ବ୍ୟବହାରକୁ ଅଧିକ ସହଜ ଓ ଇଣ୍ଟରଆକ୍ଟିଭ କରିବା ଲାଗି ଏହାର ୟୁଜର ଏକ୍ସପେରିଏନ୍ସ ଏବଂ ୟୁଜର ଇଣ୍ଟରଫେସକୁ ଭିଆର ମାଧ୍ୟମରେ ଥ୍ରୀଡ଼ି ଡିଜାଇନ ପ୍ରସ୍ତୁତ କରାଯାଉଛି। ତେଣୁ ଏକ୍ଷେତ୍ରରେ ଯୁବପିଢ଼ିଙ୍କୁ ଭିଆର ଡେଭେଲପର, ଭିଆର କଣ୍ଟେଣ୍ଟ କ୍ରିଏଟର, ଥ୍ରୀଡ଼ି ଆର୍ଟିଷ୍ଟ, ୟୁଏକ୍ସ/ୟୁଆଇ ଡିଜାଇନର ଭାବେ ଅନେକ ଜବ ଅପ୍‌ସନ ମିଳୁଛି। ଗେମ ଡେଭେଲପମେଣ୍ଟ କମ୍ପାନୀ, ସଫ୍ଟୱେୟର ଡେଭେଲପମେଣ୍ଟ ଫାର୍ମ୍ସ, ଶିକ୍ଷା ସଂସ୍ଥା, ହେଲଥ କେୟାର ଫାର୍ମ, ମନୋରଞ୍ଜନ ଉଦ୍ୟୋଗ ଗୁଡ଼ିକରେ ବର୍ତ୍ତମାନ ଭିଆଇ ପ୍ରଫେସନାଲଙ୍କୁ ଅଧିକ ହାୟର କରୁଥିବା ଦେଖିବାକୁ ମିଳୁଛି।

କିପରି ବଢ଼ାଇବେ ଦକ୍ଷତା, ଆସନ୍ତୁ ଜାଣିବା। ଭିଆର ବର୍ତ୍ତମାନ ଏକ ଭଲ କ୍ୟାରିୟର ଅପସନ ପାଲଟିଛି। ତେଣୁ ଭିଆର କ୍ଷେତ୍ରରେ ରୁଚି ରଖୁଥିବା ଯୁବପିଢ଼ି ଏ ନେଇ ପ୍ରଫେଶନାଲ କୋର୍ସ କରି ବିଭିନ୍ନ କ୍ଷେତ୍ରରେ ନିଯୁକ୍ତି ସୁଯୋଗ ପାଇପାରିବେ। ଯେଉଁମାନଙ୍କ ପାଖରେ ଟେକ୍ନିକାଲ ନଲେଜ ସହିତ କିଛି ନୂଆ ଏବଂ ୟୁନିକ କରିବାର କ୍ରିଏଟିଭିଟି ରହିଛି, ସେମାନେ ଭିଆର ସମ୍ବନ୍ଧିତ କୋର୍ସ, ଟ୍ରେନିଂ ପ୍ରୋଗ୍ରାମ ମାଧ୍ୟମରେ ଦକ୍ଷତା ହାସଲ କରିପାରିବେ। ଯଦିଓ ଏହି ଫିଲ୍ଡରେ କ୍ୟାରିୟର ଗଢ଼ିବା ଲାଗି କୌଣସି ଖାସ୍ ଡିଗ୍ରୀର ଆବଶ୍ୟକତା ନାହିଁ, ତେଣୁ ଯେକୌଣସି ଫିଲ୍ଡରେ ଗ୍ରାଜୁଏଶନ କରିବା ପରେ ଏଥିପାଇଁ ପ୍ରଫେଶନାଲ କୋର୍ସ କରିପାରିବେ। କମ୍ପ୍ୟୁଟର ସାଇନ୍ସ, ଗେମ ଡେଭେଲପମେଣ୍ଟ, ଗ୍ରାଫିକ ଡିଜାଇନ ଭଳି ବିଭିନ୍ନ କୋର୍ସ ମଧ୍ୟ କରିପାରିବେ। ଏହା ବ୍ୟତୀତ ଏଥିପାଇଁ ସି++, ସି ପାଇଥନ ଭଳି କେତେକ ପ୍ରୋଗ୍ରାମିଂ ଲାଙ୍ଗୁଏଜ ସହିତ ୟୁନିଟ, ଅନରିଅଲ ଇଞ୍ଜିନ ଭଳି ଥ୍ରୀଡ଼ି ମଡ୍‌ଲିଂ ସଫ୍ଟୱେରରେ କାମ କରିବାର ଦକ୍ଷତା ଆବଶ୍ୟକ। ଅନଲାଇନରେ ମଧ୍ୟ ଭିଆର ଶିଖିବା ପାଇଁ କୋର୍ସର, ଟେକ୍ନିକାଲ ପ୍ଲାଟଫର୍ମ ଉପଲବ୍ଧ। ଶିଖିବା ପରେ ବିଭିନ୍ନ ଫାର୍ମରେ ଇଣ୍ଟର୍ନଶିପ କରି ପ୍ରଥମେ ଦକ୍ଷତା ବୃଦ୍ଧି କରିବାକୁ ଚେଷ୍ଟା କରିବା ଆବଶ୍ୟକ। ଏ ଦିଗରେ ଦକ୍ଷତା ଥିଲେ ଅଧିକ ଦରମାଯୁକ୍ତ ଜବ ପାଇପାରିବେ। ସବୁଠାରୁ ବଡ଼ କଥା ହେଉଛି ଆତ୍ମବିଶ୍ୱାସ, ଗଭୀର ଅଧ୍ୟାବସାୟ, ନିଷ୍ଠା ଓ ସାଧୁତା, ସମୟାନୁବର୍ତ୍ତିତା ହିଁ ଲକ୍ଷ୍ୟ ସାଧନ କରିପାରିଥାଏ।

ଗୁରୁଗ୍ରାମ, ହରିୟାନା

# ‘ଜଙ୍ଗଲ ମାଳୀ’ର ଜୀବନଶୈଳୀ

## ଡ. ପ୍ରମୋଦ କୁମାର ପଣ୍ଡା

“ **ଓରାଙ୍ଗଉଟାନ ବିଶ୍ୱର ସବୁଠାରୁ ବଡ଼ ସ୍ତନ୍ୟପାୟୀ ଜୀବ। ପ୍ରାକୃତିକ ଓ ଖୁବ କୌତୂହଳପୂର୍ଣ୍ଣ ଜୀବନଶୈଳୀ। ଅନ୍ୟ ଜୀବମାନଙ୍କ ଅପେକ୍ଷା ଭିନ୍ନ। ଗଛ ଏମାନଙ୍କ ଘର । ଜୀବନର ୯୦% ସମୟ ଗଛ ଉପରେ ବିତେ। ଖାଇବା, ଶୋଇବା ଓ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଯିବା ଆସିବା ପାଇଁ ଏମାନେ ଗଛର ଡାଳ ବ୍ୟବହାର କରନ୍ତି। ପ୍ରତିଦିନ ସନ୍ଧ୍ୟାରେ ଗଛର ଡାଳ ଏବଂ ପତ୍ର ସାହାଯ୍ୟରେ ଶୋଇବା ପାଇଁ ନୂଆ ବସା ବାନ୍ଧନ୍ତି। ବର୍ଷା ଦାଉରୁ ରକ୍ଷା ପାଇବା ପାଇଁ ବସା ଉପରେ ପତ୍ରର ଛାତ ତିଆରିଥାନ୍ତି । ବଡ଼ ବଡ଼ ପତ୍ର ଛତା ଭାବେ ବ୍ୟବହାର କରନ୍ତି। ବସା ତିଆରିବାକୁ ତାଙ୍କୁ ଅଳ୍ପ ସମୟ ଲାଗିଥାଏ। ପ୍ରାୟ ୧୦ ମିନିଟ।**

ପୃଥିବୀର ସବୁଠାରୁ ବୁଦ୍ଧିମାନ ଏବଂ ବିଶାଳକାୟ ବଣମଣିଷମାନଙ୍କ ମଧ୍ୟରେ ଓରାଙ୍ଗଓଟାନ ଅନ୍ୟତମ। ମାଳୟ ଭାଷାରେ ‘ଓରାଙ୍ଗଉଟାନ’ ଶବ୍ଦର ଅର୍ଥ ହେଉଛି ‘ଜଙ୍ଗଲର ମଣିଷ’। ଏମାନେ ମୁଖ୍ୟତଃ ଏସିଆ ମହାଦେଶର ବର୍ଷାପ୍ରବଣ ଜଙ୍ଗଲରେ ଦେଖାଯାଇଥାନ୍ତି। ଲାଲ୍-ବାଦାମୀ ରଙ୍ଗର ଲମ୍ବା ଲୋମଯୁକ୍ତ ଶରୀର। ହାତ ଶରୀର ଅପେକ୍ଷା ବଡ଼। ଗୋଡ଼ ଠାରୁ ପ୍ରାୟ ଦେଢ଼ଗୁଣ ଲମ୍ବ। ଶକ୍ତିଶାଳୀ ମଧ୍ୟ। ଗୋଡ଼ ଏବଂ ହାତରେ ପାଞ୍ଚଟି ଲେଖାଏଁ ଆଙ୍ଗୁଠି। ଉଭୟ ଗୋଡ଼ ଓ ହାତ, ହାତ ପରି କାମ କରିଥାଏ। ଗଛରୁ ଗଛକୁ ଡେଇଁବା ଏବଂ ଖାଦ୍ୟ ସଂଗ୍ରହ କରିବାରେ ଏହା ତାଙ୍କୁ ସାହାଯ୍ୟ କରିଥାଏ। ହାତର ଲମ୍ବ ସାତ ଫୁଟ ପର୍ଯ୍ୟନ୍ତ ବଡ଼ ହୋଇଥାଏ। ଏମାନେ ବିଶ୍ୱରେ କେବଳ ଦୁଇଟି ଦ୍ୱୀପରେ ଦେଖାଯାନ୍ତି। ବୋର୍ଣ୍ଣିଓ ଓ ସୁମାତ୍ରା ଯାହା ଇଣ୍ଡୋନେସିଆ ଏବଂ ମାଲେସିଆର ଅଂଶ। ଓରାଙ୍ଗଉଟାନ ବିଶ୍ୱର ସବୁଠାରୁ ବଡ଼ ସ୍ତନ୍ୟପାୟୀ ଜୀବ। ପ୍ରାକୃତିକ ଓ ଖୁବ କୌତୂହଳପୂର୍ଣ୍ଣ ଜୀବନଶୈଳୀ। ଅନ୍ୟ ଜୀବମାନଙ୍କ ଅପେକ୍ଷା ଭିନ୍ନ। ଗଛ ଏମାନଙ୍କ ଘର । ଜୀବନର ୯୦% ସମୟ ଗଛ ଉପରେ ବିତେ। ଖାଇବା, ଶୋଇବା ଓ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଯିବା ଆସିବା ପାଇଁ ଏମାନେ ଗଛର ଡାଳ ବ୍ୟବହାର କରନ୍ତି। ପ୍ରତିଦିନ ସନ୍ଧ୍ୟାରେ ଗଛର ଡାଳ ଏବଂ ପତ୍ର ସାହାଯ୍ୟରେ ଶୋଇବା ପାଇଁ ନୂଆ ବସା ବାନ୍ଧନ୍ତି। ବର୍ଷା ଦାଉରୁ ରକ୍ଷା ପାଇବା ପାଇଁ ବସା ଉପରେ ପତ୍ରର ଛାତ ତିଆରିଥାନ୍ତି । ବଡ଼ ବଡ଼ ପତ୍ର ଛତା ଭାବେ ବ୍ୟବହାର କରନ୍ତି। ବସା ତିଆରିବାକୁ ତାଙ୍କୁ ଅଳ୍ପ ସମୟ ଲାଗିଥାଏ। ପ୍ରାୟ ୧୦ ମିନିଟ।



ଏମାନେ ମୁଖ୍ୟତଃ ଶାକାହାରୀ ଓ ଫଳପ୍ରିୟ। ଜଙ୍ଗଲୀ ଫଳ ଏମାନଙ୍କ ମୁଖ୍ୟ ଖାଦ୍ୟ।ଖାଦ୍ୟର ୬୦% ରୁ ଅଧିକ ଭାଗ ଦୁରିଆନ ଭଳି କେବଳ ପାଚିଲା ଫଳ। ଏମାନେ ଗଛର କଅଁଳ ପତ୍ର, ଛାଲି, ଫୁଲ, ମହୁ ଏବଂ କେବେ କେବେ ଛୋଟ ଛୋଟ ପୋକଜୋକ ମଧ୍ୟ ଖାଇଥାନ୍ତି। ଖାଇବା ପରେ ମଞ୍ଜିଗୁଡିକ ଜଙ୍ଗଲର ବିଭିନ୍ନ ସ୍ଥାନରେ ପକାଇଥାନ୍ତି। ଫଳରେ ନୂଆ ଗଛ ଉଠିଥାଏ । ସେଥିପାଇଁ ତାଙ୍କୁ ଜଙ୍ଗଲର ମାଳି କୁହାଯାଏ। ଗାତ ଭିତରୁ ନିଜର ଖାଦ୍ୟ ସଂଗ୍ରହ ପାଇଁ ଏମାନେ ଗଛ ବାଡ଼ିର ସାହାଯ୍ୟ ନିଅନ୍ତି। ଶୁଖିଲା ଟାଣ ଫଳ ଓ ମଞ୍ଜି ଭାଙ୍ଗିବା ପାଇଁ ପଥର ତାଙ୍କର ବଡ଼ ଅସ୍ତ୍ର। ତୀକ୍ଷ୍ଣ ବୁଦ୍ଧି ସମ୍ପନ୍ନ ଓରାଙ୍ଗଉଟାନମାନଙ୍କର ମୁଖ୍ୟତଃ ତିନିଗୋଟି ପ୍ରଜାତି ରହିଛି - ବୋର୍ଣ୍ଣିଆନ୍, ସୁମାତ୍ରୀୟ ଓ ତାପାନୁଲି।

ଓରାଙ୍ଗଓଟାନ ବଣ ମଣିଷମାନଙ୍କ ସାମାଜିକ ବ୍ୟବହାର କୌତୂହଳପୂର୍ଣ୍ଣ। ଆଫ୍ରିକାର ଚିମ୍ପାଞ୍ଜି କିମ୍ବା ଗୋରିଲାଙ୍କ ଭଳି ଏମାନେ ଦଳଗତ ଭାବେ ରହନ୍ତି ନାହିଁ। ଏକାକୀ ରହିବାକୁ ପସନ୍ଦ କରିଥାନ୍ତି। ମାଈ ଏବଂ ଅଣ୍ଡିରା ଓରାଙ୍ଗଓଟାନ କେବଳ ପ୍ରଜନନ ସମୟରେ ଏକାଠି ହୁଅନ୍ତି। ମା ଓ ତା ଶିଶୁ ମଧ୍ୟରେ ସମ୍ପର୍କ ଅତି ନିବିଡ଼ ହୋଇଥାଏ। ଏକ ଶିଶୁ ଓରାଙ୍ଗଓଟାନ ପ୍ରାୟ ସାତ ଆଠ ବର୍ଷ ପର୍ଯ୍ୟନ୍ତ ନିଜ ମାଆ ସହିତ ରହେ। ଜଙ୍ଗଲରେ ବଞ୍ଚିବାର କଳା ଓ କୌଶଳ ଶିଖେ। ସ୍ତନ୍ୟପାୟୀ ଜୀବମାନଙ୍କ ମଧ୍ୟରେ ଏମାନେ ଦୀର୍ଘତମ ମାତୃ - ନିର୍ଭରଶୀଳ। ଏମାନଙ୍କର ଡ଼ିଏନଏ ମନୁଷ୍ୟ ଡ଼ିଏନଏ ସହିତ ପ୍ରାୟ ୯୭% ସମାନ। ପ୍ରାକୃତିକ ପରିବେଶରେ ଏମାନେ ୩୫ ରୁ ୪୦ ବର୍ଷ ପର୍ଯ୍ୟନ୍ତ ବଞ୍ଚନ୍ତି। ଚିଡ଼ିଆଖାନା କିମ୍ବା ସଂରକ୍ଷିତ ସ୍ଥାନରେ ଏମାନଙ୍କ ଆୟୁଷ ଆଉ ୧୦ ରୁ ୧୫ ବର୍ଷ ବଢ଼ିଯାଏ। ୫୦ କିମ୍ବା ତା’ଠାରୁ ଅଧିକ ଦିନ ବଞ୍ଚୁଥାନ୍ତି।

ଓରାଙ୍ଗଉଟାନମାନଙ୍କର ଭାଷା ଓ ସଙ୍କେତ ଅତି ଜଟିଳ। କିନ୍ତୁ ବିକଶିତ। ପ୍ରାକୃତିକ ଭାବେ ପରସ୍ପର ସହ ଯୋଗାଯୋଗ କରିବା ପାଇଁ ଏମାନେ ବିଭିନ୍ନ ପ୍ରକାରର ଶାରୀରିକ ସଙ୍କେତ, ଶବ୍ଦ ଏବଂ ମୁହଁର ଭାବଭଙ୍ଗୀ ବ୍ୟବହାର କରିଥାନ୍ତି। ଏମାନଙ୍କ ଯୋଗାଯୋଗ ଶୈଳୀକୁ ମୁଖ୍ୟତଃ ଦୁଇ ଭାଗରେ ବିଭକ୍ତ କରାଯାଇଛି। ପ୍ରଥମ, ଶାରୀରିକ ସଙ୍କେତ। ଦ୍ୱିତୀୟତଃ , ଧ୍ୱନି ବା ଶବ୍ଦ ସଙ୍କେତ। ଶାରୀରିକ ସଙ୍କେତ ଏମାନଙ୍କ ସବୁଠୁ ପ୍ରମୁଖ ଓ ପ୍ରଭାବଶାଳୀ ଭାଷା। ବୈଜ୍ଞାନିକମାନେ ସେମାନଙ୍କର ସ୍ପଷ୍ଟ ଅର୍ଥ ବହନ କରୁଥିବା ପ୍ରାୟ ୨୧ ରୁ ୬୪ ପ୍ରକାରର ନିର୍ଦ୍ଦିଷ୍ଟ ସଙ୍କେତ ଚିହ୍ନଟ କରିଛନ୍ତି। ଜଣକୁ ନିଜ ଆଡ଼କୁ ଆସିବାକୁ ସଙ୍କେତ ଦେଲେ ଏମାନେ ହାତ ଠାରି ଡାକନ୍ତି। ଅସନ୍ତୋଷ କିମ୍ବା ରାଗ ପ୍ରକାଶ କରିବା ପାଇଁ ଗୋଡ଼ କୋଡ଼ିଥାନ୍ତି କିମ୍ବା କଚାଡ଼ିଥାନ୍ତି। ତଳ ଓଠକୁ ବାହାରକୁ କାଢ଼ିବା ଅର୍ଥ କୌଣସି ଜିନିଷ ପ୍ରତି ଅନିଚ୍ଛା ପ୍ରକାଶ କରିବା।

ଅନ୍ୟମାନଙ୍କ ଦୃଷ୍ଟି ଆକର୍ଷଣ କରିବାକୁ କିମ୍ବା ଭୟଭୀତ କରାଇବାକୁ ଗଛର ଡାଳ ହଲେଇଥାନ୍ତି। ସାଧାରଣତଃ ଶିଶୁ ଓ ମାଆ ମଧ୍ୟରେ ‘ମୋ ଉପରକୁ ଚଢ଼’, ‘ଖାଦ୍ୟ ଦିଅ’, ‘ଖେଳ ବନ୍ଦ କର’, ‘ଦୂରକୁ ଯାଅ’ ଭଳି ଆଦେଶ ପାଇଁ ବିଭିନ୍ନ ପ୍ରକାରର ସଙ୍କେତ ଓ ଭାବଭଙ୍ଗୀ ବ୍ୟବହୃତ ହୋଇଥାଏ । ଓରାଙ୍ଗଉଟାନମାନେ ପ୍ରାୟ ଏଗାର ପ୍ରକାରର ଭିନ୍ନ ଭିନ୍ନ ଶବ୍ଦ କରିପାରନ୍ତି। ବୟସ୍କ ଅଣ୍ଡିରା ଅରାଙ୍ଗଉଟାନ ନିଜ ଗଳାରେ ଥିବା ଏକ ବିଶେଷ ଥଳିର ସହାୟତାରେ ‘ଲଙ୍ଗ କଲ’ ଶବ୍ଦ ସୃଷ୍ଟି କରିବାକୁ ସକ୍ଷମ । ଏହି ଗୁରୁ ଗମ୍ଭୀର ଶବ୍ଦ ଜଙ୍ଗଲରେ ପ୍ରାୟ ଏକ କିଲୋମିଟର ଦୂର ପର୍ଯ୍ୟନ୍ତ ଶୁଣାଯାଏ। ନିଜର ସୀମା ଜଣାଇବାକୁ କିମ୍ବା ମାଈ ଓରାଙ୍ଗଓଟାନକୁ ଆକର୍ଷିତ କରିବାକୁ ଏହା ବ୍ୟବହୃତ ହୋଇଥାଏ। ଓଠକୁ ପାଖକୁ ଆଣି ଚୁମା ଦେବା ଭଳି ଏକ ତୀକ୍ଷ୍ଣ ଶବ୍ଦ ସୃଷ୍ଟି ଅର୍ଥ ତାଙ୍କ ଆଖପାଖରେ ମଣିଷ କିମ୍ବା ଶିକାରୀ ଜୀବ ଅଛନ୍ତି। ସେମାନେ ଅସୁରକ୍ଷିତ। ବିରକ୍ତ ହେଲେ କିମ୍ବା ବସା ବାନ୍ଧିବା ବେଳେ ତାଙ୍କ ପାଟିରୁ ମେସିନ୍ ଷ୍ଟାର୍ଟ ହେବା ଭଳି ଏକ ଧୀର ଗର୍ଜନ ବାହାରେ। ଏହାକୁ ଗ୍ରମ୍ବଲ୍ ଓ ରାସ୍ପବେରୀ କୁହାଯାଏ । ପରସ୍ପର ସହ ଖେଳକୁଦ କିମ୍ବା କୌତୁକ କରିବା ସମୟରେ ଏମାନେ ମଣିଷ ଭଳି ହସିଥାନ୍ତି। ଭୋକାଲ୍ କର୍ଡ ନ ଥିବାରୁ ଏମାନେ କଥା କହି ପାରନ୍ତି ନାହିଁ। କିନ୍ତୁ ତାଙ୍କ ବୁଦ୍ଧିମତ୍ତା ଏତେ ପ୍ରଖର ଯେ ଚିଡ଼ିଆଖାନା ବା ଗବେଷଣାଗାରରେ ତାଙ୍କୁ ଆମେରିକାନ୍ ସାଇନ୍ ଲାଙ୍ଗୁଏଜ୍ ଶିଖାଯାଇ ପାରିଛି। ନିର୍ଦ୍ଦିଷ୍ଟ ଏକ ପ୍ରସିଦ୍ଧ ଓରାଙ୍ଗଓଟାନ ଖୁବ୍ ବୁଦ୍ଧିମାନ ଥିଲା। ମଣିଷର ସାଙ୍କେତିକ ଭାଷାର ଶତାଧିକ ଶବ୍ଦ ଶିଖିପାରିଥିଲା। ନିଜେ ମଧ୍ୟ ନୂଆ ସଙ୍କେତ ପ୍ରସ୍ତୁତ ଓ ପ୍ରକାଶ କରିପାରୁଥିଲା। ବାଲେଶ୍ୱର ଜଙ୍ଗଲରୁ ଉଦ୍ଧାର ହୋଇଥିବା ଶିଶୁ ଓରାଙ୍ଗଓଟାନଗୁଡ଼ିକ ଏବେ ଛୋଟ ଥିବାରୁ କାନ୍ଦିବା, ମା’କୁ ଧରିବା ପାଇଁ ହାତ ବଢ଼ାଇବା ଏବଂ କିସ୍ - ସ୍କୁଇକ୍ ଭଳି ପ୍ରାଥମିକ ଶବ୍ଦ ଓ ସଙ୍କେତ ମାଧ୍ୟମରେ ନିଜର ଭାବ ପ୍ରକାଶ କରୁଛନ୍ତି।

ଓରାଙ୍ଗଓଟାନମାନଙ୍କ ଅସ୍ତିତ୍ୱ ପ୍ରତି ଆଜି ବିଶ୍ୱସ୍ତରରେ ଘୋର ବିପଦ ସୃଷ୍ଟି ହୋଇଛି। ବିଶ୍ୱ ବନ୍ୟପ୍ରାଣୀ ସଂରକ୍ଷଣ ସଂସ୍ଥାର ମନ୍ୟତା ଅନୁସାରେ ଓରାଙ୍ଗଓଟାନଙ୍କ ସମସ୍ତ ପ୍ରଜାତି ଗମ୍ଭୀର ଭାବେ ବିଲୁପ୍ତପ୍ରାୟ ଶ୍ରେଣୀର ଅନ୍ତର୍ଭୁକ୍ତ। ଜଙ୍ଗଲ ନଷ୍ଟ ହେବା, ପାମ ଅଏଲ୍ ଚାଷ ପାଇଁ ନିଆଁ ଲଗାଇବା ଏବଂ ବେଆଇନ ତସ୍କରୀ ଓ ଶିକାର ଯୋଗୁଁ ଏହି ବୁଦ୍ଧିମାନ ଜୀବ ଲୋପ ପାଇବାକୁ ବସିଲାଣି।

ପ୍ରାକ୍ତନ ଜିଲ୍ଲା ଶିକ୍ଷା ଅଧିକାରୀ, ସମ୍ବଲପୁର
ମୋ-୭୯୭୮୨୮୩୧୯୦

19. 09.2026.pmd 1 9/14/2026, 6:26 AM

## ସୁବର୍ଣ୍ଣପୁରରେ ଖାଲି ପଡ଼ିଛି ଜିଲ୍ଲାପାଳ ପଦବୀ ବଢୁଛି ଜନସାଧାରଣଙ୍କ ଅସୁବିଧା

ସୋନପୁର,୧୮।୯ (ନିପ୍ର): ୧୮ ଦିନ ଧରି ସୁବର୍ଣ୍ଣପୁର ଜିଲ୍ଲାରେ ଜିଲ୍ଲାପାଳ ପଦବୀ ଖାଲି ପଡ଼ିଛି। ଫଳରେ ଜିଲ୍ଲାର ପ୍ରଶାସନିକ ବ୍ୟବସ୍ଥା ଏକପ୍ରକାର ଠପ୍ ହୋଇଯାଇଥିବା ବେଳେ ସାଧାରଣ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସର୍ବୋଚ୍ଚ ପ୍ରଶାସନିକ ଅଧିକାରୀଙ୍କ ଅନୁପସ୍ଥିତି କାରଣରୁ ସୁବର୍ଣ୍ଣପୁର ଜିଲ୍ଲା ଏବେ 'ମୁରବି ଶୂନ୍ୟ' ହୋଇପଡ଼ିଛି ବୋଲି ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ଜିଲ୍ଲାପାଳ ହେଉଛନ୍ତି ଜିଲ୍ଲାର ମୁଖ୍ୟ ପ୍ରଶାସକ ତଥା ବିକାଶମୂଳକ କାର୍ଯ୍ୟର ମୁଖ୍ୟ ରୂପକାର। କିନ୍ତୁ ଗତ ୧୮ ଦିନ ହେବ ଏହି ଗୁରୁତ୍ୱପୂର୍ଣ୍ଣ ପଦବୀ ଖାଲି ପଡ଼ିଥିବାରୁ ଜିଲ୍ଲାର ଅନେକ ଉନ୍ନୟନମୂଳକ ତଥା ଜନକଲ୍ୟାଣକାରୀ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ପ୍ରତିଦିନ ବିଭିନ୍ନ ଉପାନ୍ତ ଅଞ୍ଚଳରୁ ନିଜର ଦୁଃଖ ଗୁହାରି ଓ ସମସ୍ୟା ନେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଆସୁଥିବା ଜନସାଧାରଣ ନିରାଶ ହୋଇ ଫେରୁଛନ୍ତି। ଅନେକ ଗୁରୁତ୍ୱପୂର୍ଣ୍ଣ ଫାଇଲ୍ ଅଟକି ରହିଥିବା ବେଳେ ସାଧାରଣ ପ୍ରଶାସନିକ ନିଷ୍ପତ୍ତି ନେବାରେ ମଧ୍ୟ ବିଳମ୍ବ ଦେଖାଦେଉଛି, ଯାହାର ସିଧାସଳଖ ପ୍ରଭାବ ସାଧାରଣ ନାଗରିକଙ୍କ ଉପରେ ପଡୁଛି। ଜିଲ୍ଲାରେ ଆଇନଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ ଠାରୁ ଆରମ୍ଭ କରି ବିଭିନ୍ନ ସରକାରୀ ଯୋଜନାର ସୁପରିଚାଳନା ପାଇଁ ଜିଲ୍ଲାପାଳଙ୍କ ଉପସ୍ଥିତି ନିହାତି ଜରୁରୀ। ଏଭଳି ଏକ ସମ୍ବେଦନଶୀଳ ତଥା ଗୁରୁତ୍ୱପୂର୍ଣ୍ଣ ପଦବୀ ଏତେ ଦିନ ଧରି ଖାଲି ପଡ଼ିବା ପ୍ରଶାସନିକ ଉଦାସୀନତାକୁ ଦର୍ଶାଉଛି ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି। ତେଣୁ ରାଜ୍ୟ ସରକାର ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ସୁବର୍ଣ୍ଣପୁର ଜିଲ୍ଲା ପାଇଁ ଜଣେ ଦକ୍ଷ ତଥା ସ୍ଥାୟୀ ଜିଲ୍ଲାପାଳ ନିଯୁକ୍ତି କରିବାକୁ ଜିଲ୍ଲାବାସୀ ଦୃଢ଼ ଦାବି କରିଛନ୍ତି।

## ସୁବର୍ଣ୍ଣପୁରରେ 'ସେବା ସଂକଳ୍ପ ଅଭିଯାନ'

ସୋନପୁର,୧୮।୯ (ନିପ୍ର); ସୁବର୍ଣ୍ଣପୁର ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟ ପକ୍ଷରୁ ସ୍ଥାନୀୟ ମା' ସୁରେଶ୍ୱରୀ ମନ୍ଦିର ପରିସରରେ ମାସ ବ୍ୟାପୀ ପାଳନ ହେବାକୁ ଥିବା 'ସେବା ସଂକଳ୍ପ ଅଭିଯାନ'ର ବର୍ଣ୍ଣାଢ୍ୟ ଶୁଭାରମ୍ଭ ହୋଇଯାଇଛି। ସେପ୍ଟେମ୍ବର ୧୭ ତାରିଖରୁ ଆରମ୍ଭ ହୋଇଥିବା ଏହି ଅଭିଯାନ ଆସନ୍ତା ଅକ୍ଟୋବର ୧୭ ତାରିଖ ପର୍ଯ୍ୟନ୍ତ ଏକ ମାସ ଧରି ପାଳନ କରାଯିବ। ଅଭିଯାନର ପ୍ରଥମ ଦିନରେ ଆଜି ସକାଳୁ ମା' ସୁରେଶ୍ୱରୀଙ୍କ ପୀଠରେ ୧,୦୦୦ ଗୋଟି ଦୀପ ପ୍ରଜ୍ୱଳନ କରାଯାଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ଏହି ଅଭିଯାନ ଅବଧି ମଧ୍ୟରେ ସୁବର୍ଣ୍ଣପୁର ଜିଲ୍ଲାରେ ମୋଟ ୧ ଲକ୍ଷ ୪୪ ହଜାର ୬୨୩ ଗୋଟି ଦୀପ ପ୍ରଜ୍ୱଳନ କରାଯିବାର ବୃହତ୍ ଲକ୍ଷ୍ୟ ରଖାଯାଇଛି। ଏହି ମାସ ବ୍ୟାପୀ ଅଭିଯାନରେ ପ୍ରତ୍ୟେକ ବିଏଲ୍ଏଫ୍, ଜିଏଲ୍ଏଫ୍ ଏବଂ ଡ଼ିଏଲ୍ଏଫ୍ ସମେତ ଜିଲ୍ଲାର ବିଭିନ୍ନ ମନ୍ଦିର, ଦେବାଳୟ ଓ ଘରଗୁଡ଼ିକରେ ଏହି ଦୀପ ପ୍ରଜ୍ୱଳନ କରାଯିବ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଉତ୍ସାହର ସହ ଯୋଗଦେଇଥିଲେ। ସେମାନେ ଆକର୍ଷଣୀୟ ରଙ୍ଗୋଲି ପ୍ରସ୍ତୁତ କରିବା ସହ କେକ୍ କାଟି ଓ ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ସାଫଲ୍ୟମଣ୍ଡିତ କରିଥିଲେ। ଏହି ଅବସରରେ ମହିଳାମାନେ ଭାରତ ସରକାର ତଥା ରାଜ୍ୟ ସରକାରଙ୍କ ପକ୍ଷରୁ ଜନସାଧାରଣଙ୍କ ସେବା ଓ କଲ୍ୟାଣ ନିମନ୍ତେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଏକ ସକାରାତ୍ମକ ବାର୍ତ୍ତା ପ୍ରଦାନ କରିଥିଲେ।

## ଡାବୁଗାଁ ରେ 'ଏକ ପେଡ୍ ମା'କେ ନାମ' କାର୍ଯ୍ୟକ୍ରମ

ଡାବୁଗାଁ,୧୮।୯ (ନିପ୍ର); ଡାବୁଗାଁ ବନାଞ୍ଚଳ ଅଧୀନ ଚେରଚାଟିଆଗୁଡା , ଡାବୁଗାଁ ସେକ୍ସନ ବା ଡାବୁଗାଁ ରେଞ୍ଜ ଠାରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାରଙ୍କ ତରଫରୁ ଏକ ପେଡ୍ ମା କେ ନାମ ୩.୦ ଅନ୍ତର୍ଗତ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନବରଙ୍ଗପୁର ବନବିଭାଗର ମୁଖ୍ୟ ଏସିଏଫ ସୁବାସ ଚନ୍ଦ୍ର ଖୁଣ୍ଟିଆ, ଡାବୁଗାଁ ରେଞ୍ଜର ରାମ ଚନ୍ଦ୍ର ଭତ୍ରା ଡାବୁଗାଁ ଫରେଷ୍ଟର ପ୍ରଫୁଲ ମାଝୀ, ମୈଦାଲପୁର ଫୋରଷ୍ଟେର ବିପିନ କୁମାର ହରିଜନ, ଜାଟାବାଲ ଫରେଷ୍ଟର ଚନ୍ଦ୍ରଦାସ ନାଗ ଏବଂ ବନ ବିଭାଗର କର୍ମଚାରୀ କାର୍ତ୍ତିକ ମାଝୀ, ତାପସ ରଞ୍ଜନ ପଟ୍ଟନାୟକ, ରିତାରାଣୀ ବିଶ୍ୱାସରାୟ, ଅନିତାବସସ କୁମାରୀ ହିଆଲ,ଆକାଶିନୀ କର୍ଣ୍ଣ, ସୁଭଦ୍ରା ସାହୁ , ମହିଳା ଓ ଛାତ୍ରଛାତ୍ରୀମାନେ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ।

## 'ଏକ ପେଡ ମା'କେ ନାମ ୩.୦ ରେ ବୃକ୍ଷରୋପଣ

ଭାପୁର,୧୮।୯ (ନିପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଙ୍କ ୭୬ତମ ଜନ୍ମଦିନ ପାଳନ ଉପଲକ୍ଷେ ଭାପୁର ବ୍ଲକ କଇଁଫୁଲ୍ଲିଆ ପଞ୍ଚାୟତ ଅନ୍ତର୍ଗତ ଗୟାପଥର ଡ୍ୟାମ ନିକଟ ଡେଙ୍ଗାବାହାଡ଼ ରିଜର୍ଭ ଜଙ୍ଗଲରେ 'ଏକ ପେଡ ମା'କେ ନାମ ୩.୦' କାର୍ଯ୍ୟକ୍ରମ ଭାପୁର ଫରେଷ୍ଟର ସୁବାସ ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି।

ଏହି କାର୍ଯ୍ୟକ୍ରମରେ, ସାଂସଦଙ୍କ ବ୍ଲକ ପ୍ରତିନିଧି ତୋଫାନ କୁମାର ପ୍ରଧାନ, ସ୍ଥାନୀୟ ସରପଞ୍ଚ ରମେଶ ପ୍ରସାଦ ରାଉତ,ନୟାଗଡ଼ ରେଞ୍ଜର ଦିଲ୍ଲୀପ କୁମାର ପଟ୍ଟନାୟକ,ସହକାରୀ ରେଞ୍ଜର ଅମ୍ରିତ କୁମାର ସାହୁ,ଖଣ୍ଡପଡା ଫରେଷ୍ଟର ବବୁଲ କୁମାର ସାହୁ,ସିଂଘାପଡା ଫରେଷ୍ଟର ସନ୍ଧ୍ୟାରାଣୀ ନାୟକ,କଣ୍ଟିଲୋ ଫରେଷ୍ଟର ଜ୍ୟୋତି ରଞ୍ଜନ ମଲ୍ଲିକ, ସୁନୀଲ କୁମାର ନାୟକଙ୍କ ସମେତ ୧୦ ଜଣ,ଭାପୁର ସରସ୍ୱତୀ ଶିଶୁ ମନ୍ଦିରର ଶିକ୍ଷକ ଏବଂ ଛାତ୍ରଛାତ୍ରୀ ଯୋଗଦେଇ ଶିଶୁ, ଚାକୁଣ୍ଡାକସନ ଆଦି ବୃକ୍ଷରୋପଣ କରି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

## ଅବକାରୀ ବିଭାଗର ନିଷ୍କ୍ରିୟତାକୁ ନେଇ ଅସନ୍ତୋଷ

ଡ଼ାବୁଗାଁ,୧୮।୯ (ନିପ୍ର); ଚଚରାଗୁଡା ପଞ୍ଚାୟତର ମହିଳାମାନେ ଓ ସଚେତନ ନାଗରିକ କୁମଝରିଆ ଗୁଡା ରେ ଏକତ୍ର ହୋଇ ଅବକାରୀ ବିଭାଗର ଅବହେଳାକୁ ଦୃଢ ବିରୋଧ କରି ଥିଲେ। ଜିଲ୍ଲାପାଳଙ୍କୁ ଏବଂ ଡାବୁଗାଁ ଅବକାରୀ ଥାନା ରେ ଅଭିଯୋଗ ଦେବା ସତ୍ତ୍ୱେ ଅବୈଧ ମଦ କାରବାର ବନ୍ଦ ପାଇଁ ଅବକାରୀ ବିଭାଗୀୟ ଅଧିକାରୀମାନେ ତତ୍ପର ନଥିବା ମହିଳାମାନେ ଅଭିଯୋଗ କରିଛନ୍ତି। ମହିଳାସାମାଜିକ କାର୍ଯ୍ୟକର୍ତ୍ତାମାନଙ୍କୁ ହିନ୍ଦୁ ମହାସଂଘ ପ୍ରମୁଖ ସୂର୍ଯ୍ୟବଂଶୀ ଜୟନ୍ତ, ସ୍ଥାନୀୟ ୱାର୍ଡ ମେମ୍ବର ଶଙ୍କର ଦିଆରୀ ସମର୍ଥନ ଜଣାଇଛନ୍ତି। ପଦ୍ମିନୀ ହରିଜନ, ହାତୀ ପୂଜାରୀ, ପୂର୍ବା ମାଝୀ, ସରାବଣ ପୂଜାରୀ, କମଳା ମାଝୀ, ପଦ୍ମା ମାଝୀ, ମାଙ୍ଗ ମାଝୀ, ଅନ୍ନପୂର୍ଣ୍ଣା ମାଝୀ ପ୍ରମୁଖ ମହିଳା ସାମାଜିକ କାର୍ଯ୍ୟକର୍ତ୍ତାଙ୍କ ନେତୃତ୍ୱ ନେଇଥିଲେ।

# ବିଦ୍ୟୁତ୍ ଖୁମ୍ବରୁ ପଡ଼ି ପ୍ରାଣ ହରାଇଲେ: ୫ ସହଯୋଗୀ ଯୁବକ ଗିରଫ

ଝାରସୁଗୁଡ଼ା, ୧୮।୯: ଝାରସୁଗୁଡ଼ା ଜିଲ୍ଲା କୋଲାବିରା ଥାନା ଅଧୀନସ୍ଥ ସିରିଆପାଲି ଗ୍ରାମରେ ନିଖୋଜ ହେବାର ୫ ଦିନ ପରେ ଏହି ଗ୍ରାମର ଦେବେନ୍ଦ୍ର ସୁନାନୀ(୧୯) ନାମକ ଜଣେ ଯୁବକଙ୍କ ଗଳିତ ଶବ ୪୯ ନମ୍ବର ଜାତୀୟ ରାଜପଥ କଡ ଗାଁ ନିକଟ ନାଳ ହିଡରୁ ଉଦ୍ଧାର କରାଯାଇଥିଲା । ଶବ ମିଳିବା ପରେ ତାଙ୍କୁ ହତ୍ୟା କରାଯାଇଥିବା ନେଇ ପରିବାର ପକ୍ଷରୁ ଅଭିଯୋଗ କରାଯାଇଥିଲା । ଝାରସୁଗୁଡ଼ା ଏସଡିପିଓ ଉମାଶଙ୍କର ସିଂ ଙ୍କ ତତ୍ତ୍ୱାବଧାନରେ କୋଲାବିରା ଥାନାର ଭାରପ୍ରାପ୍ତ ଅଧିକାରୀ ସନ୍ତୋଷ ପ୍ରଧାନଙ୍କ ନେତୃତ୍ୱରେ ଘଟଣାର ତଦନ୍ତ ଚାଲୁରହଥିଲା। ତେବେ ସିରିଆପାଲି ନିକଟସ୍ଥ କୁମୁଡ଼ାପାଲିକୁ ବିଦ୍ୟୁତ୍ ତାର ଚୋରି କରିବାକୁ ଯାଇ ମୃତ ମୃତ ଯୁବକ ଦୁର୍ଘଟଣାର ଶିକାର ହେବା ସହ ଚୋରି ଘଟଣାକୁ ଲୁଚାଇବା ପାଇଁ ସାଥିରେ ଥିବା ଅନ୍ୟ ସହଯୋଗୀମାନେ ଦେବେନ୍ଦ୍ରଙ୍କୁ ଘଟଣାସ୍ଥଳ ଠାରୁ ଦୂରରେ ସିରିଆପଳି ନାଲ ହିଡ଼ ଉପରେ ଏକ ବୁଦାଳିଆ ସ୍ଥାନରେ ଫିଙ୍ଗି ଦେଇ ଚାଲି ଯାଇଥିବା ଅଭିଯୋଗ ହୋଇଛି । ମୃତ ଦେବେନ୍ଦ୍ର ବିଦ୍ୟୁତ୍ ତାର କାଟିବା ପାଇଁ ବିଦ୍ୟୁତ୍ ଖୁମ୍ବକୁ ଚଢ଼ିଥିବା ବେଳେ ଭାରସାମ୍ୟ ହରାଇ ତଳେ ପଡ଼ିଯାଇଥିଲେ ବୋଲି ପୋଲିସ ସୂତ୍ରରୁ ସୂଚନା ମିଳିଛି । ଏହାସହ ଦେବେନ୍ଦ୍ରଙ୍କ ଶବ ମିଳିବା ପୂର୍ବରୁ ତାଙ୍କର ମା



ଝାରସୁଗୁଡ଼ା ଏସପି ଙ୍କୁ ଭେଟି ଲିଖିତ ଅଭିଯୋଗ କରିଥିଲେ। ଏଥିରେ ସେ ମନିଷ ସୁହୁଲା ନାମକ ଜଣେ ଯୁବକ ତାଙ୍କ ପୁଅକୁ ଗତ ୧୦ ତାରିଖ ସନ୍ଧ୍ୟାରେ ଘରୁ ଡାକି ନେଇଥିଲେ ବୋଲି ଅଭିଯୋଗ ପତ୍ରରେ ଉଲ୍ଲେଖ କରିଥିଲେ । ଶେଷରେ ପୋଲିସ ୫ ଜଣ ଯୁବକଙ୍କୁ ଅଟକ ରଖି ପଚରା ଉଚୁରା କରିବା ସହ ଗିରଫ କରିଛି । ଗିରଫ ଯୁବକମାନେ ହେଲେ କୋଲାବିରା ଥାନା ଠରକିମାଲ ଗ୍ରାମର ଦୟାନିଧି କିସାନ(୨୪), ଝାରସୁଗୁଡ଼ା ଥାନା କୁମୁଡ଼ାପାଲି ଗ୍ରାମର ରଜତ ଦେହୁରିଆ (୧୯), ଲଇକେରା ଥାନା ଭାତଲଇଡା ଗ୍ରାମର ମନିଷ ସୁହୁଲିଆ(୨୦), ଲଇକେରା। ଥାନା କିର୍ମିରା ବ୍ଲକ ସିଆଲରମା ଗ୍ରାମର ଧନେଶ୍ୱର ଜାମୁଡୋଲିଆ(୧୯) ଓ ସ୍ୱାଧୀନ କୁଆ(୧୯) । କୋଲାବିରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଗିରଫ ୫ ଅଭିଯୁକ୍ତଙ୍କ ଡାକ୍ତରୀ ମାଇନା କରାଯାଇଛି । ଏହାସହ ସନ୍ଧ୍ୟାରେ ପୋଲିସ ଅଭିଯୁକ୍ତ ମାନଙ୍କୁ ଘଟଣାସ୍ଥଳକୁ ନେଇ ସିନ ରିକ୍ରିଏସନ କରିଛି । ଏନେଇ କୋଲାବିରା ଥାନାରେ ଏକ ହତ୍ୟା ମାମଲା ରୁଜୁ କରାଯାଇଥିବା ବେଳେ ଗିରଫ ୫ ଅଭିଯୁକ୍ତ ଯୁବକଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଭାରପ୍ରାପ୍ତ ଥାନା ଅଧିକାରୀ ସନ୍ତୋଷ ପ୍ରଧାନ ସୂଚନା ଦେଇଛନ୍ତି ।ମିଳିଥିବା ସୂଚନା ଅନୁଯାୟୀ, ଏହି ଘଟଣାରେ ଜଡ଼ିତ ଥିବା ଆହୁରି ୨/୩ ଜଣ ଯୁବକଙ୍କୁ ପୋଲିସ ପକ୍ଷରୁ ଧରିବା ପାଇଁ ଉଦ୍ୟମ ଚାଲୁ ରହିଛି ।

## ମୃତକଙ୍କ ପରିବାରକୁ ବିରୋଧୀ ଦଳ ନେତାଙ୍କ ସହାୟତା

ହିଞ୍ଜିଳିକାଟୁ,୧୮।୯ (ନିପ୍ର): ହିଞ୍ଜିଳିକାଟୁ ପୌରାଞ୍ଚଳରେ ଏକ ଅଭାବନୀୟ ଘଟଣା କ୍ରମରେ ତିନିଟି ପରିବାର ତିନି ଜଣ ପୁଅଙ୍କୁ ହରାଇ ମର୍ମାହତ ହୋଇଛନ୍ତି। ଏଭଳି ଏକ ଦୁଃଖଦ ଘଟଣାରେ ହିଞ୍ଜିଳି ବିଧାୟକ ତଥା ଓଡିଶାର ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକ ଗଭୀର ଶୋକ ପ୍ରକାଶ କରି ଦିବଙ୍ଗତ ଆତ୍ମାଙ୍କ ସଦଗତି ପ୍ରାପ୍ତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି। ଗଣେଶ ମୂର୍ତ୍ତି ଆଣିବା ପାଇଁ ଡାଲା ଅଟୋରେ ବସି ଯାଉଥିବା ବେଳେ ହିଞ୍ଜିଳିକାଟୁର ଫୁଲ ବ୍ୟବସାୟୀ କାଳିଆ ମୁନୀଙ୍କ ଏକମାତ୍ର ପୁଅ ଚନ୍ଦନ ମୁନୀଙ୍କ ଦୁର୍ଘଟଣା ଘଟି ମୃତ୍ୟୁ ଘଟିଥିଲା। ପୁଣି ଗତ କାଲି ଏକ ଘରୋଇ କୋଚିଂ ସେଣ୍ଟରର ଗଣେଷ ମୂର୍ତ୍ତି ଭସାଣି ବେଳେ କୋଚିଂ ସେଣ୍ଟରର ଦୁଇ ଜଣ ଛାତ୍ର ନେତାଜୀ ମାର୍ଗ ବାସିନ୍ଦା କୈଳାସ ସାହୁଙ୍କ ପୁଅ ଆଦର୍ଶ ସାହୁ ଓ ଗାୟତ୍ରୀ ନଗର ବାସିନ୍ଦା ସୁଜୟ ସମେଲୀଙ୍କ ପୁଅ ପ୍ରୀତମ ସାହୁ ଘୋଡାହାଡ ନଦୀ ଗର୍ଭରେ ବୁଡ଼ି ପ୍ରାଣ ହରାଇଥିଲେ। ଏହି ସମ୍ବେଦନଶୀଳ ଘଟଣାରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ତିନି ପରିବାରକୁ ସହାୟତାର ହାତ ବଢ଼ାଇଛନ୍ତି। ବିରୋଧୀ ଦଳ ନେତାଙ୍କ ନିର୍ଦ୍ଦେଶ କ୍ରମେ ହିଞ୍ଜିଳି ବିଜେଡିର ଏକ ପ୍ରତିନିଧି ମଣ୍ଡଳୀ ମୃତକଙ୍କ ପରିବାରକୁ ଭେଟି ଦଶାହ କାର୍ଯ୍ୟ ପାଇଁ ନବୀନ ବାବୁ ଦେଇଥିବା ୨୦ ହଜାର ଟଙ୍କା ଲେଖାଏଁ ପ୍ରତି ପରିବାରକୁ ସହାୟତା ରାଶି ପ୍ରଦାନ କରିଛନ୍ତି। ଉକ୍ତ ପ୍ରତିନିଧି ଦଳରେ ବିଜେଡି ରାଜ୍ୟ ମହିଳା ସାଧାରଣ ସମ୍ପାଦିକା, ବିଜେଡି ଶ୍ରମିକ ସାମ୍ମୁଖ୍ୟର ରାଜ୍ୟ ଉପାଧ୍ୟକ୍ଷା ରଞ୍ଜିତା ସାହୁ, ବିରୋଧୀ ଦଳ ନେତାଙ୍କ ଜିଲ୍ଲା ପରିଷଦ ପ୍ରତିନିଧି ଦେବାନନ୍ଦ ମହାପାତ୍ର, ନଗର ସଭାପତି ହୃଦୟାନନ୍ଦ ମହାପାତ୍ର, ପୌର ପରିଷଦ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ପୋଲେଇ,ପୌର ପ୍ରତିନିଧି ପ୍ୟାରୀ ପ୍ରମୁଖ ସାମିଲ ହୋଇଥିଲେ ।

## ସଂସ୍କୃତି ସହ ପରମ୍ପରାକୁ ବଞ୍ଚାଇ ରଖିଛି ନୂଆଁଖାଇ

କୁଚିଣ୍ଡା,୧୮।୯ (ନିପ୍ର); ବ୍ଲକର ପାରୁଆଭାଡି ଇନକ୍ରେଡ୍ଡିଲ ଯୁଥ୍ କ୍ଲବ୍ ପକ୍ଷରୁ ସ୍ଥାନୀୟ କ୍ରିକେଟ ପଡିଆରେ ଅଷ୍ଟମ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ ରବିନାରାୟଣ ନାଏକ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ହେଉଛି ଭାଇଚାରାର ଏକ ପବିତ୍ର ନିଦର୍ଶନ। ଏହା କେବଳ ନୂଆଁଅନ୍ନ ସେବନ କରି ପରମ୍ପରା ରକ୍ଷାମୂଳ ଉଦ୍ଦେଶ୍ୟ ନୁହେଁ। ପ୍ରକୃତ କଥା ହେଲା ଆବାହମାନ କାଳରୁ ନୂଆଁଖାଇ ପଶ୍ଚିମ ଓଡ଼ିଶାର ସଂସ୍କୃତିକୁ ଯୋଡ଼ିସହ ପରମ୍ପରାକୁ ବଞ୍ଚାଇ ରଖିଥିବା କହିଥିଲେ। ଲୋକକବି ପଦ୍ମଶ୍ରୀ ହଳଧର ନାଗ ମୁଖ୍ୟବକ୍ତା ଓ ରଙ୍ଗବତୀ ଗୀତର ସ୍ରଷ୍ଟା ପଦ୍ମଶ୍ରୀ ମିତ୍ରଭାନୁ ଗୌନ୍ତିଆ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇ ପଶ୍ଚିମ ଓଡ଼ିଶାର ସମ୍ବଲପୁରୀ ସଂସ୍କୃତି, ଐତିହ୍ୟ ଓ ଲୋକ ପରମ୍ପରା ନୂଆଁଖାଇରୁ ହିଁ ଆରମ୍ଭ ହୋଇଥାଏ ତେଣୁ ଏହି ମହାନ ସଂସ୍କୃତିକୁ ବଞ୍ଚାଇ ରଖିବାକୁ ହେଲେ ଯୁବସମାଜଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି କହିଥିଲେ।

କାର୍ଯ୍ୟକ୍ରମରେ ସମାଜସେବୀ ତଥା ପାରୁଆଭାଡି ଗ୍ରାମର ଗୌନ୍ତିଆ ଶିବ ନାରାୟଣ ନାୟକ, ଅବସରପ୍ରାପ୍ତ ଶିକ୍ଷକ ଉଦୟ ନାଥ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ। ଇନକ୍ରେଡ୍ଡିଲ୍ ଯୁଥ୍ କ୍ଲବ୍ ସଭାପତି ଫଣ୍ଡିସ ହଂସ ସଭା ପରିଚାଳନା କରିଥିବା ବେଳେ କାର୍ଯ୍ୟକ୍ରମ ପରିଚାଳନାରେ ଯୁଥ୍ କ୍ଲବ୍ ଉପସଭାପତି ପ୍ରକାଶ ସେଠୀ, ସମ୍ପାଦକ ରାଜେଶ ରଣା,ସହସମ୍ପାଦକ ବିଶାଳରାଜ ନାୟକ, କୋଷାଧ୍ୟକ୍ଷ ଅଶେଶ ରଣା, ସହ କୋଷାଧ୍ୟକ୍ଷ ଜିତୁ ଝାଙ୍କର ସହଯୋଗ କରିଥିଲେ।

## ଆଠଗଡ଼ର ବିଭିନ୍ନ ସମସ୍ୟା ସଂକ୍ରାନ୍ତରେ ଆଲୋଚନା

ଆଠଗଡ଼,୧୮।୯(ନିପ୍ର): ଆଠଗଡ ମିଡିଆ ହାଉସ ପକ୍ଷରୁ ନୂତନ ଉପଜିଲ୍ଲାପାଳ ଅନିମେଷ ପ୍ରଧାନଙ୍କ ସହିତ ସୌ।ଜନ୍ୟମୂଳକ ସାକ୍ଷାତ ସହିତ ଆଠଗଡର କିଛି ଗୁରୁତ୍ୱପୂର୍ଣ୍ଣ ସମସ୍ୟାକୁ ନେଇ ଆଲୋଚନା ହୋଇଥିଲା । ମିଡିଆ ହାଉସର ସଭାପତି ବରିଷ୍ଠ ଖବରଦାତା ସଚ୍ଚିଦାନନ୍ଦ ପଣ୍ଡା ଆଠଗଡ଼ ତଥା ଓଡ଼ିଶାର ଗର୍ବ ଓ ଗୌରବ ବାବା ଧବଳେଶ୍ୱରଙ୍କ ପୀଠକୁ ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ଦେବାକୁ ନାଳିଫିତା ତଳେ ଚାପିହୋଇ ରହିଥିବା ଫାଇଲକୁ କାର୍ଯ୍ୟକାରୀ କରିବାକୁ ନିବେଦନ କରିଥିଲେ । ବରିଷ୍ଠ ସଦସ୍ୟ ସାମ୍ବାଦିକ ବିଜୟ କୁମାର ନାୟକ ଭୁବନେଶ୍ୱରରୁ ମୁଣ୍ଡଳୀ ଭାୟା ଆଠଗଡ଼ ଦେଇ ଯାଉଥିବା ସମସ୍ତ ଯାତ୍ରୀବାହୀ ବସଗୁଡିକ ବୀରକିଶୋରପୁର ଛକ ଠାରେ ନରହି କୋଟି କୋଟି ଟଙ୍କା ବ୍ୟୟରେ ନିର୍ମିତ ଆଠଗଡ଼ ବସ ଷ୍ଟାଣ୍ଡ ଭିତରକୁ ପ୍ରବେଶ କରି ଯାତ୍ରୀଙ୍କୁ ନେବାକୁ ନିର୍ଦ୍ଦେଶ ଦେବାକୁ ଦାବି କରିଥିଲେ । ସେହିପରି ସମ୍ପାଦକ ଦିଲ୍ଲୀପ କୁମାର ଦାସ ଆଠଗଡ଼ ଉପଖଣ୍ଡ ସ୍ତରୀୟ ଡାକ୍ତରଖାନାରେ ଡାକ୍ତର ଅଭାବ ସାଙ୍ଗକୁ ବିଶେଷ ଭାବେ ଡାକ୍ତରଙ୍କ ଅନୁପସ୍ଥିତି ହେଉଥିବାରୁ ନରସିଂହପୁର, ବଡମ୍ବା, ତିଗିରିଆ ଓ ଆଠଗଡ଼ ବ୍ଲକର ହଜାର ହଜାର ରୋଗୀ ନାହିଁ ନଥିବା ହିନସ୍ତା ହେଉଥିବାରୁ ଏହାର ପ୍ରତିକାର କରିବାକୁ ଉପଜିଲ୍ଲାପାଳଙ୍କ ନିକଟରେ ଦାବି କରିଥିଲେ। ଏହି ସମସ୍ତ ଦାବିଗୁଡିକ ଉପଜିଲ୍ଲାପାଳ ଅନିମେଷ ପ୍ରଧାନ ନିଜ ଲ୍ୟାପଟପରେ ରେକର୍ଡ କରି ରଖିବା ସହିତ ଏ ଦିଗରେ ଆପଣମାନେ ଓ ଜନସାଧାରଣଙ୍କ ସହଯୋଗ ମିଳିଲେ ନିଶ୍ଚିନ୍ତ କାର୍ଯ୍ୟକାରୀ କରିବାକୁ ସେ ପ୍ରଥମେ ପଦକ୍ଷେପ ନେବେ ବୋଲି ଉପଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଥିଲେ । ମିଡିଆ ହାଉସ ପକ୍ଷରୁ ଉପଜିଲ୍ଲାପାଳ ପ୍ରଧାନଙ୍କୁ ଉତ୍ତରୀୟ ଓ ଶ୍ରୀରାମଙ୍କ ଏକ ଫଟୋ ଚିତ୍ର ଅର୍ପଣ କରାଯାଇଥିଲା । ଏହି ସାକ୍ଷାତ ବେଳେ ମିଡ଼ିଆ ହାଉସର ଉପସଭାପତି ସ୍ୱରାଜ ପଣ୍ଡା, ଶୈଳେନ୍ଦ୍ର ପଟ୍ଟନାୟକ, ମହେଶ୍ୱର ବେହେରା, ରଞ୍ଜିତ ରାଉତ, ପରମାନନ୍ଦ ମୁଦୁଲି, ମାନସ ସାହୁ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## ଗଣେଶ ପୂଜାରେ ମଲ୍ଲଖମ୍ବ ସାହସିକ କଳା ପ୍ରଦର୍ଶନ

ଜଟଣୀ,୧୮।୯(ନିପ୍ର): ଜଟଣୀର ଗଣପର୍ବ ଗଣେଶ ପୂଜା ପାଇଁ ମଣ୍ଡପ ମାନଙ୍କରେ ଗଜାନନାଙ୍କ ମୃଣ୍ମୟ ମୂର୍ତ୍ତି ପୂଜା ପାଇବା ସହ ପାଲା, ଭଜନ, ଚାରିଆଡ଼େ ବିଭିନ୍ନ ଡିଜାଇନ୍‌ର ଆଲୋକମାଳା, ସୁଉଚ୍ଚ ତୋରଣ ସମଗ୍ର ସହର ପରିବେଶକୁ ଆଧ୍ୟାତ୍ମିକ ଓ ଆନନ୍ଦ ଉତ୍ସାହ ଭରିଦେଇଛି। ତା ଭିତରେ ସ୍ଥାନୀୟ ଶରତ ପାଇକରାୟ ଷ୍ଟାଡିୟମ୍ ପରିସରରେ କଳିଙ୍ଗ ଯୁବ ପରିଷଦ ପକ୍ଷରୁ ଆୟୋଜିତ ଜଟଣୀ ଗଣେଶ ମହୋତ୍ସବ ମଞ୍ଚରେ କଳାହାଣ୍ଡିର ନୃତ୍ୟ ସାଗର ସାଂସ୍କୃତିକ ଅନୁଷ୍ଠାନ, କରଞ୍ଜିଆର ପଲ୍ଲବୀ, ନିରାକାରପୁର ସାଇ ଡ୍ୟାନ୍ସ ଏକାଡେମୀ ଓ ଅନ୍ୟ ଅନୁଷ୍ଠାନ କଳାକାରଙ୍କ ଦ୍ୱାରା ଘୁମୁରା, ମାଲଖମ୍ବ, ସମ୍ବଲପୁରୀ ଓ ଓଡ଼ିଶୀ ପାରମ୍ପରିକ ନୃତ୍ୟରେ ଗଣନାୟକ ପଞ୍ଚକମ୍, ମା କାଳୀ ଓ ଦୁର୍ଗାଙ୍କ ତାଣ୍ଡବ ନୃତ୍ୟରେ ଉପସ୍ଥିତ ଦର୍ଶକଙ୍କୁ ବିଭୋର କରିଦେଇଥିଲା । ଶମ୍ଭୁଦତ୍ତ ସ୍ୱାଇଁ ଓ କବିରାଜ ସାହୁ ଏହାର ସଂଯୋଜନା କରିଥିଲେ । ଆୟୋଜକ ପରିଷଦର ସଭାପତି ରବିନାରାୟଣ ଦାସଙ୍କ ପୌରୋହିତ୍ୟରେ ପ୍ରାରମ୍ଭରେ ଅନୁଷ୍ଠିତ ସଭାରେ ଇଷ୍ଟକୋଷ୍ଟ ରେଲୱେ ଶ୍ରମିକ ୟୁନିଅନର ସାଧାରଣ ସଂପାଦକ ପିକେ ପାଟ୍ଟଶାହାଣୀ, ବରିଷ୍ଠ ଆଇନ୍‌ଜୀବୀ ମଧୁମାଧବ ଜେନା, ବିଜୟ କୁମାର ପାତ୍ର ଅତିଥି ଭାବେ ଯୋଗଦେଇଥିଲେ। ସୀତାକାନ୍ତ ନାୟକ ଏହାର ସଂଯୋଜନା କରିଥିବା ବେଳେ ସଂପାଦକ ଆଇନଜୀବୀ ସମୀରକୁମାର ଜେନା ପ୍ରାରମ୍ଭିକ ସୂଚନା ଦେଇଥିଲେ । ସଦସ୍ୟ ପ୍ରତାପ ସ୍ୱାଇଁ ଧନ୍ୟବାଦ ଦେଇଥିଲେ । ଷ୍ଟାଡିୟମ୍ ପରିସରରେ ଆୟୋଜିତ ମୀନାବଜାର ତୃତୀୟ ଦିନରେ ବହୁ ଗହଳି ହୋଇଥିଲା । ପରିସରରେ ଛୋଟରୁ ବଡ଼ ପର୍ଯ୍ୟନ୍ତ ସମସ୍ତଙ୍କୁ ମନୋରଂଜନ କଲାଭଳି ଖେଳ ଓ ବିଭିନ୍ନ ସାମଗ୍ରୀ କ୍ରୟ କରିବା ପାଇଁ ହୋଇଥିବା ୨ଶହରୁ ଅଧିକ ଷ୍ଟଲରେ ବିଳମ୍ବିତ ସଂଧ୍ୟା ପର୍ଯ୍ୟନ୍ତ ଭିଡ଼ ଜମିଥିଲା । ରାମଦୋଳି, ଜଳପରୀ, ୱାଟର ବୋଟ୍, ବ୍ରେକ୍ ଡ୍ୟାନ୍ସ, ଡ୍ରାଗନ, ଟୋରାଟୋରା, ବିଭିନ୍ନ ପ୍ରକାର ଚକ୍ରି ନିକଟରେ ବିଶେଷ କରି ଛୋଟପିଲା ଓ ଯୁବପିଢ଼ି ଦେଖିବାକୁ ମିଳିଥିଲା ।



# ଗଞ୍ଜାମ ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

ରମ୍ଭା,୧୮।୯ (ନିପ୍ର): ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ରମ୍ଭାରେ ଗଞ୍ଜାମ ବ୍ଲକସ୍ତରୀୟ ଦୁଇ ଦିନିଆ କ୍ରୀଡା ଉତ୍ସବ ଗୋଷ୍ଠୀ ଶିକ୍ଷାଧିକାରୀ ସରୋଜ କୁମାର ସାହୁଙ୍କ ସଭାପତିତ୍ୱ ପ୍ରଧାନ ଶିକ୍ଷକ ଗୋପୀନାଥ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା । ଆୟୋଜିତ କାର୍ଯ୍ୟକ୍ରମରେ ଗଞ୍ଜାମ ବ୍ଲକର ୪ଟି ଜୋନ ମଧ୍ୟରୁ ରମ୍ଭା ପିଏମଶ୍ରୀ ଉଚ୍ଚ ବିଦ୍ୟାଳୟର ମିନି ଷ୍ଟାଡିୟମ ପଡିଆରେ ବ୍ଲକ ମଧ୍ୟରୁ ସ୍କୁଲରୁ ଆସିଥିବା କ୍ରୀଡା ପ୍ରତିଯୋଗୀମାନେ ଭାଗ ନେଇ ବିଭିନ୍ନ ଖେଳ ପ୍ରଦର୍ଶନ କରିଥିଲେ । ମୁଖ୍ୟ ଅତିଥିଭାବେ ବ୍ରହ୍ମପୁର ସାଂସଦ ଡ଼ଃ.ପ୍ରଦୀପ କୁମାର ପାଣିଗ୍ରାହୀ, ମୁଖ୍ୟ ବକ୍ତା ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ, ସମ୍ମାନିତ ଅତିଥି ରମ୍ଭା ଏନ ଏ ସି ଅଧ୍ୟକ୍ଷା ମାନସୀ ସ୍ୱାଇଁ, ଏସି ମୋର୍ଚ୍ଚା ଜିଲ୍ଲା ସଭାପତି କୀର୍ତ୍ତନ ଦାସ, ସିଆରସିସି ରବୀନ୍ଦ୍ର କୁମାର ପଣ୍ଡା, ରାମେୟା ପାତ୍ର ପ୍ରମୁଖ ମଶାଲ ସହିତ ଖେଳ ପତାକା ଉତ୍ତୋଳନ କରି କ୍ରୀଡା ମଶାଲକୁ ଖେଳ ପଡିଆରେ ପରିକ୍ରମା ଏବଂ ଖେଳର ନିୟମକୁ ଶପଥ ପାଠ କରାଇଥିଲେ। ମଞ୍ଚାସିନ ତଥା ବ୍ରହ୍ମପୁର ସାଂସଦ ଡ଼ଃ ପ୍ରଦୀପ କୁମାର ପାଣିଗ୍ରାହୀ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ଖେଳ ପ୍ରଦର୍ଶନର କଳା ନୈପୁଣ୍ୟ ସହିତ ଗଞ୍ଜାମ ବ୍ଲକ ସ୍ତରୀୟ ସାଙ୍ଗକୁ ଗଞ୍ଜାମ ଜିଲ୍ଲାର ଶୀର୍ଷ ସ୍ଥାନରେ ରହିବା ପାଇଁ ମତବ୍ୟକ୍ତ ସହ କିପରି ଉପରୁ ଉଠିବା ତାହା ସୂଚାଇଥିଲେ। କାର୍ଯ୍ୟକ୍ରମ ଅୟମାରମ୍ଭ ପୂର୍ବରୁ ଏକ କୁନି ତାରକାଙ୍କ ନୃତ୍ୟ ପ୍ରଦର୍ଶନ ଦର୍ଶକ ଓ ମଞ୍ଚାସିନ ବ୍ୟକ୍ତି ମାନଙ୍କୁ ବିମୁଗ୍ଧ କରିଦେଇଥିଲା ।କ୍ରୀଡା




କାର୍ଯ୍ୟକ୍ରମକୁ ବିଦ୍ୟାଳୟର କ୍ରୀଡା ଶିକ୍ଷକ ଅଜିତ କୁମାର ବେହେରା, ପ୍ରୀତି ରଞ୍ଜନ ପ୍ରଧାନ, ସୁରେଶ କୁମାର ମହାପାତ୍ର ଖେଳ ପରିଚାଳନା ରେ ସହଯୋଗ କରିଥିବା ବେଳେ ଅନ୍ୟାନ୍ୟ ସ୍କୁଲର କ୍ରୀଡା ଶିକ୍ଷକ ଶିକ୍ଷୟିତ୍ରୀମାନେ ଉପସ୍ଥିତ ରହି କ୍ରୀଡା ପ୍ରତଯୋଗୀ ମାନଙ୍କୁ ଉତ୍ସାହିତ କରିଥିଲେ। ବିଦ୍ୟାଳୟର ବିଜ୍ଞାନ ଶିକ୍ଷୟତ୍ରୀ ରୋଜାଲିନ ମହାପାତ୍ର ମଞ୍ଚ ଉପସ୍ଥାପନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ଜଗବନ୍ଧୁ ପ୍ରଧାନ, ଆଶିଷ କୁମାର ମହପାତ୍ର, ପ୍ରଶାନ୍ତ କୁମାର ଜେନା, ବିକ୍ରମ ପଲାଇ , ନିହାର ରଞ୍ଜନ ବେହେରା, ପ୍ରିୟବ୍ରତ ବେହେରା, କେଶବ ସାହୁ, ଶିକ୍ଷୟିତ୍ରୀ ଶୁଭଶ୍ରୀ ସାରଳା ପରିଡା, ଅନୀତା ଜେନା, ଅର୍ଚ୍ଚନା ବାରିକ, କୃଷ୍ଣ ଚନ୍ଦ୍ର ବାଡ଼ତ୍ୟା, ଆକାଶ ବେହେରା, ଗୁଣମଣି ବେହେରା ରମେଶ ଚନ୍ଦ୍ର ନାୟକ ପ୍ରମୁଖ ଶିବିରକୁ ସହଯୋଗ କରିଥିଲେ ।

ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ପ୍ରତିନିଧି ସୀମାଞ୍ଚଳ ବାଡ଼ତ୍ୟା, ଅଧ୍ୟକ୍ଷା ପ୍ରତିନିଧି କାହ୍ନୁ। ସ୍ୱାଇଁ, ବିଜେପି ମଣ୍ଡଳ ସଭାପତି ଘନଶ୍ୟାମ ବେହେରା, ପୂର୍ବତନ କାଉନସିଲର ମହେଶ୍ୱର ବେହେରା ବହୁ ଦଳୀୟ କର୍ମୀ ସାମିଲ ହୋଇଥିଲେ।

## ଜଙ୍କିଆ ପଲ୍ଲୀ ଉତ୍ସବ : ଡାଲଖାଇ ନୃତ୍ୟରେ ଝୁମିଲେ ଦର୍ଶକ

ନିରାକାରପୁର,୧୮।୯ (ନିପ୍ର)ଖୋର୍ଦ୍ଧା ଜିଲ୍ଲା ଜଙ୍କିଆ ଓଁ ଶ୍ରୀ ଗ୍ରୁପ ପୂଜା କମିଟି ପକ୍ଷରୁ ବାଲିଗାଡ଼ିଆସ୍ଥିତ ବାସନ୍ତୀ ପଡ଼ିଆଠାରେ ୧୫ତମ ପଲ୍ଲୀ ଉତ୍ସବ ୨୦୨୬ର ଚତୁର୍ଥ ସନ୍ଧ୍ୟା ଉପସ୍ଥିତ ଅତିଥି ମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ପରେ ଆରମ୍ଭ ହୋଇଥିଲା ।ଅନୁଷ୍ଠାନର ସଭାପତି କୃଷ୍ଣଚନ୍ଦ୍ର ନରେନ୍ଦ୍ରଙ୍କ ସଭାପତିତ୍ୱରେ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିବା ବେଳେ ସଂଯୋଜକ ବିଶ୍ୱ ଭୂଷଣ ଛୋଟରାୟ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ବେଗୁନିଆ ବିଧାୟକ ପ୍ରଦୀପ ସାହୁ,ସମ୍ମାନିତ ଅତିଥି ଭାବେ ଖୋର୍ଦ୍ଧା ବ୍ଲକ ଉପାଧ୍ୟକ୍ଷ ପ୍ରକାଶ ସାମନ୍ତରାୟ,ଏବଂ ସମାଜସେବୀ ଟଙ୍କଧର ମହାପାତ୍ର, ସରପାରି ଗ୍ରାମପଞ୍ଚଯାତ ସରପଞ୍ଚ ପ୍ରଭାତ ଦଶ ଯୋଗଦାନ କରିଥିଲେ। ମଞ୍ଚ ପରିଚାଳନା କମଲେଶ ମହାରଣା ଓ ଅଶ୍ୱିନୀ ମହାନ୍ତି କରିଥିଲେ ।ସାଂସ୍କୃତିକ କାର୍ଯ୍ୟକ୍ରମରେ ବୌଦ୍ଧ ସମ୍ବଲପୁରୀ, ସାଇଷ୍ଟର ଡ୍ୟାନ୍ସ ଗ୍ରୁପ ଭୁବନେଶ୍ୱର, ନୃତ୍ୟ ନମାମି ଡ୍ୟାନ୍ସ ଗ୍ରୁପ ଜଙ୍କିଆ ର କଳାକାରମାନଙ୍କ ଦ୍ୱାରା ପରିବେଷିତ ଆକର୍ଷଣୀୟ ନୃତ୍ୟ ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ପାଲଟିଥିଲା। ସେମାନଙ୍କର ଉଚ୍ଚକୋଟୀର କଳା ନୈପୁଣ୍ୟ ଓ ମନମୁଗ୍ଧକର ପରିବେଷଣ ଉପସ୍ଥିତ ହଜାର ହଜାର ଦର୍ଶକଙ୍କୁ ବିମୋହିତ କରିବା ସହ ସମ୍ପୂର୍ଣ୍ଣ ପ୍ରାଙ୍ଗଣକୁ ମୁଖରିତ କରିରଖିଥିଲା। ଏହା ସହିତ ଅଂଚଳର କଳାକାରମାନେ ମଧ୍ୟ ନିଜ ନିଜର ନୃତ୍ୟ ପରିବେଷଣ କରି ଦର୍ଶକଙ୍କ ପ୍ରଶଂସା ସାଉଁଟିଥିଲେ ।ଉତ୍ସବ ପଡ଼ିଆରେ ଘରକରଣା ସାମଗ୍ରୀ ଓ ଖାଦ୍ୟ ଷ୍ଟଲଗୁଡ଼ିକରେ ଲୋକଙ୍କ ପ୍ରବଳ ଭିଡ଼ ଜମିଥିଲା। ଏହି କାର୍ଯ୍ୟକ୍ରମ ପରିଚାଳନାରେ ପିଣ୍ଟୁ ପାଟଳସିଂହ, ଇନ୍ଦ୍ରଜିତ୍ ମାଟି, ସୁରେନ୍ଦ୍ର ନାଥ ଜେନା, ଅରୁଣ ଶ୍ରୀଚନ୍ଦନ, କେଦାର ବଳବନ୍ତରାୟ, ସଂଗ୍ରାମ ପଟ୍ଟନାୟକ, ବଣ୍ଟି ଜେନା ଓ ରାକେଶ ଜେନା ପ୍ରମୁଖ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।

# ଏଆଇକେଏମଏସର ଦୁଇଦିନିଆ ରାଜ୍ୟ ସମ୍ମିଳନୀ ଉଦ୍‌ଯାପିତ
# ଖଣି ଆଇନ ସଂଶୋଧନ,ଗ୍ରାମସଭାକୁ ଅଣଦେଖା ବିରୋଧରେ ଅଭିଯାନ

ରାୟଗଡା,୧୮।୯ (ନିପ୍ର): ଗତକାଲି ଠାରୁ ସ୍ଥାନୀୟ ଟାଉନହଲ୍ ଠାରେ ଚାଲିଥିବା ଅଖିଳ ଭାରତ କିଶାନ୍ ମଜଦୁର୍ ସଭା (ଏଆଇକେଏମଏସ)ର ଦୁଇ ଦିନିଆ ରାଜ୍ୟ ସମ୍ମିଳନୀ ଉଦ୍‌ଯାପିତ ହୋଇ ଯାଇଛି । ଆଜି ଦ୍ୱିତୀୟ ଦିବସରେ ସଂଗଠନର ସାଂଗଠନିକ ସମୀକ୍ଷା ରିପୋର୍ଟ ଉପରେ ଆଲୋଚନା ହୋଇଥିଲା। ସଭାର ରାଜ୍ୟ ସମ୍ପାଦକ ପ୍ରତାପ ନାୟକ, ସାଂଗଠନିକ ରିପୋର୍ଟକୁ ଆଗତ କରି ରାଜ୍ୟରେ ସଂଗଠନର ସ୍ଥିତି ତଥା କାର୍ଯ୍ୟକଳାପର ସବିଶେଷ ଆଲୋଚନା କରିଥିଲେ । ସମ୍ପାଦକଙ୍କ ରିପୋର୍ଟ ଉପରେ ସମ୍ମିଳନୀରେ ଉପସ୍ଥିତ ୧୬ ଜଣ ପ୍ରତିନିଧି ନିଜ ନିଜର ମତ ରଖିଥିଲେ । ଏହାପରେ ଆଗାମୀ ଦିନରେ ସଂଗଠନକୁ ପରିଚାଳନା କରିବା ପାଇଁ ଏକ ଏଗାର ଜଣିଆ ରାଜ୍ୟ କମିଟି ଗଠନ କରାଯାଇଥିଲା । ସଂଗଠନର ରାଜ୍ୟ ସଭାପତି ଭାବେ କେଦାର ଶବର, ପ୍ରତାପ ନାୟକ ସମ୍ପାଦକ, କୁଶନାଥ




ପ୍ରଧାନ ଉପସଭାପତି ଓ ସୁବାସ କୁଲେସିକା ସହ ସମ୍ପାଦକ ଭାବେ ସର୍ବସମ୍ମତି କ୍ରମେ ନିର୍ବାଚିତ ହୋଇଥିଲେ । ସେପ୍ଟେମ୍ବର ୨୮,୨୯ ଓ ୩୦ ତିନି ଧରି ତେଲେଙ୍ଗାନାର ଖମ୍ମାମ ଠାରେ ଅନୁଷ୍ଠିତ ହେବାକୁ ଯାଉଥିବା ଏଆଇକେଏମଏସର ଚତୁର୍ଥ ସର୍ବଭାରତୀୟ ସମ୍ମିଳନୀରେ ଅଂଶ ଗ୍ରହଣ କରିବା ପାଇଁ ରାଜ୍ୟରୁ ୩୧ ଜଣ ପ୍ରତିନିଧିଙ୍କୁ ଚୟନ କରାଯାଇଥିଲା । କେନ୍ଦ୍ର ସରକାର ବଡ କମ୍ପାନୀଙ୍କ ସ୍ୱାର୍ଥରେ ଖଣି ଖଣିଜ (ବିକାଶ ଓ ନିୟନ୍ତ୍ରଣ) ଆଇନ - ୧୯୫୭ ର ସଂଶୋଧନ କରି ଦେଶର ଖଣିଜ ସମ୍ପଦ ଗଚ୍ଛିତ ଥିବା ଜମି, ଟିକସ ପକାଇବାର ଅଧିକାରକୁ ଯେଉଁଭଳି ଛଡେଇ ନେଇ ଅବାଧ ଖଣି ଖନନର ରାସ୍ତା ଖୋଲିଛନ୍ତି, ତାହା ଆଗାମୀ ଦିନରେ ଓଡିଶା ସମେତ ସମସ୍ତ ଖଣି ଥିବା ରାଜ୍ୟର ଖଣିଜ ସମ୍ପଦକୁ ସମାପ୍ତ କରିଦେବ ଓ ଲକ୍ଷ ଲକ୍ଷ ସଂଖ୍ୟାରେ ଆଦିବାସୀ ଓ ଅନ୍ୟ ଗ୍ରାମୀଣ ଲୋକଙ୍କୁ ବିସ୍ଥାପିତ କରିବ । ଠିକ ସେହିପରି କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଜାରୀ ଚିଠିରେ ଜଙ୍ଗଲ ଅଧିକାର ଆଇନ ଅନୁସାରେ ଜଙ୍ଗଲ ଜମିକୁ ଶିଳ୍ପ କାରଖାନାକୁ ଦେବା ବେଳେ ସ୍ଥାନୀୟ ଗ୍ରାମସଭାର ଅନୁମତିର ଆବଶ୍ୟକ ନାହିଁ ବୋଲି ଯାହା କହିଛନ୍ତି, ତାହା ସମ୍ବିଧାନ ଓ ଆଦିବାସୀ ବିରୋଧୀ ଅଟେ। ରାଜ୍ୟରେ ପୁଞ୍ଜିନିବେଶ ନାଁରେ ମୁଖ୍ୟମନ୍ତ୍ରୀ ଦେଶ ବିଦେଶ ବୁଲି କମ୍ପାନୀମାନଙ୍କୁ ଡାକି ବିକାଶ ନାଁରେ ଯେଉଁ ଭଳି ଖଣି ନିଲାମ କରିବା ସହ କମ୍ପାନୀଙ୍କ ମାଲ୍ ପରିବହନ ପାଇଁ ଜନଗଣଙ୍କ ଟିକସ ଅର୍ଥରେ ଯେଉଁଭଳି ଚାରି ଓ ଛଅ ଥାକିଆ ଚଉଡା ରାସ୍ତା ଓ ଅର୍ଥନୈତିକ କରିଡର ନିର୍ମାଣ ପାଇଁ ଘୋଷଣା କରୁଛନ୍ତି, ତାହା ରାୟଗଡା ସମେତ ସମଗ୍ର ଦକ୍ଷିଣ ଓଡିଶାର ଲକ୍ଷ ଲକ୍ଷ ଲୋକଙ୍କ ଜୀବିକା, ଜମି, ଜଙ୍ଗଲ ଓ ପରିବେଶକୁ ଧ୍ୱଂସ କରିଦେବ ବୋଲି ସମ୍ମିଳନୀରେ ବକ୍ତା ମାନେ ମତବ୍ୟକ୍ତ କରିଥିଲେ। ମିଥ୍ୟା କେସରେ ଗିରଫ ନିୟମଗିରି ଆନ୍ଦୋଳନର ନେତା ଲଦ ସିକକାଙ୍କୁ ତୁରନ୍ତ ବିନା ସର୍ତ୍ତରେ ଖଲାସ କରିବାକୁ ଦାବି କରାଯାଇଥିଲା ।

# ହାଇକୋର୍ଟଙ୍କୁ ନିର୍ଦ୍ଦିଷ୍ଟ ସମୟସୀମା ଦେଇହେବ ନାହିଁ: ସୁପ୍ରିମ୍‌କୋର୍ଟ

**ନୂଆଦିଲ୍ଲୀ, ୧୮/୯:** ହାଇକୋର୍ଟ କିମ୍ବା ଜିଲ୍ଲା ଅଦାଲତରେ ମାମଲା ଫଇସଲା ପାଇଁ ନିର୍ଦ୍ଦିଷ୍ଟ ସମୟସୀମା ଧାର୍ଯ୍ୟ କରିବା ସପକ୍ଷରେ ନାହାନ୍ତି ସୁପ୍ରିମ୍‌କୋର୍ଟ। ହାଇକୋର୍ଟଗୁଡ଼ିକରେ ମାମଲାର ବୋଝ ଓ ପ୍ରତ୍ୟେକ ବିଚାରପତିଙ୍କ ଦୈନନ୍ଦିନ ତାଲିକାକୁ ବିଚାରକୁ ନେଇ ଏଭଳି ନିର୍ଦ୍ଦେଶ ଦେବା ସମ୍ଭବ ନୁହେଁ ବୋଲି ଶୁକ୍ରବାର ସୁପ୍ରିମ୍‌କୋର୍ଟ କହିଛନ୍ତି। ବିଚାରପତି ବିଭି ନାଗରତ୍ନା ଓ ଏଜି ମସିହଙ୍କ ଖଣ୍ଡପୀଠ ଏକ ବୈବାହିକ ବିବାଦ ସମ୍ପର୍କିତ ମାମଲାର ଶୁଣାଣି ବେଳେ ଏହି ମତ ଦେଇଛନ୍ତି। ଆବେଦନକାରୀ ତାଙ୍କ ପାସ୍‌ପୋର୍ଟ ଫେରାଇବା ସହ ହାଇକୋର୍ଟରେ ଚାଲିଥିବା ମାମଲାର ଶୀଘ୍ର ଶୁଣାଣି ପାଇଁ ସୁପ୍ରିମ୍‌କୋର୍ଟଙ୍କ ହସ୍ତକ୍ଷେପ ଲୋଡ଼ିଥିଲେ। ତାଙ୍କ ଓକିଲ ହାଇକୋର୍ଟଙ୍କୁ ଚାରି ସପ୍ତାହ ମଧ୍ୟରେ ମାମଲା ଫଇସଲା କରିବାକୁ ନିର୍ଦ୍ଦେଶ ଦେବା ପାଇଁ ଖଣ୍ଡପୀଠଙ୍କୁ ଅନୁରୋଧ କରିଥିଲେ। ତେବେ ବିଚାରପତି ନାଗରତ୍ନା ଏଭଳି ସମୟସୀମା ଧାର୍ଯ୍ୟ କରିବାକୁ ମନା କରିଦେଇଥିଲେ। ବିଚାରପତି ନାଗରତ୍ନା କହିଥିଲେ ଯେ ଜିଲ୍ଲା ବିଚାରପତିମାନଙ୍କୁ ମଧ୍ୟ ମାମଲା ଫଇସଲା ପାଇଁ ନିର୍ଦ୍ଦିଷ୍ଟ ତାରିଖ ଦେବାକୁ ସୁପ୍ରିମ୍‌କୋର୍ଟ ପସନ୍ଦ କରନ୍ତି ନାହିଁ। ଏହି ମାମଲାରେ ଆବେଦନକାରୀଙ୍କ ବୈବାହିକ ବିବାଦରୁ



ଏକାଧିକ ଆଇନଗତ ପ୍ରକ୍ରିୟା ଚାଲିଥିବା ଓ ତାଙ୍କ ବିରୋଧରେ ଲୁକ୍‌ଆଉଟ୍ ସର୍କୁଲାର ଜାରି ହୋଇଥିବା କୋର୍ଟଙ୍କୁ ଜଣାଯାଇଥିଲା। ତାଙ୍କ ବାପାଙ୍କ ମୃତ୍ୟୁ ପରେ ସେ ଗିରଫ ହୋଇଥିବା ଏବଂ ପାସ୍‌ପୋର୍ଟ ଜବତ ହୋଇଥିବା ତାଙ୍କ ଓକିଲ କହିଥିଲେ। ହାଇକୋର୍ଟ ମାମଲାର ଶୁଣାଣି ବାରମ୍ବାର ଘୁଞ୍ଚାଇ ଶେଷରେ ଫେବ୍ରୁଆରି ୨୦୨୭କୁ ଧାର୍ଯ୍ୟ କରିଥିଲେ। ତେବେ ସୁପ୍ରିମ୍‌କୋର୍ଟ ମାମଲାର ଶୀଘ୍ର ଶୁଣାଣି ପାଇଁ ଆବେଦନକାରୀଙ୍କୁ ହାଇକୋର୍ଟରେ ଆବେଦନ କରିବାର ସ୍ୱାଧୀନତା ଦେଇଛନ୍ତି। ଏଭଳି ଆବେଦନ ହେଲେ ମାମଲାର ପରିସ୍ଥିତି ଓ ଆବେଦନକାରୀ ଅନ୍ତରୀଣ ରିଲିଫ୍ ଚାହୁଁଥିବା କଥା ବିଚାରକୁ ନେଇ ହାଇକୋର୍ଟ ଶୁଣାଣି ଆଗୁଆ କରିବାକୁ ବିଚାର କରିବେ ବୋଲି ଖଣ୍ଡପୀଠ କହିଛନ୍ତି।

## ଶିଖ ଟ୍ରକ୍ ଚାଳକଙ୍କୁ ୧୭ ଥର ଛୁରାମାଡ଼

**ୱାସିଂଟନ, ୧୮/୯:** ଆମେରିକାର ୱାୟୋମିଂରେ ଜଣେ ୨୮ ବର୍ଷୀୟ ପଞ୍ଜାବୀ ଶିଖ ଟ୍ରକ୍ ଚାଳକଙ୍କୁ ୧୭ ଥର ଛୁରାମାଡ଼ କରାଯାଇଛି। ସାକ୍ରାମେଣ୍ଟୋର ବାସିନ୍ଦା ଏହି ଚାଳକଙ୍କ ଗଳା, ଛାତି, ହାତ ଓ ପଞ୍ଜରାରେ ଆଘାତ ଲାଗିଛି। ସେ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ଇଣ୍ଟରଷ୍ଟେଟ୍-୮୦ ନିକଟ ବିଟର କ୍ରିକ୍ ରେଷ୍ଟ ଏରିଆରେ ଘଟଣାଟି ଘଟିଥିଲା। ପେନ୍‌ସିଲଭାନିଆ ଯାଉଥିବା ବେଳେ ସେ ଶୌଚାଳୟକୁ ଯାଇଥିଲେ। ସେଠାରେ ଜଣେ ବ୍ୟକ୍ତି ତାଙ୍କୁ ପିଛା କରି ହଠାତ୍ ଛୁରିରେ ଆକ୍ରମଣ କରିଥିଲେ। ଗୁରୁତର ଆହତ ଅବସ୍ଥାରେ ବାହାରକୁ ଆସି ସେ ସହାୟତା ପାଇଁ ଡାକିଥିଲେ। ଘଟଣାଟି ସେପ୍ଟେମ୍ବର ୧୩ ରବିବାର ଭୋର ପ୍ରାୟ ୩ଟା ସମୟରେ ଇଣ୍ଟରଷ୍ଟେଟ୍-୮୦ ରାଜପଥ କଡ଼ରେ ଥିବା ବିଟର କ୍ରିକ୍ ରେଷ୍ଟ୍ ଏରିଆରେ ଘଟିଥିଲା। ସାକ୍ରାମେଣ୍ଟୋରେ ରହୁଥିବା ୨୮ ବର୍ଷୀୟ ପଞ୍ଜାବୀ ଶିଖ୍‌ଟ୍ରକ୍ ଚାଳକ ନିଜକୁ କେବଳ 'ସିଂହ' ନାମରେ ପରିଚୟ ଦେଇଛନ୍ତି। ସେ ପେନ୍‌ସିଲଭାନିଆ ଯାଉଥିବା ବେଳେ ଶୌଚାଳୟ ବ୍ୟବହାର ପାଇଁ ଉକ୍ତ ସ୍ଥାନରେ ଅଟକିଥିଲେ। ତାଙ୍କ ପଛେ ପଛେ ଅଭିଯୁକ୍ତ ଶୌଚାଳୟ ଭିତରକୁ ଯାଇଥିଲେ। ପ୍ରଥମେ ତାଙ୍କ ମୁଣ୍ଡ ଓ ବେକରେ ଆଘାତ କରିବା ପରେ ଛୁରିରେ ବାରମ୍ବାର ଆକ୍ରମଣ କରିଥିବା ସିଂହ କହିଛନ୍ତି। ତାଙ୍କ ବେକ, ଛାତି, ବାହୁ ଓ ପଞ୍ଜରାରେ ଗଭୀର କ୍ଷତ ହୋଇଛି। ତଦନ୍ତକାରୀମାନେ ମୋଟ ୧୭ଟି କ୍ଷତ ଚିହ୍ନ ପାଇଥିବା ଜଣାପଡ଼ିଛି। ଆକ୍ରମଣ ପରେ ସିଂହ କୌଣସି ପ୍ରକାରେ ଶୌଚାଳୟରୁ ବାହାରି ଆସି ରାସ୍ତା ଉପରେ ପଡ଼ିଯାଇଥିଲେ ଏବଂ ୯୧୧କୁ ଫୋନ୍ କରିଥିଲେ। ସେଠାରେ ଥିବା ଜଣେ ହିସ୍ପାନିକ୍ ପରିବାର ଚିତ୍କାର ଓ ଶବ୍ଦ ଶୁଣି ତାଙ୍କୁ ସହାୟତା କରିଥିଲେ। ପରିବାରର କିଛି ସଦସ୍ୟ ଅଭିଯୁକ୍ତଙ୍କ ଟ୍ରକ୍‌କୁ ଅନୁସରଣ କରି ତାହାର ଫଟୋ ଉଠାଇ ପୁଲିସକୁ ଦେଇଥିଲେ। ପରେ ୱାୟୋମିଙ୍ଗ ହାଇୱେ ପାଟ୍ରୋଲ୍ ପୁଲିସ ରାୱଲିନ୍ସ ନିକଟରେ ଅଭିଯୁକ୍ତଙ୍କ ଟ୍ରକ୍‌କୁ ଅଟକାଇ ତାଙ୍କୁ ଗିରଫ କରିଥିଲା।

## ନମାଜ ପାଠବେଳେ ୧୬ ମୃତ

**ଇସଲାମାବାଦ, ୧୮/୯:** ପାକିସ୍ତାନରେ ଶୁକ୍ରବାର ଭୟଙ୍କର ବିସ୍ଫୋରଣ ହୋଇଛି। ଏକ ପୁଲିସ କାର୍ଯ୍ୟାଳୟ କମ୍ପ୍ଲେକ୍ସ ଓ ଏହାର ନିକଟରେ ଥିବା ମସଜିଦ୍‌କୁ ବିସ୍ଫୋରକ ଭର୍ତ୍ତି ଗାଡ଼ି ଧକ୍କା ଦେବା ପରେ ତୀବ୍ର ବିସ୍ଫୋରଣ ଘଟି ୧୬ ଜଣ ଲୋକଙ୍କର ମୃତ୍ୟୁ ହୋଇଥିବାବେଳେ ୫୦ରୁ ଅଧିକ ଲୋକ ଆହତ ହୋଇଛନ୍ତି। ବିସ୍ଫୋରଣ ଖାଇବର ପଖତୁନଖ୍ୱାର ରାଜଧାନୀ ପେଶାୱାର ଦକ୍ଷିଣ ପଶ୍ଚିମରେ ୬୦ କିମି ଦୂରରେ କୋହାଟ ଜିଲ୍ଲା ପୁରୁଣା ପୁଲିସ ଲାଇନ୍ସରେ ଘଟିଥିଲା। ବିସ୍ଫୋରଣ ଯୋଗୁଁ ମସଜିଦ୍‌ର କାନ୍ଥ ଭାଙ୍ଗି ଯାଇଥିବାବେଳେ ଏହାର ସମ୍ମୁଖରେ ଏକ ଗର୍ତ୍ତ ସୃଷ୍ଟି ହୋଇଛି। ଲୋକମାନେ ନମାଜ ପାଠ କରୁଥିବାବେଳେ ପୁଲିସ ଲାଇନ୍ସ ଗେଟ୍‌କୁ ବିସ୍ଫୋରକ ଭର୍ତ୍ତି ଗାଡ଼ି ଧକ୍କା ଦେଇଥିଲା। କୋହଟ ଜିଲ୍ଲା ମୁଖ୍ୟାଳୟ ହସ୍ପିଟାଲରେ ୨୫ ଜଣ ଆହତଙ୍କୁ ଭର୍ତ୍ତି କରାଯାଇଛି। ଆହତଙ୍କ ମଧ୍ୟରେ ପୁଲିସ କର୍ମଚାରୀ ଅଛନ୍ତି। ସମ୍ପୃକ୍ତ ସ୍ଥାନରେ ଜରୁରୀ ପରିସ୍ଥିତି ଘୋଷଣା କରାଯାଇଛି। ସୁରକ୍ଷା ଦୃଷ୍ଟିରୁ ପୁଲିସ ସମ୍ପୃକ୍ତ ସ୍ଥାନକୁ ଘେରାଇ ଦେଇଥିବାବେଳେ ଅତିରିକ୍ତ ସୁରକ୍ଷା କର୍ମଚାରୀ ସେହି ଅଞ୍ଚଳରେ ମୁତୟନ କରାଯାଇଛି। ବିସ୍ଫୋରଣ ଯୋଗୁ ନିକଟସ୍ଥ କୋଠାଗୁଡ଼ିକ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ବିସ୍ଫୋରଣ କେଉଁ ସ୍ଥିତିରେ ଘଟିଲା ଓ ଏଥିପାଇଁ କିଏ ଦାୟୀ ସେ ନେଇ କର୍ତ୍ତୃପକ୍ଷ ତନାଘନା କରୁଛନ୍ତି।

## ବେଆଇନ ଭାବେ ଝିଅକୁ ନିଯୁକ୍ତି ଦେଇ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ନିଲମ୍ବିତ



**ବେଙ୍ଗାଲୁରୁ, ୧୮/୦୯:** ନିଜ ଝିଅକୁ ନିୟମ ବହିର୍ଭୂତ ଭାବେ ସରକାରୀ ''ନମ୍ମା କ୍ଲିନିକ୍''ରେ ଚିକିତ୍ସା ଅଧିକାରୀ ଭାବେ ନିଯୁକ୍ତି ଦେବା ଏବଂ କ୍ଷମତାର ଅପବ୍ୟବହାର ଅଭିଯୋଗରେ କର୍ଣ୍ଣାଟକର ବାଗଲକୋଟ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ରାଜକୁମାର ଯାରଗାଲଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଛି। ତାଙ୍କ ଝିଅ ଡାକ୍ତର ଅଙ୍କିତା ଯାରଗାଲ, ଯିଏ କି ବାଗଲକୋଟର କଂଗ୍ରେସ ବିଧାୟକ ଉମେଶ ମେଟିଙ୍କ ଝିଆରୀ, ପୋଷ୍ଟ ଗ୍ରାଜୁଏଟ୍ (ଏମଡି) ପାଠପଢ଼ିବା ସହ ବେଆଇନ ଭାବେ ସରକାରୀ ଚାକିରି କରି ପ୍ରତିମାସରେ ୭୦ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ଦରମା ଉଠାଉଥିବା ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏହି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ଡାକ୍ତର ଅଙ୍କିତା ତାଙ୍କର ଏମଡି ପାଠପଢ଼ା ଜାରି ରଖିଥିବା ବେଳେ ଦୀର୍ଘ ଦିନ ଧରି କ୍ଲିନିକରୁ ଅନୁପସ୍ଥିତ ରହୁଥିଲେ, ଯାହାଫଳରେ ସ୍ୱାସ୍ଥ୍ୟକେନ୍ଦ୍ରଟି ଡାକ୍ତରହୀନ ହୋଇପଡ଼ିଥିଲା। ତଥାପି ଦୁଇଟି ଅଲଗା ଅଲଗା ସ୍ଥାନରେ ତାଙ୍କର ଉପସ୍ଥାନ ନିୟମିତ ରେକର୍ଡ ହେଉଥିଲା। ଏହି ଘଟଣାରେ ବାଗଲକୋଟ ଜିଲ୍ଲା ପଞ୍ଚାୟତ ସିଇଓ ଗଜାନନ ବାଲେ ଅଙ୍କିତାଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଥିଲେ। ସେ ପ୍ରଥମ ସମନକୁ ଏଡ଼ାଇ ଯାଇଥିବା ବେଳେ ତାଙ୍କୁ ପୁନର୍ବାର ହାଜର ହେବାକୁ ନିର୍ଦ୍ଦେଶ ଦିଆଯାଇଛି।

## ଫିଲିପାଇନ୍ସ ସ୍କୁଲରେ ଗୁଳିକାଣ୍ଡ, ୩ ଛାତ୍ର ମୃତ

**ମାନିଲା, ୧୮/୯:** ଦକ୍ଷିଣ ଫିଲିପାଇନ୍ସର ବାଙ୍ଗା ଟାଉନରେ ଏକ ସ୍କୁଲରେ ଗୁଳିକାଣ୍ଡ ଘଟି ତିନି ଜଣ ଛାତ୍ରଙ୍କର ମୃତ୍ୟୁ ହୋଇଥିବାବେଳେ ୮ ଜଣ ଆହତ ହୋଇଛନ୍ତି। ବାଙ୍ଗାର ମେୟର ଆଲବର୍ଟ ପାଲେନସିଆ କହିଛନ୍ତି, ମୃତକଙ୍କ ମଧ୍ୟରେ ୧୬ ବର୍ଷୀୟ ସନ୍ଦିଗ୍ଧ ବନ୍ଧୁକଧାରୀ ଅଛନ୍ତି। ତେବେ ସନ୍ଦିଗ୍ଧ ବନ୍ଧୁକଧାରୀର କେମିତି ମୃତ୍ୟୁ ହେଲା ସେ ବିଷୟରେ ଅଧିକ ତଥ୍ୟ ଦେଇନାହାନ୍ତି। ୮ ଜଣ ଆହତଙ୍କ ମଧ୍ୟରୁ ୪ ଜଣଙ୍କ ଅବସ୍ଥା ଗୁରୁତର ଥିବା ମେୟର କହିଛନ୍ତି। ସମସ୍ତଙ୍କୁ ଚିକିତ୍ସା ପାଇଁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ମୃତକଙ୍କ ବୟସ ୧୪ରୁ ୧୭ ମଧ୍ୟରେ ହେବ। ତେବେ ଗୁଳିକାଣ୍ଡର ଉଦ୍ଦେଶ୍ୟ ଜଣାପଡ଼ିନାହିଁ। ଆକ୍ରମଣ କେଉଁ କାରଣରୁ ଜାଣିବା ପାଇଁ ସୁରକ୍ଷାକର୍ମୀ ଗୁଳିକାଣ୍ଡ ଘଟଣାର ତଦନ୍ତ କରୁଛନ୍ତି। ପାଲେନସିଆ କହିଛନ୍ତି, ମଧ୍ୟାହ୍ନ ଭୋଜନ ପୂର୍ବରୁ ସନ୍ଦିଗ୍ଧ ଛାତ୍ର ଜଣକ ବନ୍ଧୁମାନଙ୍କୁ ଘରକୁ ଚାଲି ଯିବାକୁ କହିଥିଲା। କାରଣ ମଧ୍ୟାହ୍ନ ଭୋଜନ ପରେ ସେ ନିଜ ଯୋଜନା କାର୍ଯ୍ୟକାରୀ କରିବାକୁ ଯାଉଥିବା ସେମାନଙ୍କୁ କହିଥିଲା। ତେବେ ମଜା କରିବା ତା'ର ଅଭ୍ୟାସ ଥିବାରୁ ସାଙ୍ଗମାନେ ତା'ର କଥାରେ ହସି ଥିଲେ। କିନ୍ତୁ ମଧ୍ୟାହ୍ନ ଭୋଜନ ପରେ ସନ୍ଦିଗ୍ଧ ବନ୍ଧୁକଧାରୀ ଛାତ୍ର ଜଣକ ଅନ୍ୟ ଛାତ୍ରମାନଙ୍କ ଉପରେ ଗୁଳିଚାଳନା କରିଥିଲା। ନିଜକୁ ମାରିବା ପୂର୍ବରୁ ସେ ୧୦ ଜଣ ଛାତ୍ରଙ୍କୁ ଗୁଳି କରିଥିଲା। ଫିଲିପାଇନ୍ସରେ ବନ୍ଧୁକ ଆଇନକୁ ନେଇ କଡ଼ା ନିୟମ ଥିଲେ ମଧ୍ୟ ନିକଟରେ କେତେକ ଗୁଳିକାଣ୍ଡ ଘଟଣା ଦେଖିବାକୁ ମିଳିଛି। ସୂଚନାଯୋଗ୍ୟ, ଗତ ମାସରେ ଜାମ୍ବୋଆଙ୍ଗାରେ ଜଣେ ଛାତ୍ର ନିଜର ଜୀବନ ନେବା ପୂର୍ବରୁ ଏକ ଶ୍ରେଣୀଗୃହ ଭିତରେ ଅନ୍ୟ ଜଣେ ଛାତ୍ରଙ୍କୁ ଗୁଳି କରି ହତ୍ୟା କରିଥିଲା।

## ଆମେରିକୀୟ ପ୍ରତିବନ୍ଧ ଆଇନର ଭାରତର ଶକ୍ତି ସୁରକ୍ଷା ଉପରେ ପ୍ରଭାବ ନେଇ ଆମେରିକା ସହ ଆଲୋଚନା କରିଛୁ : ଜୟସ୍ୱାଲ

ନୂଆଦିଲ୍ଲୀ, ୧୮/୯: ଆମେରିକାର 'ଲିଣ୍ଡସେ ଓ. ଗ୍ରାହାମ ସ୍ୟାଙ୍କସନିଂ ରୁଷିଆ ଆଣ୍ଡ ଇରାନ୍ ଆକ୍ଟ, ୨୦୨୬'ର ସମ୍ଭାବ୍ୟ ପ୍ରଭାବ ନେଇ ଭାରତ ଆମେରିକୀୟ ପ୍ରଶାସନର ବରିଷ୍ଠ ସ୍ତରରେ ନିଜର ଉଦବେଗ ପ୍ରକାଶ କରିଛି। ବିଦେଶ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସୱାଲ କହିଛନ୍ତି ଯେ, ଏହି ଆଇନ ଭାରତର ଶକ୍ତି ସୁରକ୍ଷା, ଅନ୍ତର୍ଜାତୀୟ ଶକ୍ତି ବଜାର ଏବଂ ସାମଗ୍ରିକ ଭାବେ ଭାରତ-ଆମେରିକା ସମ୍ପର୍କ ଉପରେ ପ୍ରଭାବ ପକାଇପାରେ ବୋଲି ଭାରତ ସ୍ପଷ୍ଟ ଭାବେ ଜଣାଇଛି। ଜୟସୱାଲ ଶୁକ୍ରବାର ବିଦେଶ ମନ୍ତ୍ରଣାଳୟର ଦ୍ୱିସାପ୍ତାହିକ ଗଣମାଧ୍ୟମ ବ୍ରିଫିଂରେ ଏହି ଆଇନ ସମ୍ପର୍କିତ ପ୍ରଶ୍ନର ଉତ୍ତର ଦେଇ କହିଛନ୍ତି ଯେ, ପ୍ରସ୍ତାବିତ ଆଇନର ସମ୍ଭାବ୍ୟ ପ୍ରଭାବ ସମ୍ପର୍କରେ ଭାରତ ଆମେରିକୀୟ ପ୍ରଶାସନର ବରିଷ୍ଠ ସ୍ତରରେ ଆଗରୁ ହିଁ ନିଜର ମତ ରଖିସାରିଛି। ସେ କହିଛନ୍ତି, "ଏହି ଆଇନର ଭାରତର ଶକ୍ତି ସୁରକ୍ଷା, ଅନ୍ତର୍ଜାତୀୟ ଶକ୍ତି ବଜାର ଏବଂ ସାମଗ୍ରିକ ସମ୍ପର୍କ ଉପରେ କି ପ୍ରଭାବ ପଡ଼ିପାରେ, ସେ ସମ୍ପର୍କରେ ଆମେ ଆମେରିକୀୟ ପ୍ରଶାସନର ବରିଷ୍ଠ ସ୍ତରରେ ଆଗରୁ ହିଁ ଆମର ମତ ରଖିଛୁ।" ମୁଖପାତ୍ର କହିଛନ୍ତି ଯେ, ବର୍ତ୍ତମାନ ଏହି ପ୍ରସଙ୍ଗରେ ତାଙ୍କ ପାଖରେ ଏହାଠାରୁ ଅଧିକ କିଛି କହିବାକୁ ନାହିଁ। ଆମେରିକୀୟ କଂଗ୍ରେସ 'ଲିଣ୍ଡସେ ଓ. ଗ୍ରାହାମ ସ୍ୟାଙ୍କସନିଂ ରୁଷିଆ ଆଣ୍ଡ ଇରାନ୍ ଆକ୍ଟ, ୨୦୨୬'କୁ ଅନୁମୋଦନ କରିଛି। ଏହି ଆଇନରେ ରୁଷିଆରୁ ଶକ୍ତି କିଣୁଥିବା ଦେଶଗୁଡ଼ିକ ଉପରେ ଅତିରିକ୍ତ ଶୁଳ୍କ ଲାଗୁ କରିବା ସହିତ ରୁଷିଆ ଓ ଇରାନ ବିରୋଧରେ ପ୍ରତିବନ୍ଧ ଲାଗୁ କରିବାର ବ୍ୟବସ୍ଥା ରହିଛି।

## ଇସିଙ୍କୁ ରାହୁଲ ଓ କେଜ୍ରିୱାଲଙ୍କ ତୀବ୍ର ସମାଲୋଚନା



**ନୂଆଦିଲ୍ଲୀ, ୧୮/୯:** ତୃଣମୂଳ କଂଗ୍ରେସ (ଟିଏମ୍‌ସି)ର ନାମ ଓ ଦଳୀୟ ଚିହ୍ନ ଫ୍ରିଜ୍ କରାଯିବା ପ୍ରସଙ୍ଗରେ ନିର୍ବାଚନ କମିସନ (ଇସି)ଙ୍କୁ ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ତୀବ୍ର ସମାଲୋଚନା କରିଛନ୍ତି। ଆମ୍ ଆଦମୀ ପାର୍ଟି (ଆପ୍) ଜାତୀୟ ଆବାହକ ଅରବିନ୍ଦ କେଜ୍ରିୱାଲ ମଧ୍ୟ ନିର୍ବାଚନ କମିସନଙ୍କ ପଦକ୍ଷେପ ଉପରେ ପ୍ରଶ୍ନ ଉଠାଇଛନ୍ତି। ଆସନ୍ତା ଅକ୍ଟୋବର ୬ ତାରିଖରେ ନନ୍ଦିଗ୍ରାମ ଓ ରେଜିନଗରରେ ଉପନିର୍ବାଚନ ଅନୁଷ୍ଠିତ ହେବ। ବିରୋଧୀ ଦଳଗୁଡ଼ିକୁ ଦୁର୍ବଳ କରିବା ପାଇଁ ବିଜେପି ଓ ନିର୍ବାଚନ ପ୍ୟାନେଲ ଏକାଠି କାମ କରୁଥିବା ରାହୁଲ ଗାନ୍ଧୀ ଅଭିଯୋଗ କରିଛନ୍ତି। 'ଦଳ ଚୋରି'କୁ ଭାରତର ଗଣତାନ୍ତ୍ରିକ ଅବନତିର ସଦ୍ୟତମ ସଙ୍କେତ ବୋଲି ରାହୁଲ କହିଛନ୍ତି। ନେତୃତ୍ୱ ବିବାଦ ସମାଧାନ ନହେବା ପର୍ଯ୍ୟନ୍ତ ତୃଣମୂଳ କଂଗ୍ରେସର ପ୍ରତିଦ୍ୱନ୍ଦ୍ୱୀ ଗୋଷ୍ଠୀଗୁଡ଼ିକୁ ଦଳର ନାମ ଓ ପାରମ୍ପରିକ ନିର୍ବାଚନ ଚିହ୍ନ ବ୍ୟବହାର କରିବାକୁ ଭାରତୀୟ ନିର୍ବାଚନ କମିସନ (ଇସିଆଇ) ବାରଣ କରିବାର ଗୋଟିଏ ଦିନ ପରେ କଂଗ୍ରେସ ନେତାଙ୍କ ଏହି ମନ୍ତବ୍ୟ ଆସିଛି। ରାହୁଲ ଗାନ୍ଧୀ କହିଛନ୍ତି, ନିର୍ବାଚନ କମିସନ ଶିବସେନା ଓ ନ୍ୟାସନାଲିଷ୍ଟ କଂଗ୍ରେସ ପାର୍ଟି (ଏନ୍‌ସିପି) ବିବାଦ କ୍ଷେତ୍ରରେ ଏହିପରି ପଦକ୍ଷେପ ନେଇଥିଲେ ଓ ବର୍ତ୍ତମାନ ତୃଣମୂଳ କଂଗ୍ରେସ କ୍ଷେତ୍ରରେ ମଧ୍ୟ ସମାନ ହୋଇଛି। ରାଜନୈତିକ ଦଳଗୁଡ଼ିକୁ କେମିତି ଭଙ୍ଗାଯିବ ସେଥିପାଇଁ ବିଜେପି ଓ ଇସି ହାତ ମିଳାଇଛନ୍ତି। ଦଳ ଭଙ୍ଗା ଯିବା ପରେ ଦଳୀୟ ଚିହ୍ନ ଛଡ଼େଇ ନିଆଯାଉଛି, ତା'ପରେ ପୂରା ଦଳକୁ ଚୋରି କରାଯାଉଛି ଓ ଏପରିକି ଲକ୍ଷ ଲକ୍ଷ ଭାରତୀୟଙ୍କ ଭୋଟ ମଧ୍ୟ ଚୋରି କରାଯାଉଛି। ଭୋଟ ଚୋରି, ସରକାର ଚୋରି ଓ ଏବେ ଦଳ ଚୋରି। ଏହା ଆମ ଗଣତନ୍ତ୍ରର ପତନର ପ୍ରତୀକ ପାଲଟିଛି ବୋଲି ରାହୁଲ 'ଏକ୍ସ'ରେ ପୋଷ୍ଟ କରିଛନ୍ତି। ଭୋଟରଙ୍କ ସୁରକ୍ଷା କରି ନିର୍ବାଚନ ଆୟୋଗ ନିଜର ସାମ୍ବିଧାନିକ ଦାୟିତ୍ୱ ପୂରଣ କରିବା ଅପେକ୍ଷା ବିଜେପିକୁ ସାହାଯ୍ୟ କରୁଛନ୍ତି ବୋଲି ବିରୋଧୀ ଦଳ ନେତା ଅଭିଯୋଗ କରିଛନ୍ତି। କେଜ୍ରିୱାଲ ମଧ୍ୟ 'ଏକ୍ସ'ରେ ପୋଷ୍ଟ କରି କହିଛନ୍ତି, ଏହା ଦେଶବାସୀଙ୍କୁ ମୋଦୀଙ୍କ ଜନ୍ମଦିନର ଉପହାର। କ'ଣ ସେମାନେ ଏହି ଭାବେ ନିର୍ବାଚନ ଜିତିବେ ବୋଲି ଆପ୍ ନେତା ପ୍ରଶ୍ନ କରିଛନ୍ତି।

## ନନ୍ଦିଗ୍ରାମ କଂଗ୍ରେସ ପ୍ରାର୍ଥୀ ଗିରଫ, ଅଡ଼ୁଆରେ ମମତା



**କୋଲକାତା, ୧୮/୦୯:** ଆସନ୍ତା ଅକ୍‌ଟୋବର ୬ ତାରିଖରେ ପଶ୍ଚିମବଙ୍ଗର ନନ୍ଦିଗ୍ରାମରେ ଅନୁଷ୍ଠିତ ହେବାକୁ ଥିବା ଉପନିର୍ବାଚନରେ କଂଗ୍ରେସ ପକ୍ଷରୁ ପ୍ରାର୍ଥୀପତ୍ର ଦାଖଲ କରିଥିବା ମିଳନ ପ୍ରଧାନଙ୍କୁ ପଶ୍ଚିମବଙ୍ଗ ପୁଲିସ ଶୁକ୍ରବାର ଗିରଫ କରିଛି। ୨୦୦୭ ମସିହାରେ ନନ୍ଦିଗ୍ରାମ ଜମିଅଧିଗ୍ରହଣ ବେଳେ ଘଟିଥିବା ହିଂସାକାଣ୍ଡରେ ମିଳନ ପ୍ରଧାନ ସମ୍ପୃକ୍ତ ଥିଲେ। ତାଙ୍କ ନାମରେ ହତ୍ୟା ଅଭିଯୋଗ ଥିଲା ବୋଲି ପୁଲିସ କହିଛି। ନନ୍ଦିଗ୍ରାମ ଉପନିର୍ବାଚନରେ କଂଗ୍ରେସକୁ ସମର୍ଥନ ଦେବାକୁ ମମତା ବାନାର୍ଜୀ ଘୋଷଣା କରିବାର ମାତ୍ର କେଇ ଘଂଟା ମଧ୍ୟରେ କଂଗ୍ରେସ ପ୍ରାର୍ଥୀଙ୍କୁ ଗିରଫ କରାଯିବା ଘଟଣା ପଶ୍ଚିମବଙ୍ଗ ରାଜନୀତିକୁ ରୋଚକ ମୋଡକୁ ନେଇ ଆସିଛି। ଉଲ୍ଲେଖଯୋଗ୍ୟ ଯେ, ମମତାଙ୍କ ଗୋଷ୍ଠୀ ପକ୍ଷରୁ ଏହି ଆସନ ପାଇଁ ପୂର୍ବରୁ ରାଜ୍ୟରେ ଶିକ୍ଷକ ସ୍କାମ ଘଟଣାରେ ଚାକିରି ହରାଇଥିବା ଜଣେ ଅଣରାଜନୈତିକ ମହିଳା ସଂଚିତା ପ୍ରଧାନ ଦେଙ୍କୁ ପ୍ରାର୍ଥି କରାଯାଇଥିଲା। ତେବେ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀଙ୍କୁ ଭେଟିବା ପରେ ସଂଚିତା ନିଜ ପ୍ରାର୍ଥିପତ୍ର ପ୍ରତ୍ୟାହାର କରିନେଇଥିଲେ। ଯେତେବେଳେ ନିର୍ବାଚନ କମିଶନଙ୍କ କାର୍ଯ୍ୟକଳାପକୁ ନେଇ ମମତା ଏକ ସାମ୍ବାଦିକ ସମ୍ମିଳନୀ କରୁଥିଲେ, ଠିକ୍ ସେତିକି ବେଳେ ହିଁ ସଂଚିତ ନିଜ ପ୍ରାର୍ଥିପତ୍ର ପ୍ରତ୍ୟାହାର କରିନେଇଥିଲେ। ଖବର ପାଇ କିଂକର୍ତବ୍ୟମୁଢ ମମତା ଶେଷରେ କଂଗ୍ରେସ ପ୍ରାର୍ଥୀ ମିଳନ ପ୍ରଧାନଙ୍କୁ ତାଙ୍କ ଦଳ ସମର୍ଥନ କରିବ ବୋଲି ଘୋଷଣା କରିଥିଲେ। ତେବେ ତାଙ୍କ ଘୋଷଣା ପରେ ପରେ ପୁଲିସ ମିଳନଙ୍କୁ ଗିରଫ କରିଥିବାରୁ ମମତାଙ୍କ ପରବର୍ତୀ ରଣନୀତି କଣ ରହିବା, ତାହା ଦେଖିବା ବାକି ରହିଛି। ଅନ୍ୟପକ୍ଷରେ କଂଗ୍ରେସ ନେତା ସୁଧିରଂଜନ ଚୌଧୁରୀ କହିଛନ୍ତି, ମମତା କାହାକୁ ସମର୍ଥନ ଦେବେ ନ ଦେବେ, ତାହା ତାଙ୍କ ଦଳର ନିଷ୍ପତି। କଂଗ୍ରେସ କାହାଠୁ ସମର୍ଥନ ମାଗିନାହିଁ।

## ଚିନି ଦର ୧୦ ପ୍ରତିଶତ ହ୍ରାସ

**ନୂଆଦିଲ୍ଲୀ, ୧୮/୦୯:** ସରକାରଙ୍କ ଦାବି ଅନୁସାରେ ଖୁଚୁରା ବଜାରରେ ଚିନି ଦର ୧୦ ପ୍ରତିଶତ ହ୍ରାସ ପାଇଛି। ସେଥିପାଇଁ ଏହାର ଷ୍ଟକ୍ ନିୟମକୁ କୋହଳ କରାଯାଇଛି। ଅଧିକ ପରିମାଣର ଚିନି କିଣୁଥିବା ବ୍ୟବସାୟୀମାନଙ୍କୁ ପ୍ରତି ୧୫ ଦିନରେ ମହଜୁଦ ଚିନି ସ୍ଥିତି ସମ୍ପର୍କରେ ସରକାରଙ୍କୁ ସୂଚନା ଦେବାକୁ କୁହାଯାଇଥିଲା। ଆଡ୍‌ଭାନ୍ସଡ୍ ଅଥୋରାଇଜେସନ୍ ସ୍କିମ୍ ଓ ଟାରିଫ୍ ରେଟ୍ କୋଟା ଅଧୀନରେ କିଣାଯାଉଥିବା ଚିନି ପାଇଁ ଷ୍ଟକ୍ ସୀମା ଘୋଷଣା ମହଲତକୁ ୩୦ ଦିନକୁ ବୃଦ୍ଧି କରାଯାଇଛି। କିନ୍ତୁ ଖୋଲା ବଜାର କ୍ରୟ ପାଇଁ ସେହି ସୀମା ପୂର୍ବଭଳି ୧୫ ଦିନ ରଖାଯାଇଛି। ମାସକୁ ୧୦ ଟନରୁ ଅଧିକ ଚିନିକୁ କଞ୍ଚାମାଲ ଭାବେ ବ୍ୟବହାର କରୁଥିବା ସଂସ୍ଥାଗୁଡ଼ିକୁ ପାଖରେ ୧୫ ଦିନରୁ ଅଧିକ ଚିନି ରଖିବାକୁ ବାରଣ କରାଯାଇଥିଲା।

## ଆରକ୍ଷଣ ବିରୋଧୀ ପ୍ରଦର୍ଶନକୁ ଅନୁମତି କାହିଁକି ଦେଇନ ? ଦିଲ୍ଲୀ ପୁଲିସକୁ ହାଇକୋର୍ଟଙ୍କ ପ୍ରଶ୍ନ

**ନୂଆଦିଲ୍ଲୀ, ୧୮/୦୯:** ଆରକ୍ଷଣ ନୀତି ଓ ୟୁଜିସିର ନୂଆ ନିୟମାବଳୀ ବିରୋଧରେ ଯନ୍ତରମନ୍ତରରେ ପ୍ରସ୍ତାବିତ ପ୍ରଦର୍ଶନକୁ ଅନୁମତି ନ ଦେବା ନେଇ ଦିଲ୍ଲୀ ହାଇକୋର୍ଟ ଦିଲ୍ଲୀ ପୁଲିସକୁ ପ୍ରଶ୍ନ କରିଛନ୍ତି। ଜଷ୍ଟିସ୍ ସ୍ୱର୍ଣ୍ଣକାନ୍ତା ଶର୍ମା କ୍ଷତ୍ରିୟ କରଣୀ ସେନା ପକ୍ଷରୁ ଦାଏର ଆବେଦନର ଶୁଣାଣି କରି କହିଛନ୍ତି, ଏକ ପ୍ରଦର୍ଶନ ଉପରେ ଏଭଳି ସମ୍ପୂର୍ଣ୍ଣ ରୋକ୍ କିପରି ଲଗାଯାଇପାରିବ ? କରଣୀ ସେନା ପକ୍ଷରୁ ଅଧିବକ୍ତା ରୋଶନ ଧନାଇ ଅଦାଲତଙ୍କୁ କହିଥିଲେ ଯେ, ସଂଗଠନ ପ୍ରଥମେ ଯନ୍ତରମନ୍ତରରେ ସେପ୍ଟେମ୍ବର ୨୦ରେ ଶାନ୍ତିପୂର୍ଣ୍ଣ ପ୍ରଦର୍ଶନ ପାଇଁ ଅନୁମତି ମାଗିଥିଲା। ପୁଲିସ ପକ୍ଷରୁ ଅନୁମତି ଦିଆଯିବ ବୋଲି କୁହାଯାଇଥିଲା। କିନ୍ତୁ ସେପ୍ଟେମ୍ବର ୧୫ରେ ପୁଲିସ ଏକ ପତ୍ର ଦେଇ ଅନୁମତି ପ୍ରତ୍ୟାହାର କରିଥିଲା। ପ୍ରଦର୍ଶନରେ ଆବେଦନକାରୀଙ୍କ ଦାବିଠାରୁ ଅଧିକ ଲୋକ ଆସିପାରନ୍ତି ଏବଂ ଭିଡ଼ ନିୟନ୍ତ୍ରଣ



କଷ୍ଟକର ହୋଇପାରେ ବୋଲି ପୁଲିସ ଆଶଙ୍କା ପ୍ରକାଶ କରିଥିଲା। ଏହା ଉପରେ ଜଷ୍ଟିସ୍ ଶର୍ମା ପ୍ରଶ୍ନ କରିଥିଲେ, କେବଳ କିଛି ଅଧିକ ଲୋକ ଆସିପାରନ୍ତି ବୋଲି ଆଶଙ୍କା କରି ପ୍ରଦର୍ଶନକୁ ସମ୍ପୂର୍ଣ୍ଣ ମନା କରାଯାଇପାରିବ କି ? ପୂର୍ବ ଶୁଣାଣିରେ ମଧ୍ୟ ଅଦାଲତ ପୁଲିସକୁ ଆବଶ୍ୟକ ସର୍ତ୍ତ ଓ କଟକଣା ଲଗାଇ ପ୍ରଦର୍ଶନକୁ ଅନୁମତି ଦେବା ବିଷୟରେ କହିଥିଲେ ବୋଲି ସେ ଉଲ୍ଲେଖ କରିଥିଲେ। ପୁଲିସ ପକ୍ଷରୁ ଭିଡିଓ କନ୍‌ଫରେନ୍ସିଂରେ ଉପସ୍ଥିତ ଅତିରିକ୍ତ ସଲିସିଟର ଜେନେରାଲ୍ ଚେତନ ଶର୍ମା କହିଥିଲେ ଯେ, ସୁପ୍ରିମ୍‌କୋର୍ଟଙ୍କ କେତେକ ନିର୍ଦ୍ଦେଶାବଳୀ ଅନୁଯାୟୀ ପୁଲିସ କାର୍ଯ୍ୟ କରୁଛି। ଯନ୍ତରମନ୍ତର ଏକ ସମ୍ବେଦନଶୀଳ ଅଞ୍ଚଳ ହୋଇଥିବାରୁ ସେଠାରେ ବଡ଼ ଭିଡ଼ ହେଲେ କେନ୍ଦ୍ରୀୟ ଦିଲ୍ଲୀର ଯାତାୟାତ ଓ ଆଇନଶୃଙ୍ଖଳା ପ୍ରଭାବିତ ହୋଇପାରେ ବୋଲି ସେ କହିଥିଲେ। ସୋସିଆଲ୍ ମିଡିଆରେ ପ୍ରଦର୍ଶନ ସମ୍ପର୍କିତ ଭିଡିଓରେ ଅଧିକ ସଂଖ୍ୟକ ଲାଇକ୍ ଥିବାରୁ ବହୁ ସଂଖ୍ୟାରେ ଲୋକ ଆସିପାରନ୍ତି ବୋଲି ମଧ୍ୟ ପୁଲିସ ଆଶଙ୍କା କରିଥିଲା। ଏହାପରେ ଅଦାଲତ ପଚାରିଥିଲେ, ସ୍ଥାନ ପରିବର୍ତ୍ତନ କରି ଆବଶ୍ୟକ ସର୍ତ୍ତ ସହ ପ୍ରଦର୍ଶନକୁ ଅନୁମତି ଦିଆଯାଇପାରିବ କି ? ଏଏସ୍‌ଜି ଚେତନ ଶର୍ମା ଏହି ବିକଳ୍ପ ଉପରେ ବିଚାର କରାଯିବ ବୋଲି କହିଥିଲେ। ମାମଲାର ପରବର୍ତ୍ତୀ ଶୁଣାଣି ସେପ୍ଟେମ୍ବର ୨୨ରେ ହେବ।

### ଗେଷ୍ଟ ହାଉସରେ ମାସୁଦ୍-ମୁନୀରଙ୍କ ରୁଦ୍ଧଦ୍ୱାର ବୈଠକ

## ଆତଙ୍କବାଦ କାର୍ଯ୍ୟାନୁଷ୍ଠାନ ଉପରେ ବିଶ୍ୱକୁ ପୁଣି ଧୋକା



**ନୂଆଦିଲ୍ଲୀ, ୧୮/୦୯:** ପାକିସ୍ତାନରୁ ଏକ ଆଶ୍ଚର୍ଯ୍ୟଜନକ ଖବର ସାମ୍ନାକୁ ଆସିଛି। ପାକିସ୍ତାନ ସେନା ମୁଖ୍ୟ ଜେନେରାଲ ଅସୀମ ମୁନିର ଏବଂ ଜୈଶ-ଏ-ମହମ୍ମଦ ମୁଖ୍ୟ ମାସୁଦ ଆଝାରଙ୍କ ମଧ୍ୟରେ ଏକ ଗୁପ୍ତ ବୈଠକ ହୋଇଛି। ଏକ ଅଜ୍ଞାତ ସୂତ୍ରକୁ ଉଦ୍ଧୃତ କରି ଏକ ଜାତୀୟ ଗଣମାଧ୍ୟମର ରିପୋର୍ଟରେ ଏହି ଦାବି କରାଯାଇଛି। ସୂତ୍ର ଅନୁଯାୟୀ, ସେପ୍ଟେମ୍ବର ୧୬ ତାରିଖରେ ମୁନିରଙ୍କ ଏକ ଗେଷ୍ଟ ହାଉସରେ ଏହି ବୈଠକ ହୋଇଥିଲା। ଉଭୟ ପ୍ରାୟ ଅଢ଼େଇ ଘଣ୍ଟା ଧରି ରୁଦ୍ଧଦ୍ୱାର ଆଲୋଚନା କରିଥିଲେ। ବୈଠକ ସମୟରେ ମୁଫତି ଅବଦୁଲ ରହିମ ଏବଂ ମୌଲାନା ତାହିର ଆଶରଫି ମଧ୍ୟ ଉପସ୍ଥିତ ଥିଲେ। ଏହି ଖବର ଏପରି ସମୟରେ ଆସିଛି ଯେତେବେଳେ ପାକିସ୍ତାନ ନିଜକୁ ଆତଙ୍କବାଦ ପ୍ରତି କଠୋର ଭାବରେ ପ୍ରଦର୍ଶନ କରିବାକୁ ଚେଷ୍ଟା କରୁଛି। ସମ୍ପ୍ରତି, ପାକିସ୍ତାନର ତଦନ୍ତକାରୀ ସଂସ୍ଥା, ଏଫଆଇଏ, ଏହାର 'ରେଡ୍ ବୁକ୍' ପ୍ରକାଶ କରିଛି, ଯେଉଁଥିରେ ମାସୁଦ ଆଝାରଙ୍କୁ ସବୁଠାରୁ ୱାଣ୍ଟେଡ୍ ପଳାତକ ଭାବେ ଘୋଷଣା କରାଯାଇଥିଲା ଏବଂ ତାଙ୍କ ମୁଣ୍ଡ ଉପରେ ୭୦ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରାଯାଇଥିଲା। ପାକିସ୍ତାନ ଲଗାତାର ଦାବି କରିଆସିଛି ଯେ, ମାସୁଦ ଆଝାର ଏହାର ମାଟିରେ ନାହିଁ। ଏହା ଦାବି କରିଥିଲା ଯେ ମାସୁଦ ଆଝାର ଆଫଗାନିସ୍ତାନରେ ଲୁଚି ରହିଛି। ତଥାପି, ଆଫଗାନିସ୍ତାନର ତାଲିବାନ ସରକାର ଏହି ଦାବିକୁ ସିଧାସଳଖ ପ୍ରତ୍ୟାଖ୍ୟାନ କରିଛି। ଭାରତୀୟ ଗୁଇନ୍ଦା ସଂସ୍ଥା ଗୁଡ଼ିକ ମଧ୍ୟ ବିଶ୍ୱାସ କରନ୍ତି ଯେ ମାସୁଦ ସୁରକ୍ଷିତ ଭାବରେ ପାକିସ୍ତାନରେ ରହିଛି। ସେ ସିନ୍ଧର ବାହାୱାଲପୁର ଏବଂ ନବାବଶାହରୁ ତା'ର ଆତଙ୍କବାଦୀ ନେଟୱାର୍କ ପରିଚାଳନା କରୁଛି। ଆଗାମୀ ମାସରେ ଅର୍ଥାତ ଅକ୍ଟୋବରରେ ଫାଇନାନସିଆଲ ଆକ୍ସନ ଟାସ୍କ ଫୋର୍ସ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କରିବାକୁ ଯାଉଛି। ପାକିସ୍ତାନକୁ କଡ଼ା ନଜରରେ ରଖିବା କିମ୍ବା ପୁଣି ଗ୍ରେ ତାଲିକାରେ ରଖିବାର ବିପଦର ସମ୍ମୁଖୀନ ହେଉଛି। ଭାରତ ପୂର୍ବରୁ କହିଛି ଯେ ପାକିସ୍ତାନର ପୁରସ୍କାର କେବଳ ଏକ ପ୍ରହସନ। ଯେତେବେଳେ ଅନ୍ତର୍ଜାତୀୟ ଚାପ ବୃଦ୍ଧି ପାଏ, ପାକିସ୍ତାନ କାଗଜପତ୍ରରେ ଆତଙ୍କବାଦୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ଅଭିନୟ କରିବାକୁ ଆରମ୍ଭ କରେ। ଏଥର ମଧ୍ୟ, ଏହା ସେହି ପୁରୁଣା ଖେଳ ଖେଳିଛି। ଯେତେବେଳେ ଭାରତୀୟ ସୁରକ୍ଷା ବାହିନୀ ଅପରେସନ ସିନ୍ଦୁର ଅଧୀନରେ ସୀମା ଆରପାରିରେ ଆତଙ୍କବାଦୀ ଘାଟି ଉପରେ ଆକ୍ରମଣ କରିଥିଲେ, ଭାରତ ବାହାୱାଲପୁରରେ ଜୈଶ-ଏ-ମହମ୍ମଦର ମର୍କଜ ସୁଭାନାଲ୍ଲାହକୁ ଟାର୍ଗେଟ କରିଥିଲା। ପରବର୍ତ୍ତୀ ସମୟରେ, ଆତଙ୍କବାଦୀ ସଂଗଠନ ଜୈଶ-ଏ-ମହମ୍ମଦ ଦ୍ୱାରା ଲେଖାଯାଇଥିବା ଅନେକ ଚିଠି ସାମ୍ନାକୁ ଆସିଥିଲା। ଗୋଟିଏ ଚିଠିରେ ମାସୁଦ ଆଝାର ଉଲ୍ଲେଖ କରିଥିଲେ ଯେ, ବାହାୱାଲପୁରରେ ଭାରତୀୟ କ୍ଷେପଣାସ୍ତ୍ର ଆକ୍ରମଣରେ ତାଙ୍କ ବଡ଼ ଭଉଣୀ, ତାଙ୍କ ସ୍ୱାମୀ, ତାଙ୍କ ଭଣଜା, ତାଙ୍କ ଭଣଜାଙ୍କ ସ୍ତ୍ରୀ, ତାଙ୍କ ଭଣଜା ଏବଂ ପାଞ୍ଚ ଜଣ ପିଲା ପ୍ରାଣ ହରାଇଥିଲେ। ସେ ତାଙ୍କ ଘନିଷ୍ଠ ବନ୍ଧୁ ଏବଂ ସେମାନଙ୍କ ପରିବାର ସଦସ୍ୟଙ୍କ ମୃତ୍ୟୁ ବିଷୟରେ ମଧ୍ୟ ଉଲ୍ଲେଖ କରିଥିଲେ। ଏହା ସତ୍ତ୍ୱେ, ପାକିସ୍ତାନୀ ସେନା ଆତଙ୍କବାଦୀମାନଙ୍କୁ ଆଶ୍ରୟ ଦେଇ ଚାଲିଛି। ସେନା ମୁଖ୍ୟ ମୁନିର ଏବଂ ଆତଙ୍କବାଦୀ ମାସୁଦଙ୍କ ମଧ୍ୟରେ ଏହି ଗୁପ୍ତ ବୈଠକ ସ୍ପଷ୍ଟ କରିଛି ଯେ ବାହାୱାଲପୁରରେ ଆତଙ୍କବାଦୀ ଭିତ୍ତିଭୂମି ସମ୍ପୂର୍ଣ୍ଣ ସକ୍ରିୟ ରହିଛି।

## ଯୁଦ୍ଧ ମଧ୍ୟରେ ରୁଷ୍‌ରେ ସଂସଦୀୟ ନିର୍ବାଚନ

**ମସ୍କୋ, ୧୮/୦୯:** ରୁଷ୍‌ରେ ଶୁକ୍ରବାରଠାରୁ ୩ ଦିନିଆ ସଂସଦୀୟ ନିର୍ବାଚନ ଆରମ୍ଭ ହୋଇଛି। ୨୦୨୨ରେ ୟୁକ୍ରେନ୍ ଉପରେ ଆକ୍ରମଣ ଆରମ୍ଭ ହେବା ପରେ ଏହା ରୁଷ୍‌ର ପ୍ରଥମ ସଂସଦୀୟ ନିର୍ବାଚନ। ଦେଶର ପ୍ରାୟ ୧୧ କୋଟି ଯୋଗ୍ୟ ଭୋଟର ଏହି ନିର୍ବାଚନରେ ମତଦାନ କରିବେ। ଇଲେକ୍ଟ୍ରୋନିକ୍ ଭୋଟିଂର ମଧ୍ୟ ବ୍ୟବସ୍ଥା କରାଯାଇଛି। ରବିବାର ମତଦାନ ଶେଷ ହେବ। ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ସମର୍ଥିତ ୟୁନାଇଟେଡ୍ ରୁଷିଆ ଦଳ ଷ୍ଟେଟ୍ ଡୁମାରେ ନିଜର ଦବ୍‌ଦବା ବଜାୟ ରଖିବାର ଆଶା କରାଯାଉଛି। ୪୫୦ ଆସନ ବିଶିଷ୍ଟ ଡୁମାର ଅଧା ଆସନ ଦଳୀୟ ତାଲିକା ଅନୁସାରେ ଏବଂ ଅବଶିଷ୍ଟ ଅଧା ଆସନ ସିଙ୍ଗଲ୍-କନ୍‌ଷ୍ଟିଚୁଏନ୍ସି ନିର୍ବାଚନ ମାଧ୍ୟମରେ ପୂରଣ ହୁଏ। ନିର୍ବାଚନ ପୂର୍ବରୁ ବିରୋଧୀ ସ୍ୱର ଉପରେ କଟକଣା ବଢ଼ାଯାଇଥିବା ଅଭିଯୋଗ ରହିଛି। ଯୁଦ୍ଧକୁ ଖୋଲାଖୋଲି ବିରୋଧ କରୁଥିବା ଉଦାରବାଦୀ ୟାବ୍ଲୋକୋ ଦଳକୁ ଗତ ମାସରେ ରୁଷ୍ ସୁପ୍ରିମ୍‌କୋର୍ଟ ନିର୍ବାଚନରୁ ବାଦ୍ ଦେଇଥିଲେ। ଦଳର କେତେକ ପ୍ରାର୍ଥୀ ଏବେ ମଧ୍ୟ ସିଙ୍ଗଲ୍-କନ୍‌ଷ୍ଟିଚୁଏନ୍ସି ଆସନରୁ ନିର୍ବାଚନ ଲଢୁଛନ୍ତି। ୟାବ୍ଲୋକୋର ଉପନେତା ମାକ୍ସିମ୍ କ୍ରୁଗଲୋଭ୍‌ଙ୍କୁ ଜୁନ୍‌ରେ ସାମରିକ ବାହିନୀ ସମ୍ପର୍କରେ ମିଥ୍ୟା ତଥ୍ୟ ପ୍ରଚାର ଅଭିଯୋଗରେ ୭ ବର୍ଷ ଜେଲ୍ ଦଣ୍ଡ ହୋଇଥିଲା। ଦଳର ନେତା ଲେଭ୍ ଶ୍ଲୋସବର୍ଗଙ୍କୁ ମଧ୍ୟ ଗତ ମାସରେ ଯୁଦ୍ଧବିରୋଧୀ ମତ ଦେବା ଅଭିଯୋଗରେ ୧୧ ବର୍ଷରୁ ଅଧିକ ଜେଲ୍ ଦଣ୍ଡ ମିଳିଛି। ଏହି ନିର୍ବାଚନରେ ପ୍ରଥମ ଥର ପାଇଁ ରୁଷ୍ ଦଖଲରେ ଥିବା ୟୁକ୍ରେନ୍‌ର ୪ଟି ଅଞ୍ଚଳର ବାସିନ୍ଦାଙ୍କୁ ମଧ୍ୟ ସାମିଲ କରାଯାଇଛି। ୨୦୧୪ରେ ରୁଷ୍ ଦଖଲ କରିଥିବା କ୍ରିମିଆରେ ମଧ୍ୟ ମତଦାନ ହେଉଛି। ୟୁକ୍ରେନ୍ ଏହି ମତଦାନକୁ ବେଆଇନ ବୋଲି କହିଛି। ନିର୍ବାଚନ ପୂର୍ବରୁ ପୁଟିନ୍ ଭୋଟ୍‌କୁ ଯୁଦ୍ଧ ପ୍ରତି ଜନସମର୍ଥନର ପ୍ରତୀକ ଭାବେ ଉପସ୍ଥାପନ କରିଛନ୍ତି। ଏପଟେ ୟୁକ୍ରେନ୍‌ର ଡ୍ରୋନ୍ ଆକ୍ରମଣ ଯୋଗୁଁ ରୁଷ୍‌ର ତୈଳ ବିଶୋଧନାଗାର ଓ ଅନ୍ୟାନ୍ୟ ଭିତ୍ତିଭୂମି ପ୍ରଭାବିତ ହୋଇଥିବାରୁ ଅର୍ଥନୀତି ଉପରେ ଚାପ ବଢ଼ିଛି।





# ଭୁବନେଶ୍ୱରରୁ କିନ୍ନରଙ୍କୁ ଅପହରଣ ପରେ ନିସ୍ତୁକ ମାଡ଼

ଭୁବନେଶ୍ୱର(ନିପ୍ର): ରାଜଧାନୀ ଭୁବନେଶ୍ୱରରୁ ଜଣେ କିନ୍ନରଙ୍କୁ ଅପହରଣ କରାଯାଇ ନିସ୍ତୁକ ମାଡ ମରାଯାଇଥିବା ନେଇ ଅଭିଯୋଗ ହୋଇଛି। ଏନେଇ ପୀଡିତା କିନ୍ନର ବଡଗଡ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ସିସିଟିଭି ଫୁଟେଜକୁ ଆଧାର କରି ପୁଲିସ ଛାନଭିନ ଚଳାଇଛି। ସୂଚନା ଅନୁସାରେ, ଗତକାଲି ବିଳମ୍ବିତ ରାତିରେ ଜଣେ କିନ୍ନର ପୁରୀ ବାଇପାସ ରାସ୍ତାରେ ଠିଆ ହୋଇଥିଲେ। ଏହି ସମୟରେ ଏକ କାରରେ ଦୁଇ ଯୁବକ ସେଠାରେ ପହଞ୍ଚିଥିଲେ। କିନ୍ନର ଜଣଙ୍କ କାର୍ ପାଖକୁ ଯାଇଥିଲେ। ଯୁବକମାନେ ତାଙ୍କୁ କାର୍ ଭିତରକୁ ଡାକିଥିଲେ। କିନ୍ନର ଜଣଙ୍କ ମନା କରିଥିଲେ । ଦୁଇଜଣ ଦୁର୍ବୃତ୍ତ କିନ୍ନରଙ୍କୁ ଜବରଦସ୍ତ ଅପହରଣ କରି ପୁରୀ ଆଡକୁ ନେଇଥିଲେ । ଦୁର୍ବୃତ୍ତମାନେ ତାଙ୍କ ଠାରୁ ଟଙ୍କା ଦାବି କରିଥିଲେ। ମାତ୍ର କିନ୍ନର ଜଣକ ଟଙ୍କା ଦେବାକୁ ମନା କରିଦେବାରୁ ଅପହରଣକାରୀମାନେ ତାଙ୍କୁ ମାଡ଼ ମାରି ବାଟରେ ଫିଙ୍ଗି ଦେଇ ଚାଲିଯାଇଥିଲେ। କିନ୍ନର ଜଣକ ପ୍ରଥମେ ଭରତପୁର ଥାନା ଅଞ୍ଚଳରେ ଥିବା କିନର ଆଡ୍ଡାକୁ ଫେରିଥିଲେ। ଏହାପରେ ସେ ନ୍ୟାୟ ପାଇଁ ଭରତପୁର ଥାନାର ଦ୍ୱାରସ୍ଥ ହୋଇଥିଲେ। ଘଟଣାଟି ବଡ଼ଗଡ଼ ଥାନା ଅଞ୍ଚଳରେ ଘଟିଥିବାରୁ, ଭରତପୁର ଥାନା ପୁଲିସ୍ ତାଙ୍କୁ ବଡ଼ଗଡ଼ ଥାନାକୁ ପଠାଇ ଦେଇଥିଲା। ବଡ଼ଗଡ଼ ଥାନାରେ ପହଞ୍ଚିବା ପରେ ପୁଲିସ୍ ମାମଲା ରୁଜୁ କରିବା ସହିତ ଆହତ କିନ୍ନରଙ୍କୁ ଚିକିତ୍ସା କରାଇ ଘରକୁ ପଠାଇଛି। ଏହି ଘଟଣାକୁ ପୁଲିସ୍ ଗୁରୁତ୍ୱର ସହ ନେଇ ତଦନ୍ତ ଆରମ୍ଭ କରିଛି। ଅଭିଯୁକ୍ତମାନଙ୍କୁ ଚିହ୍ନଟ କରିବା ପାଇଁ ପୁରୀ ବାଇପାସର ବିଭିନ୍ନ ସ୍ଥାନରେ ଲାଗିଥିବା ସିସିଟିଭି ଫୁଟେଜ୍ ଯାଞ୍ଚ କରାଯାଉଛି। ପୁଲିସ୍ କହିଛି ଘଟଣାରେ କିଛି ରହସ୍ୟ ଥିବା ଜଣାପଡିଛି। ତଦନ୍ତ ଚାଲିଛି। ଖୁବଶୀଘ୍ର ଦୁର୍ବୃତ୍ତମାନଙ୍କୁ ଗିରଫ କରାଯିବ। ତା'ପରେ ଜଣାପଡିବ ଏହା ପଛରେ ଅସଲ କାରଣ କ'ଣ ରହିଛି।

# ଡକାୟତି ଯୋଜନା ଫେଲ, ୫ ଅପରାଧୀ ଗିରଫ

ଭୁବନେଶ୍ୱର(ନି.ପ୍ର): ରାଜଧାନୀରେ ଏକ ବଡଧରଣର ଡକାୟତି ଯୋଜନା କରୁଥିବା ବେଳେ ପୁଲିସ ଏକ ଗ୍ୟାଙ୍ଗକୁ ଠାବ କରିଛି। ଗ୍ୟାଙ୍ଗର ୫ଜଣଙ୍କୁ ପୁଲିସ ଗିରଫ କରିଥିବା ବେଳେ ଫେରାର ଅଭିଯୁକ୍ତମାନଙ୍କୁ ଧରିବାକୁ ଉଦ୍ୟମ କରୁଛି। ଗିରଫ ଅଭିଯୁକ୍ତମାନେ ହେଲେ କାହ୍ନା ନାୟକ, ଶ୍ରୀକାନ୍ତ ପ୍ରଧାନ, ବିକାଶ ବେହେରା, ପି.. ଗୋପିକିଶନ ରାଓ ଓ ପବିତ୍ର ଭୋଳ। ପୁଲିସ ଏମାନଙ୍କ ବିରୋଧରେ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି। ତଦନ୍ତରୁ ଜଣାପଡ଼ିଛି ଯେ, ଗତକାଲି ରାତି ପ୍ରାୟ ୧.୩୦ ମିନିଟରେ ମୈତ୍ରୀ ବିହାର ଥାନାର ଏକ ଟିମ୍ ପାଟ୍ରୋଲିଂ କରୁଥିବା ବେଳେ ଖବର ପାଇଥିଲେ ଯେ, ବିର୍ସା ମୁଣ୍ଡା ପ୍ରତିମୂର୍ତ୍ତି ପଛପଟେ ଥିବା ଏକ ନିଛାଟିଆ ସ୍ଥାନରେ କିଛି ଯୁବକ ମାରଣାସ୍ତ୍ର ଧରି ଏକାଠି ହୋଇଛନ୍ତି ଏବଂ ରାସ୍ତାରେ ଯାଉଥିବା ଲୋକ କିମ୍ବା ସ୍ଥାନୀୟ ବାସିନ୍ଦାଙ୍କୁ ଡରାଇ ଡକାୟତି କରିବା ପାଇଁ ଯୋଜନା କରୁଛନ୍ତି। ଖବର ପାଇ ପୋଲିସ ତୁରନ୍ତ ଉକ୍ତ ସ୍ଥାନରେ ଚଢ଼ାଉ କରିଥିଲା। ପୋଲିସକୁ ଦେଖିବା ମାତ୍ରେ ସେମାନେ ଖସି ପଳାଇବାକୁ ଉଦ୍ୟମ କରୁଥିବା ବେଳେ, ପୋଲିସ ସମସ୍ତ ୫ ଜଣ ଅଭିଯୁକ୍ତଙ୍କୁ ଗୋଡ଼ାଇ କାବୁ କରିବାରେ ସଫଳ ହୋଇଥିଲା। ଅଭିଯୁକ୍ତମାନେ ନିଶାସକ୍ତ ଅବସ୍ଥାରେ ଥିଲେ ଏବଂ ଲୁଟ୍ ଓ ଡକାୟତି ଉଦ୍ଦେଶ୍ୟରେ ସେଠାରେ ଏକାଠି ହୋଇଥିବା ସ୍ୱୀକାର କରିଥିଲେ। ଯାଞ୍ଚ ବେଳେ ସେମାନଙ୍କ ନିକଟରୁ ଗୋଟିଏ ଲମ୍ବା ତେଲୁଗୁ ଖଣ୍ଡା, ଦୁଇଟି ଲୁହା ରଡ୍, ଗୋଟିଏ ଲୁହା ଚାପଡ଼ ଏବଂ ଆଖିରେ ପକାଇବା ପାଇଁ ରଖିଥିବା ୪ ପ୍ୟାକେଟ୍ ଲଙ୍କାଗୁଣ୍ଡ ଜବତ କରାଯାଇଥିଲା। ସଂଗୃହୀତ ପ୍ରମାଣ ଆଧାରରେ ଉକ୍ତ ୫ଜଣ ଅଭିଯୁକ୍ତଙ୍କୁ ଆଜି ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି।

# ମହାନଦୀରୁ ନିଖୋଜ ବାଳକର ମୃତଦେହ ଉଦ୍ଧାର

କଟକ(ନିପ୍ର): ମହାନଦୀକୁ ଗାଧୋଇବାକୁ ଯାଇ ନିଖୋଜ ହୋଇଯାଇଥିବା ବାଳକ ଦିବ୍ୟାଂଶୁ ନାୟକ (୧୪)ଙ୍କ ମୃତଦେହ ଶୁକ୍ରବାର ସକାଳେ ଉଦ୍ଧାର କରାଯାଇଛି। ଗତକାଲି ନିଖୋଜ ସ୍ଥାନଠାରୁ ମାତ୍ର ୧ କିଲୋମିଟର ଦୂରରେ ମୃତଦେହ ଭାସୁଥିବା ବେଳେ ଏହାକୁ ଉଦ୍ଧାର କରାଯାଇଛି । ଜଗତପୁର ପୋଲିସ ମୃତ ଦେହକୁ ପୋଷ୍ଟମୋର୍ଟମ ପାଇଁ ଏସସିବିକୁ ପଠାଇଛି । ସୂଚନାଯୋଗ୍ୟ ଯେ ଗୁରୁବାର ସକାଳ ପ୍ରାୟ ସାଢେ ଦଶଟା ବେଳେ ମୃତକ ଦିବ୍ୟାଂଶୁ ତା' ଅନ୍ୟ ଦୁଇ ସାଙ୍ଗ ନାନକାରର ଶୁଭମ ସିଂହ ଓ ଅଶ୍ୱିନୀ କୁମାର ଗିରୀଙ୍କ ସହ ତରୋଳରେ ଚାଲିଥିବା ଗଣେଶ ମହୋତ୍ସବ ଦେଖିବାକୁ ଯାଇଥିଲେ। ସେଠାରୁ ଗାଧୋଇବା ପାଇଁ ମହାନଦୀକୁ ଯାଇଥିଲେ । ବାଲିସାହି ନିକଟରେ ମହାନଦୀରେ ଗାଧୋଇବାକୁ ପସିଥିବା ସମୟରେ ଦିବ୍ୟାଂଶୁର ଗୋଡ଼ ଖସିଯାଇଥିଲା ଓ ସେ ବୁଡ଼ିଯାଇଥିଲା। ଏହି ସମୟରେ ସେଠାରେ ଥିବା ଲୋକମାନେ ଅନ୍ୟ ଦୁଇ ଜଣଙ୍କୁ ଉଦ୍ଧାର କରିଥିଲେ ମଧ୍ୟ ଦିବ୍ୟାଂଶୁର ପତ୍ତା ପାଇପାରିନଥିଲେ । ଖବର ପାଇ ଅଗ୍ନିଶମ ବାହିନୀ, ଓଡ୍ରାଫ୍ ଓ ସ୍କୁବା ଉଦ୍ଧାରକାରୀ ଦଳ ବହୁ ଖୋଜାଖୋଜି କରିଥିଲେ ହେଁ ସନ୍ଧ୍ୟା ପର୍ଯ୍ୟନ୍ତ ନିଖୋଜ ଛାତ୍ରଙ୍କ ସନ୍ଧାନ ପାଇପାରି ନଥିଲେ।

## ରାଜ୍ୟସଭା କ୍ରସ୍ ଭୋଟିଂ ମାମଲା

# ହାଇକୋର୍ଟରେ ଶୁଣାଣି, ସେପ୍ଟେମ୍ବର ୨୯ରେ ପରବର୍ତ୍ତୀ ଶୁଣାଣି



କଟକ(ନିପ୍ର): ରାଜ୍ୟସଭା ନିର୍ବାଚନରେ ବିଜୁ ଜନତା ଦଳର କିଛି ବିଧାୟକଙ୍କ ଦ୍ୱାରା ହୋଇଥିବା ଚର୍ଚ୍ଚିତ କ୍ରସ୍ ଭୋଟିଂ ଏବଂ ଦଳୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନକୁ ନେଇ ଓଡ଼ିଶା ରାଜନୀତିରେ ପୁଣି ଥରେ ଝଡ଼ ସୃଷ୍ଟି ହୋଇଛି । ବାଚସ୍ପତିଙ୍କ ଦ୍ୱାରା ବିଦ୍ରୋହୀ ବିଧାୟକଙ୍କ ସଦସ୍ୟତା ରଦ୍ଦ ଆବେଦନ ଖାରଜ ହେବା ପରେ ବିଜେଡି ସିଧାସଳଖ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା, ଯାହାକୁ ନେଇ ଶୁକ୍ରବାର କୋର୍ଟରେ ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ତଥା ରାଜନୈତିକ ଦୃଷ୍ଟିରୁ ସମ୍ବେଦନଶୀଳ ମାମଲାର ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଏହି ହାଇ-ପ୍ରୋଫାଇଲ୍ ମାମଲାରେ ରାଜ୍ୟ ସରକାରଙ୍କ ପକ୍ଷରୁ ଆଡଭୋକେଟ୍ ଜେନେରାଲ ପିତାମ୍ବର ଆଚାର୍ଯ୍ୟ କୋର୍ଟରେ ହାଜର ହୋଇ ସରକାରୀ ଓ ଆଇନଗତ ସ୍ଥିତି ସ୍ପଷ୍ଟ କରିଛନ୍ତି । ବିଜେଡି ଏବଂ ବିଧାୟକଙ୍କ ମଧ୍ୟରେ ଚାଲିଥିବା ଏହି ଆଇନଗତ ଓ ରାଜନୈତିକ ଲଢ଼େଇରେ କୋର୍ଟ ଏହାର ଗମ୍ଭୀରତାକୁ ବିଚାରକୁ ନେଇ ଯଥାଶୀଘ୍ର ସଠିକ୍ ପ୍ରତିଜବାବ ଦାଖଲ କରିବାକୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି । ଆସନ୍ତା ୨୮ ତାରିଖ ମଧ୍ୟରେ ବିଜେଡ଼ିର ୮ ବିଧାୟକଙ୍କୁ ଜବାବ ରଖିବାକୁ ନୋଟିସ ଜାରି କରାଯାଇଛି । ରାଜ୍ୟର ଦଳୀୟ ରାଜନୀତିକୁ ସରଗରମ କରିଥିବା ଏହି କ୍ରସ୍ ଭୋଟିଂ ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ସେପ୍ଟେମ୍ବର ୨୯ ତାରିଖରେ ଧାର୍ଯ୍ୟ କରାଯାଇଛି । ଆଗାମୀ ଦିନରେ ଏହି ମାମଲାର ଆଇନଗତ ରାୟ କାହାର ପକ୍ଷରେ ଯାଉଛି, ତାହା ଉଭୟ ଶାସକ ଏବଂ ବିରୋଧୀ ଦଳ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ ଅଟେ।

# ଗଛରେ ପିଟିହେଲା କାର୍: ଅଳ୍ପକେ ବର୍ତ୍ତିଲେ ଡାକ୍ତର



ପିପିଲି(ନିପ୍ର): ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥ ମଧ୍ୟମ ସାତଶଙ୍ଖ ବୁଦ୍ଧେଶ୍ୱର ସିଡ଼ିଠାରେ ଏକ କାର ଗୁରୁବାର ବିଳମ୍ବିତ ରାତ୍ରିରେ ଭାରସାମ୍ୟ ହରାଇ ଗଛରେ ପିଟି ହୋଇଛି । କାର ଧକ୍କା ହେବା ଫଳରେ କେହି ଗୁରୁତର ଆହତ ହୋଇ ନଥିବା ସାତଶଂଖ ଫାଣ୍ଡି ଅଧିକାରୀ ମନୋରଞ୍ଜନ ପରିଡା କହିଛନ୍ତି । ଗାଡି ଧକ୍କା କରିବା ଚାଳକ ହେଉଛନ୍ତି ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାର ଡାକ୍ତର । ଗତ ବିଳମ୍ବିତ ରାତ୍ରିରେ ପୁରୀରୁ ଆସୁଥିବା ବେଳେ ବୁଦ୍ଧେଶ୍ୱର ସିଡ଼ିଠାରେ ଭାରସାମ୍ୟ ହରାଇ ଧକ୍କା ହୋଇଥିଲା । ଖବରପାଇ ଶ୍ରୀ ପରିଡା ପହଞ୍ଚି ଡାକ୍ତରଙ୍କୁ ଚିକିତ୍ସା ପାଇଁ ପଠାଇ ଦୁର୍ଘଟଣାଗ୍ରସ୍ତ ଗାଡିକୁ ଜବତ କରିଛନ୍ତି ।

# ପୋଖରୀରେ ବୁଡି ଯୁବକ ମୃତ



ନବରଙ୍ଗପୁର(ନିପ୍ର): ଡାବୁଗାଁ ଥାନା ଅଧୀନ ଗିର୍ଲା ଗ୍ରାମରେ ଶୁକ୍ରବାର ସକାଳ ସମୟରେ ପୋଖୋରୀ ରେ ବୁଡି ଯାଇ ଜଣେ ଯୁବକ ମୃତ୍ୟୁବରଣ କରିଥିବା ଦେଖିବାକୁ ମିଳିଛି । ସୂଚନଯୋଗ୍ୟ ଗୀର୍ଲା ଗ୍ରାମର ରାମ ଚନ୍ଦ୍ର ଭତ୍ରା (୧୯) ଗ୍ରାମ ପାଖ ପୋଖରୀକୁ ସକାଳ ପ୍ରାୟ ୮ଟା ସମୟରେ ଶୌଚ ହେବାକୁ ଯାଇଥିଲେ । ସେଠାରେ କୌଣସି କାରଣରୁ ସେ ପୋଖୋରୀରେ ବୁଡିଯାଇଥିଲେ । ଗ୍ରାମବାସୀ ଏହା ଦେଖି ଡାବୁଗାଁ ଦମକଳ ବାହୀନିକୁ ଖବର ଦେଇଥିଲେ । ଖବରପାଇ ଡାବୁଗାଁ ଦମକଳ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ପୋଖରୀ ଭିତରୁ ଶବ ଉଦ୍ଧାର କରିବା ପରେ ଡାବୁଗାଁ ଥାନା ପୋଲିସକୁ ହସ୍ତାନ୍ତର କରାଯାଇଛି । ଏନେଇ ଡାବୁଗାଁ ଥାନାରେ ଏତଲା ହୋଇଛି । ଉକ୍ତ ଏତଲାକୁ ଭିତ୍ତିକରି ୩୧/୨୬ରେ ଏକ ମାମଲା ରୁଜୁ କରି ପୋଲିସ ଯାଞ୍ଚ କରୁଛି । ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ପତ୍ନୀ ଘରକୁ ନ ଫେରିବାରୁ ସ୍ୱାମୀର ଆତ୍ମହୁତି ଉଦ୍ୟମ

ଢେଙ୍କାନାଳ: ଘରକୁ ଫେରିବାକୁ ପତ୍ନୀକୁ ଡାକିବାରୁ ଆସି ନ ଥିଲେ । ଯାହାକୁ ନେଇ ସ୍ୱାମୀ ଘଟାଇଛନ୍ତି ଅଭାବନୀୟ କାଣ୍ଡ । ପତ୍ନୀ ବିରହରେ ଆତ୍ମହୁତି ଦେବାକୁ ଯାଇ ନିଜ ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଛି ସ୍ୱାମୀ। ଫଳରେ ନିଆଁରେ ପୋଡ଼ି ହୋଇ ଛଟପଟ ହେଉଥିବାବେଳେ ଉକ୍ତ ଯୁବକକୁ ସ୍ଥାନୀୟ ଲୋକ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି । ଢେଙ୍କାନାଳ ମୋଟଙ୍ଗା ଥାନା ଅନ୍ତର୍ଗତ ଗୁଡ଼ିଆ କାଟେଣି ଅଂଚଳର ଏକ କ୍ରସରରେ ଘଟିଛି ଏପରି ଅଭାବନୀୟ ଘଟଣା । ଆତ୍ମହୁତି ଦେଉଥିବା ଯୁବକଙ୍କୁ ଗୁରୁତର ଅବସ୍ଥାରେ ଚିକିତ୍ସା ପାଇଁ ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ତାଙ୍କ ଦେହର ଶତକଡ଼ା ୭୦ପ୍ରତିଶତ ପୋଡ଼ି ଯାଇଥିବା ଡାକ୍ତରଖାନା ସୂତ୍ରରୁ ଜଣାପଡ଼ିଛି । ଗୁରୁତର ଯୁବକ ଜଣଙ୍କ ଅନୁଗୁଳ ଖମାର ଅଂଚଳର ୨୨ବର୍ଷୀୟ ରିଙ୍କୁ ମୁଣ୍ଡା ବୋଲି ଜଣାପଡିଛି । ସୂଚନା ଅନୁସାରେ, ରିଙ୍କୁ ଗତ ୩ବର୍ଷ ହେବ ପ୍ରେମ ବିବାହ କରିଥିଲେ। ତେବେ ତାଙ୍କ ପତ୍ନୀ ଗୁଡ଼ିଆ କାଟେଣି ଅଂଚଳରେ ଏକ କ୍ରସରରେ ଶ୍ରମିକ ଭାବେ କାମ କରନ୍ତି । ଉଭୟଙ୍କ ମଧ୍ୟରେ ପାରିବାରିକ କଳହରୁ ତାଙ୍କ ପତ୍ନୀ ଆଉ ଘରକୁ ଯାଉ ନ ଥିଲେ। ଫଳରେ ଆଜି ରିଙ୍କୁ ଉକ୍ତ କ୍ରସରକୁ ଯାଇ ତାଙ୍କ ପତ୍ନୀକୁ ଘରକୁ ଯିବାକୁ ଡାକିଥିଲେ । ମାତ୍ର ସେ ମନା କରିବାରୁ ରିଙ୍କୁ ଏପରି କାଣ୍ଡ ଘଟାଇଥିବା ପ୍ରକାଶ କରିଛନ୍ତି।

# ସାମାନ୍ୟ କଥାକୁ ନେଇ ଆକ୍ରମଣ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର(ନି.ପ୍ର): ଶ୍ରୀ ଲିଙ୍ଗରାଜ ଥାନାରେ ରାସ୍ତା ଉପରେ ଗାଡ଼ି ପୂରାଇବାକୁ କେନ୍ଦ୍ର କରି ଗାଳିଗୁଲଜ ଓ ଆକ୍ରମଣ କରିବା ଘଟଣାରେ ପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ତାରାପଦ ମହାନ୍ତି ଓରଫ ଲିପୁନ। ପୁଲିସ ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି। ପୁଲିସ ତଦନ୍ତରୁ ଜଣାପଡ଼ିଛି ଯେ, ଗତ ୨୪.୦୬.୨୦୨୬ ତାରିଖ ରାତି ପ୍ରାୟ ୮.୩୦ ମିନିଟରେ ଅଭିଯୋଗକାରୀ ନିଜ ଗାଡ଼ିରେ ଯାଉଥିବା ବେଳେ ସାମନ୍ତରାପୁର ଛକ ନିକଟରେ ଅଭିଯୁକ୍ତ ତାରାପଦ ମହାନ୍ତି ଓରଫ ଲିପୁନ୍ ଏକ ମହିନ୍ଦ୍ରା ଥାର୍ ଗାଡ଼ି ଆଣି ତାଙ୍କ ଆଗରେ ପୂରାଇ ଦେଇଥିଲା। ଅଭିଯୋଗକାରୀ ଏହାର ପ୍ରତିବାଦ କରି 'ଟିକେ ଅପେକ୍ଷା କରିଥିଲେ ସମସ୍ତେ ଆରାମରେ ଯାଇପାରିଥାନ୍ତେ' ବୋଲି କହିବାରୁ ଅଭିଯୁକ୍ତ ଲିପୁନ୍ ଉତକ୍ଷିପ୍ତ ହୋଇଯାଇଥିଲା। 'ମୁଁ ଏଠାକାର ଲୋକାଲ୍ ଟୋକା, ତୁ ମୋର କ'ଣ କରିବୁ' କହି ସେ ନିଜ ସହଯୋଗୀମାନଙ୍କୁ ଡାକି ଅଭିଯୋଗକାରୀଙ୍କୁ ରାସ୍ତା ଉପରେ ଆକ୍ରମଣ କରିବା ସହ ଜୀବନରୁ ମାରିଦେବାର ଧମକ ଦେଇଥିଲା। ସ୍ଥାନୀୟ ଲୋକେ ଏବଂ ପିସିଆର ଭ୍ୟାନ୍ ସେଠାରେ ପହଞ୍ଚିବାରୁ ଅଭିଯୁକ୍ତମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଅଭିଯୋଗକାରୀ ଏହି ସମଗ୍ର ଘଟଣାର ଭିଡିଓ ରେକର୍ଡିଂ କରି ପୋଲିସକୁ ପ୍ରଦାନ କରିଥିଲେ। ଶ୍ରୀ ଲିଙ୍ଗରାଜ ପୋଲିସ ଏହି ଘଟଣାର ତଦନ୍ତ ଜାରି ରଖି ଆଜି ତା ୧୮.୦୯.୨୦୨୬ ସକାଳେ ସାମନ୍ତରାପୁର ଛକ ନିକଟରେ ଚଢ଼ାଉ କରି ମୁଖ୍ୟ ଅଭିଯୁକ୍ତ ତାରାପଦ ମହାନ୍ତିକୁ କାବୁ କରିଛି। ସଂଗୃହୀତ ପ୍ରମାଣ ଏବଂ ଭିଡିଓ ଫୁଟେଜ୍ ଆଧାରରେ ତାକୁ ଆଜି ପୂର୍ବାହ୍ନରେ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି।

# ଖୁଣ୍ଟୁଣୀ ଡାଲୁଆ ସଂରକ୍ଷିତ ଜଙ୍ଗଲରେ ପୁଲିସର ଚଢ଼ାଉ, ମାଟି ତଳୁ ବାହାରିଲା ଦେଶୀ ମଦ

କଟକ(ନିପ୍ର): ମାଟି ତଳୁ ବାହାରିଲା ଦେଶୀ ମଦ ଓ ପୋଚ । କଟକ ଜିଲ୍ଲା ଖୁଣ୍ଟୁଣୀ ଡାଲୁଆ ସଂରକ୍ଷିତ ଜଙ୍ଗଲରେ ବେଆଇନ ଦେଶୀ ମଦ ପ୍ରସ୍ତୁତି ଚାଲିଥିବା ନେଇ ଖବର ପାଇ ଚଢ଼ାଉ କରିଛି ଖୁଣ୍ଟୁଣୀ ପୋଲିସ । ଚଢ଼ାଉ ବେଳେ ଜଙ୍ଗଲ ଭିତରେ ମାଟି ତଳେ ଲୁଚାଇ ରଖାଯାଇଥିବା ବିପୁଳ ପରିମାଣର ପୋଚ ଓ ଦେଶୀ ମଦ ଠାବ କରାଯାଇଥିଲା । ପ୍ରାୟ ୪ ହଜାର ଲିଟର ପୋଚ ନଷ୍ଟ କରାଯାଇଥିବା ବେଳେ ପ୍ରାୟ ୧୫୦ ଲିଟର ଦେଶୀ ମଦ ଜବତ କରିଛି ପୋଲିସ । ଏଥିସହ ମଦ ପ୍ରସ୍ତୁତିରେ ବ୍ୟବହୃତ ବିଭିନ୍ନ ସାମଗ୍ରୀ ଓ ଉପକରଣକୁ ମଧ୍ୟ ପୋଲିସ ଜବତ କରିଛି । ଜଙ୍ଗଲ ଭିତରେ କେତେ ଦିନ ଧରି ଏହି ବେଆଇନ ଦେଶୀ ମଦ କାରବାର ଚାଲିଥିଲା ସେନେଇ ତଦନ୍ତ ଆରମ୍ଭ ହୋଇଛି । ଏହି ବେଆଇନ କାରବାର ପଛରେ କାହାର ହାତ ରହିଛି ଏବଂ ଏଥିରେ କାହାର କାହାର ସମ୍ପୃକ୍ତି ରହିଛି, ତାହା ଜାଣିବାକୁ ପୁଲିସ ଛାନଭିନ୍ ଜାରି ରଖିଛି । ମଦ ମାଫିଆଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ ମଧ୍ୟ ଜାରି ରହିଛି ।

# ସଫେଇ ନାଳରୁ ବୃଦ୍ଧାଙ୍କ ଶବ ଉଦ୍ଧାର

ପିପିଲି(ନିପ୍ର): ଶୁକ୍ରବାର ପୂର୍ବାହ୍ନରେ ବଳଙ୍ଗା-ଖେଲାର ରାସ୍ତାର କାଶିପୁରଠାରେ ସଫେଇ ନାଳରୁ ଜଣେ ମାନସିକ ଅନଗ୍ରସର ବୃଦ୍ଧାଙ୍କ ଶବକୁ ବଳଙ୍ଗା ପୋଲିସ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ସେ ହେଲେ କାଶୀପୁର ଗ୍ରାମର ସ୍ୱର୍ଗତ କୈଳାଶ ତ୍ରିପାଠୀଙ୍କ ପତ୍ନୀ ମଞ୍ଜୁଲତା ତ୍ରିପାଠୀ (୭୪) ବୋଲି ଜଣାପଡିଛି। ସୂଚନା ମୁତାବକ ମଞ୍ଜୁଲତା ଗତ କିଛି ବର୍ଷ ତଳେ ନିଜର ମାନସିକ ଭାରସାମ୍ୟ ହରାଇ ବସିଥିଲେ। ଯାହା ଫଳରେ ସେ ଅନେକ ସମୟରେ ଘରୁ ଚାଲି ଆସି ବାହାରେ ବୁଲା ବୁଲି କରିଥାନ୍ତି। ଗତକାଲି ରାତିରେ ପରିବାର ସଦସ୍ୟ ଶୋଇପଡ଼ିବା ପରେ ମଞ୍ଜୁଲତା ଘରୁ ବାହାରକୁ ପଳାଇ ଆସି ନାଳରେ ପଡି ଯାଇଥିଲେ ।

# ସ୍କୁଲ ଗାଡ଼ି ଦୁର୍ଘଟଣାଗ୍ରସ୍ତ: ୫ ଛାତ୍ରଛାତ୍ରୀ ଆହତ



ସାଲେପୁର(ନିପ୍ର): ଶୁକ୍ରବାର ଅପରାହ୍ନ ପ୍ରାୟ ୪ଟା ସମୟରେ ସ୍କୁଲ ପିଲାଙ୍କୁ ନେଇ ଯାଉଥିବା ଏକ ଟାଟା ମ୍ୟାଜିକ୍ ଭାରସାମ୍ୟ ହରାଇ ରାସ୍ତାକଡ଼କୁ ଓଲଟି ଯିବାରୁ ୫ଜଣ ସ୍କୁଲ ଛାତ୍ରଛାତ୍ରୀ ଆହତ ହୋଇ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସିତ ହୋଇ ଘରକୁ ଫେରିଥିବା ଜଣାଯାଇଛି। ଖବରରୁ ପ୍ରକାଶ ଯେ ଶୁକ୍ରବାର ଅପରାହ୍ଣ ପ୍ରାୟ ୪ଟା ସମୟରେ ସାଲେପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରଛାତ୍ରୀଙ୍କୁ ସ୍କୁଲ ଛୁଟି ପରେ ଏକ ଟାଟା ମ୍ୟାଜିକ୍ ନଂ-ଓ.ଡି.୦୫ଏ୭୧୩୩ ଗାଡ଼ିଟି ଛାତ୍ରଛାତ୍ରୀମାନଙ୍କୁ ନେଉଥିବାବେଳେ କୋଲଣପୁର ଗ୍ରାମ ନିକଟରେ ଭାରସାମ୍ୟ ହରାଇ ରାସ୍ତାକଡ଼ରେ ଥିବା ଧାନକ୍ଷେତକୁ ଓଲଟି ଯିବାରୁ ଗାଡ଼ିରେ ଥିବା ପ୍ରାୟ ୫ଜଣ ଛାତ୍ରଛାତ୍ରୀ ଆହତ ହୋଇଥିଲେ। ତାଙ୍କୁ ସଂଗେ ସଂଗେ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ପଠାଯାଇ ଥିବାବେଳେ ଛାତ୍ରଛାତ୍ରୀମାନେ ସାମାନ୍ୟ ଆହତ ହୋଇଥିବାରୁ ତାଙ୍କୁ ପ୍ରାଥମିକ ଚିକିତ୍ସା ପରେ ଘରକୁ ଛାଡି ଦିଆଯାଇଥିବା ଜଣାଯାଇଛି। ଗାଡ଼ିଟି ପ୍ରଥମେ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱରେ ଥିବା ବିଦ୍ୟୁତ୍ ଖୁଣ୍ଟରେ ପିଟି ହୋଇ ଧାନ ବିଲ ମଧ୍ୟକୁ ଖସିଯାଇଥିଲା।

# ବଜ୍ରପାତରେ ଜଣେ ମୃତ, ୨ ଗୁରୁତର

ହିଞ୍ଜିଳିକାଟୁ(ନିପ୍ର): ହିଞ୍ଜିଳି ଥାନା ଶ୍ୟାମଳାଇ ଛକ ଓ କବିସୂର୍ଯ୍ୟନଗର ମହାଛାଇ ଗ୍ରାମରେ ଶୁକ୍ରବାର ଅପରାହ୍ନରେ ବଜ୍ରପାତ ଘଟି ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୨ ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକ ଜଣଙ୍କ ହେଲେ କବିସୂର୍ଯ୍ୟନଗର ଥାନା ମହାଛାଇ ଗ୍ରାମର ନିତ୍ୟାନନ୍ଦ ଗୌଡ (୬୨) ଓ ଗୁରୁତର ଆହତମାନେ ହେଲେ ଶେରଗଡ଼ ଥାନା ଷୋଳଶଳା ଗ୍ରାମର କାଳୁ ଚରଣ ପାତ୍ର (୩୦) ଓ ସତ୍ୟ ନାରାୟଣ ସାହୁ (୨୭) । ପ୍ରକାଶ ଯେ, ଶୁକ୍ରବାର ଦିନ ତମାମ ଗ୍ରୀଷ୍ମର ପ୍ରକୋପ ଜାରି ରହିଥିଲା। ଅପରାହ୍ନରେ ବର୍ଷା, ପବନ ସାଙ୍ଗକୁ ଆକାଶରେ ବିଜୁଳି ଚମକିବା ସହ ବଜ୍ରପାତ ହୋଇଥିଲା। ମହାଛାଇ ଗ୍ରାମର ନିତ୍ୟାନନ୍ଦ ମଇଁଷିମାନଙ୍କ ସକାଶେ ଖଳାରୁ ପାଳ ସଂଗ୍ରହ କରୁଥିବା ବେଳେ ବଜ୍ରପାତ ଘଟିବାରୁ ନିତ୍ୟାନନ୍ଦ ସେଠାରେ ହିଁ ଟଳି ପଡିଥିଲେ। ନିକଟରେ ଥିବା କିଛି ଲୋକେ ନିତ୍ୟାନନ୍ଦଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ୧୦୮ ଆମ୍ବୁଲାନ୍ସ ଯୋଗେ ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ଶୁକ୍ରବାର ଅପରାହ୍ନରେ ଶେରଗଡ ଥାନା ଷୋଳଶଳା ଗ୍ରାମର କାଳୁ ଓ ସତ୍ୟ ହିଞ୍ଜିଳି ଥାନା ଶ୍ୟାମଳାଇ ଛକରେ ଏକ ଦୋକାନ ସମ୍ମୁଖରେ ରହିଥିବା ବେଳେ ବଜ୍ରପାତ ଘଟିବାରୁ ଦୁହେଁ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଉଭୟ ଆହତଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ୧୦୮ ଆମ୍ବୁଲାନ୍ସ ଯୋଗେ ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ।

# ଯୁବତୀଙ୍କୁ ଦୁଷ୍କର୍ମ ଉଦ୍ୟମ: ସରପଞ୍ଚଙ୍କ ସ୍ୱାମୀ ଗିରଫ

କଟକ(ନିପ୍ର): ଜଣେ ୧୮ ବର୍ଷିୟା କଲେଜ ଛାତ୍ରୀଙ୍କୁ ଦୁଷ୍କର୍ମ ଉଦ୍ୟମ ଘଟଣାରେ କଟକ କମିଶନରେଟର କନ୍ଦରପୁର ଥାନା ପୋଲିସ ମହିଳା ସରପଞ୍ଚଙ୍କ ସ୍ୱାମୀଙ୍କୁ ଗିରଫକରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଗଡିରାଉଟପଟଣାର ନିରଞ୍ଜନ ପ୍ରଧାନ । ମିଳିଥିବା ସୂଚନା ଅନୁଯାୟୀ ଗତକାଲି ବିଶ୍ୱକର୍ମାଙ୍କ ପୂଜା ଅବସରରେ ସ୍ଥାନୀୟ ସରପଞ୍ଚଙ୍କ ଘରେ ପୂଜା ଚାଲିଥିଲା। ମହିଳା ସରପଞ୍ଚ ତାଙ୍କ ସମ୍ପର୍କୀୟ ଝିଆରୀ ସେହି ଗ୍ରାମର ଜଣେ କଲେଜ ଛାତ୍ରୀଙ୍କୁ ତାଙ୍କ ଘରକୁ ଭୋଗ ଖାଇବାକୁ ଡକାଇଥିଲେ। ତେଣୁ ସେ ସରପଞ୍ଚଙ୍କ ଘରକୁ ଯାଇଥିଲେ। ଏହି ସମୟରେ ସରପଞ୍ଚ ଉପର ମହଲାରେ ଥିବାବେଳେ ତାଙ୍କ ସ୍ୱାମୀ ତଳ ମହଲାରେ ଛାତ୍ରୀ ଜଣକୁ ଭୋଗ ଖାଇବା ପାଇଁ ଘର ଭିତରକୁ ଡାକିଥିଲେ। ସେଠାରେ ଛାତ୍ରୀଙ୍କୁ ଅସଦାଚରଣ କରିବା ସହିତ ଦୁଷ୍କର୍ମ ଉଦ୍ୟମ କରିଥିଲେ। ଛାତ୍ରୀ ଜଣକ ସେଠାରୁ କୌଶଳକ୍ରମେ ଖସିଯାଇ ଏହି ଘଟଣା ସମ୍ପର୍କରେ ନିଜ ଘରେ କହିଥିଲେ। ଏହାପରେ ପରିବାର ଲୋକେ କନ୍ଦରପୁର ଥାନାରେ ଏତଲା ଦେଇଥିଲେ। ଏତଲା ରଖି ଘଟଣାର ତଦନ୍ତ ଆରମ୍ଭ କରିଥିଲା ପୁଲିସ। ସରପଞ୍ଚଙ୍କ ସ୍ୱାମୀଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରିଥିଲା । ସମ୍ପୃକ୍ତ ଛାତ୍ରୀଙ୍କ ଡାକ୍ତରୀ ମାଇନା କରାଯିବା ସହ ବୟାନ ରେକର୍ଡ କରାଯାଇଛି । ପୋଲିସ ଅଭିଯୁକ୍ତକୁ ଗିରଫକରି କୋର୍ଟ ଚାଲାଣ କରିଛି । ସରପଞ୍ଚଙ୍କ ସ୍ୱାମୀଙ୍କ ନାମରେ ଆଗରୁ ବହୁ ସଙ୍ଗୀନ ଅପରାଧିକ ମାମଲା ରହିଥିବା ଜଣାପଡିଛି । ପୂର୍ବରୁ ପଞ୍ଚାୟତର ଉନ୍ନତି ମୂଳକ କାର୍ଯ୍ୟ ନ କରି ଲକ୍ଷାଧିକ ଟଙ୍କା ଲୁଟ କରିବା ଘଟଣାରେ ତାଙ୍କ ଘରେ ଭିଜିଲାନ୍ସ ଚଢ଼ାଉ ହୋଇଥିଲା । ତାଙ୍କ ବିରୋଧରେ ଫୌଜଦାରୀ ମକଦ୍ଦମା ମଧ୍ୟ ରହିଥିବା ଜଣାପଡ଼ିଛି।

# ଆଇନଜୀବୀ ତପନ କୁମାର ବାରିକଙ୍କୁ କାରଣ ଦର୍ଶାଅ ନୋଟିସ

## ଅନ୍ୟାଦେଶ ପର୍ଯ୍ୟନ୍ତ ପୁରୀ କୋର୍ଟ ପରିସରକୁ ପ୍ରବେଶ ନିଷେଧ

କଟକ(ନିପ୍ର): ପୁରୀ ବାର ଆସୋସିଏସନ ସଭାପତିଙ୍କୁ ଆସୋସିଏସନର ଯୁଗ୍ମ ସମ୍ପାଦକ ତପନ କୁମାର ବାରିକ ମରଣାନ୍ତକ ଆକ୍ରମଣ ପାଇଁ ଧମକ ଦେବା ଓ ବାର ଆସୋସିଏସନରେ ଗୁଣ୍ଡାଗିରି କରିବା ସଂପର୍କରେ ରାଜ୍ୟ ଆଇନଜୀବୀ ପରିଷଦରେ ଅଭିଯୋଗ ହେବା ପରେ ସେହି ଅଭିଯୋଗ ଆଧାରରେ ଶ୍ରୀ ବାରିକଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି । ୧୫ ଦିନ ମଧ୍ୟରେ ଜବାବ ଦାଖଲ ପାଇଁ ତାଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟ ଆଇନଜୀବୀ ପରିଷଦର ଅନ୍ୟାଦେଶ ପର୍ଯ୍ୟନ୍ତ ଶ୍ରୀ ବାରିକଙ୍କୁ ପୁରୀ କୋର୍ଟ ପରିସର ଓ ପୁରୀ ବାର ଆସୋସିଏସନ ପରିସରରେ ପ୍ରବେଶ ଉପରେ ନିଷେଧାଦେଶ ଜାରି କରାଯାଇଛି। ଶ୍ରୀ ବାରିକଙ୍କ ବିରୁଦ୍ଧରେ ଉକ୍ତ ବାର ଆସୋସିଏସନର ସଭାପତି ଓ ସମ୍ପାଦକଙ୍କ ଦ୍ୱାରା ପ୍ରେରିତ ଅଭିଯୋଗ ପତ୍ର, କଲ୍ ରେକର୍ଡ ଏବଂ ତତ୍ସହିତ ବାର ଆସୋସିଏସନ ଦ୍ୱାରା ତତ୍ ସଂପର୍କିତ ଜରୁରୀକାଳୀନ ବୈଠକର ପ୍ରସ୍ତାବନା ସମୂହ ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦର ହସ୍ତଗତ ହୋଇଛି। ଏଥିରୁ ଏହା ସ୍ପଷ୍ଟ ଯେ ଶ୍ରୀ ବାରିକ ବିଭିନ୍ନ ସମୟରେ ବାର ଆସୋସିଏସନର ଆଇନଜୀବୀମାନଙ୍କୁ ଅଶାଳୀନ, ଅଭଦ୍ରୋଚିତ ଓ ଅଶୋଭନୀୟ ବ୍ୟବହାର ପ୍ରଦର୍ଶନ କରିବା ସହିତ ଅଶାଳୀନ ଭାଷା ପ୍ରୟୋଗ କରିବାରେ ସମ୍ପୃକ୍ତ ରହିଛନ୍ତି। ତତ୍ ସଂପର୍କିତ ଅନେକ ଅଭିଯୋଗ ପତ୍ର ବିଭିନ୍ନ ସମୟରେ ବାର ଆସୋସିଏସନ ନିକଟରେ ଅଣାଯାଇଥିଲା। ଏହିଭଳି ଏକ ଘଟଣା କ୍ରମରେ ଉକ୍ତ ବାର୍ ଆସୋସିଏସନର ସଦସ୍ୟ ଆଇନଜୀବୀ ନମିତା ସାମଲଙ୍କ ଦ୍ୱାରା ଅଣାଯାଇଥିବା ଅଭିଯୋଗ ପତ୍ରକୁ ଗ୍ରହଣ କରି ବାର ଆସୋସିଏସନର ସାଧାରଣ ବୈଠକ ଦ୍ୱାରା ବିଧିବଦ୍ଧ ତଦନ୍ତ ନିମନ୍ତେ ଶୃଙ୍ଖଳା କମିଟିକୁ ପଠାଇ ଦିଆଯାଇଥିଲା। ଗତ ୮ ତାରିଖରେ ଅନୁଷ୍ଠିତ ସାଧାରଣ ବୈଠକ ଶୃଙ୍ଖଳା କମିଟି ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ଗ୍ରହଣ ପୂର୍ବକ ସର୍ବସମ୍ମତି ନିଷ୍ପତ୍ତି କ୍ରମେ ସଂପୃକ୍ତ ଆଇନଜୀବୀଙ୍କୁ ତାଙ୍କର ଆଇନ ଗତ ପେଶା ସଂକ୍ରାନ୍ତିୟ ନିର୍ଦ୍ଦେଶିତ ଶୃଙ୍ଖଳିତ ଆଚରଣର ବିରୁଦ୍ଧାଚରଣ କରୁଥିବାରୁ ତାହାଙ୍କୁ ବାର ଆସୋସିଏସନର ସଦସ୍ୟ ପଦରୁ ନିଲମ୍ବନ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ସଂପୃକ୍ତ ଆଇନଜୀବୀ ବାର ଆସୋସିଏସନ ଦ୍ୱାରା ନିଆଯାଇଥିବା ନିଲମ୍ବନ ନିଷ୍ପତ୍ତି ଦ୍ୱାରା ଉତକ୍ଷିପ୍ତ ହୋଇ ବାର ଆସୋସିଏସନର ସଭାପତିଙ୍କୁ ଫୋନ୍ ମାଧ୍ୟମରେ ଅଶ୍ରାବ୍ୟ ଭାଷା ପ୍ରୟୋଗ କରିବା ସହିତ ଜୀବନରୁ ମାରିଦେବା ପାଇଁ ଧମକ ଦେଇଥିଲେ। ବାର୍ ଆସୋସିଏସନ ସମ୍ମୁଖରେ କିଛି ଅସାମାଜିକ ବ୍ୟକ୍ତିଙ୍କ ସହିତ ସଭାପତି ଓ ଅନ୍ୟାନ୍ୟ ଆଇନଜୀବୀ ଏପରିକି ମହିଳା ଆଇନଜୀବୀଙ୍କୁ ମଧ୍ୟ ଜୀବନରୁ ମାରିଦେବା ପାଇଁ ଧମକ ଦେଇଥିଲେ। ସଂପୃକ୍ତ ଅଭିଯୋଗ ପତ୍ର ତଥା ପୁରୀ ବାର ଆସୋସିଏସନର ଜରୁରୀକାଳୀନ ବୈଠକର ପ୍ରସ୍ତାବନାକୁ ଗ୍ରହଣ କରି ଅଧ୍ୟକ୍ଷ ସୀତାଂଶୁ ମୋହନ ଦ୍ୱିବେଦୀଙ୍କ ନିର୍ଦ୍ଦେଶ କ୍ରମେ ସଂପୃକ୍ତ ଆଇନଜୀବୀଙ୍କ ବିରୋଧରେ କାହିଁକି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବ ସେଥିପାଇଁ ୧୫ ଦିନିଆ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଅଛି।

# ଶାଶୁଙ୍କୁ ଆକ୍ରମଣ କରି ବୋହୂ ଗିରଫ

ହିଞ୍ଜିଳିକାଟୁ(ନିପ୍ର): ପାରିବାରିକ କଳହକୁ କେନ୍ଦ୍ର କରି ଘରର ବୋହୂ ଏକ ଛୁରୀରେ ଶାଶୁଙ୍କୁ ଆକ୍ରମଣ କରିଥିଲେ। ଆକ୍ରମଣରେ ଶାଶୁ ଗୁରୁତର ଆହତ ହୋଇଛନ୍ତି। ଗୁରୁତର ଆହତ ମହିଳା ଜଣଙ୍କ ହେଲେ ହିଞ୍ଜିଳି ଥାନା ତଥା ହିଞ୍ଜିଳିକାଟୁ ପୌରାଞ୍ଚଳ କରୁଣାକର ମାର୍ଗ ଅଞ୍ଚଳର ଜୟନ୍ତୀ ସାହୁ (୫୫) । ଘଟଣା ନେଇ ଆହତ ମହିଳାଙ୍କ ପୁଅ ତଥା ଆକ୍ରମଣକାରୀ ମହିଳାଙ୍କ ସ୍ୱାମୀ ହିଞ୍ଜିଳି ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଭିତ୍ତିରେ ହିଞ୍ଜିଳି ଥାନାରେ କେସ ନମ୍ବର ୬୬୪/୨୬ରେ ଏକ ମାମଲା ରୁଜୁକରି ଆକ୍ରମଣକାରୀ ବୋହୂଙ୍କୁ ଶୁକ୍ରବାର ଗିରଫ କରିଛି। ଗିରଫ ମହିଳା ଜଣଙ୍କ ହେଲେ ହିଞ୍ଜିଳି କରୁଣାକର ମାର୍ଗ ଅଞ୍ଚଳର ଭାରତୀ ସାହୁ (୨୫) । ଗିରଫ ମହିଳାଙ୍କ ଠାରୁ ଆକ୍ରମଣରେ ବ୍ୟବହୃତ ଛୁରୀକୁ ଜବତ କରାଯାଇଛି। ଗିରଫ ମହିଳାଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଥିବା ଥାନା ଆଇଆଇସି ଶ୍ରୀନିବାସ ସେଠି କହିଛନ୍ତି। ପୁଲିସ ସୂଚନା ପ୍ରକାରେ, ବୁଧବାର ରାତିରେ ହିଞ୍ଜିଳି କରୁଣାକର ମାର୍ଗ ଅଞ୍ଚଳର କୌଣସି କଥାକୁ କେନ୍ଦ୍ରକରି ଏକ ପରିବାରର ଶାଶୁ ଓ ବୋହୂଙ୍କ ମଧ୍ୟରେ କଳହ ହୋଇଥିଲା। ଏଥିରେ ଉତ୍ୟକ୍ତ ହୋଇ ବୋହୂ ଭାରତୀ ଏକ ଛୁରୀରେ ଶାଶୁ ଜୟନ୍ତୀଙ୍କ ହାତ, ଗାଲ, ବେକ ଓ ଛାତିକୁ କାଟି ଦେଇଥିଲେ। ଆହତ ମହିଳାଙ୍କ ଚିତ୍କାର ଶୁଣି ପରିବାର ଲୋକେ ଘଟଣା ସ୍ଥଳରେ ପହଞ୍ଚି ଆହତ ମହିଳାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ବଡ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା। ବର୍ତ୍ତମାନ ସୁଦ୍ଧା ଗୁରୁତର ଆହତ ମହିଳା ଜଣଙ୍କ ବ୍ରହ୍ମପୁର ବଡ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଘଟଣା ନେଇ ଗୁରୁବାର ରାତିରେ ଆହତଙ୍କୁ ମହିଳାଙ୍କ ପୁଅ ତଥା ଆକ୍ରମଣକାରୀ ମହିଳାଙ୍କ ସ୍ୱାମୀ ହିଞ୍ଜିଳି ଥାନାରେ ଅଭିଯୋଗ କରିଥିଲେ।

# ଆଇଫୋନ୍ ୧୮ ପ୍ରୋ ପାଇଁ ଭୋର ୫ଟାରୁ ଲମ୍ବା ଧାଡ଼ି




ନୂଆଦିଲ୍ଲୀ, ୧୮/୯: ଭାରତରେ ଆପଲ୍‌ର ନୂଆ ଆଇଫୋନ୍ ୧୮ ପ୍ରୋ ଓ ଆଇଫୋନ୍ ୧୮ ପ୍ରୋ ମ୍ୟାକ୍ସ ବିକ୍ରି ଆରମ୍ଭ ହୋଇଛି। ନୂଆ ଆଇଫୋନ୍ କିଣିବା ପାଇଁ ଦିଲ୍ଲୀ, ନୋଏଡା, ବେଙ୍ଗାଲୁରୁ ଓ ମହାରାଷ୍ଟ୍ରର ଆପଲ୍ ଷ୍ଟୋରଗୁଡ଼ିକ ଆଗରେ ଗ୍ରାହକଙ୍କ ଲମ୍ବା ଲାଇନ୍ ଦେଖିବାକୁ ମିଳିଛି। କେତେକ ଗ୍ରାହକ ଭୋର ୫ଟାରୁ ଷ୍ଟୋର ଆଗରେ ପହଞ୍ଚି ଲାଇନ୍‌ରେ ଠିଆ ହୋଇଥିଲେ। ବେଙ୍ଗାଲୁରୁର ରାହୁଲ ନାମକ ଜଣେ ଗ୍ରାହକ କହିଛନ୍ତି, ସେ ଭୋର ୫ଟାରୁ ଲାଇନ୍‌ରେ ଥିଲେ। ତାଙ୍କ ପାଇଁ ପ୍ରତିବର୍ଷ ଆଇଫୋନ୍ ଶୁଭାରମ୍ଭ ଏକ ପର୍ବ ଭଳି। ନୋଏଡାରେ ମଧ୍ୟ ଆଇଫୋନ୍ ପାଇଁ ବହୁ ଗ୍ରାହକ ଲାଇନ୍‌ରେ ରହିଥିଲେ। ପଞ୍ଜାବରୁ ଆସିଥିବା ଜଣେ ଗ୍ରାହକ ସକାଳ ୬ଟାରୁ ଲାଇନ୍‌ରେ ରହି ଦୁଇଟି ଆଇଫୋନ୍ ୧୮ ପ୍ରୋ ମ୍ୟାକ୍ସ କିଣିଥିବା କହିଛନ୍ତି। ମହାରାଷ୍ଟ୍ରରେ ଜଣେ ଗ୍ରାହକ ପ୍ରାୟ ୧୦ରୁ ୧୨ ଘଣ୍ଟା ଅପେକ୍ଷା କରି ଷ୍ଟୋରର ପ୍ରଥମ ଫୋନ୍ ପାଇଥିବା କହିଛନ୍ତି। ଭାରତରେ ଆଇଫୋନ୍ ୧୮ ପ୍ରୋର ୨୫୬ ଜିବି ମଡେଲ୍ ଦାମ ୧,୬୪,୯୦୦ ଟଙ୍କାରୁ ଆରମ୍ଭ ହୋଇଛି। ଆଇଫୋନ୍ ୧୮ ପ୍ରୋ ମ୍ୟାକ୍ସର ୨୫୬ ଜିବି ମଡେଲ୍‌ର ଦାମ ୧,୭୯,୯୦୦ ଟଙ୍କା ଓ ଟପ୍ ମଡେଲ୍‌ର ଦାମ ୩,୨୯,୯୦୦ ଟଙ୍କା ପର୍ଯ୍ୟନ୍ତ ରହିଛି। ନୂଆ ଆଇଫୋନ୍ ୧୮ ପ୍ରୋ ସିରିଜ୍‌ରେ ଏ୨୦ ଚକ୍ସ୍ ଚିପ୍ ରହିଛି। ଏଥିରେ ୪୮ ମେଗାପିକ୍ସେଲ୍ ଫ୍ୟୁଜନ୍ ମୁଖ୍ୟ କ୍ୟାମେରା ଓ ଭାରିଏବଲ୍ ଆପର୍ଚର୍ ଦିଆଯାଇଛି। ଫୋନ୍‌ଟି କଳା, ସିଲଭର, ଗ୍ଲେସିୟର ଓ ନୂଆ ବର୍ଗଣ୍ଡି ରଙ୍ଗରେ ମିଳୁଛି।

# ଜଙ୍ଗଲ ଜମି ପଟ୍ଟା ପାଇଁ ଆଦିବାସୀଙ୍କ ଗଣଧାରଣା

## ଅଭିଯୋଗ ପରେ ବି ମିଳିଲାନି ଅଧିକାର; ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଶତାଧିକ ଗ୍ରାମବାସୀ



ପାରଳାଖେମୁଣ୍ଡି, ୧୮/୯(ନିପ୍ର): ଆଦିବାସୀଙ୍କୁ ଜଙ୍ଗଲ ଜମିର ଅଧିକାର ପ୍ରଦାନ ପାଇଁ ସରକାରଙ୍କ ପ୍ରାବଧାନ ରହିଛି। ହେଲେ ଦୀର୍ଘଦିନ ଧରି ନିଜ ଅଧିକାରରୁ ବଞ୍ଚିତ ହୋଇଛନ୍ତି ଗଜପତି ଜିଲ୍ଲା ରାୟଗଡ ବ୍ଲକ ଲାଇଲାଇ ପଞ୍ଚାୟତର ସାନଲବା ଗ୍ରାମର ୮୫ ଆଦିବାସୀ ପରିବାର। ବିଭିନ୍ନ ସ୍ତରରେ ଅଭିଯୋଗ ଜଣାଇବା ସତ୍ତ୍ୱେ ଏଯାଏଁ ସେମାନଙ୍କୁ ଜଙ୍ଗଲ ଜମି ପଟ୍ଟା ମିଳିନଥିବା ଅଭିଯୋଗ ହୋଇଛି। ଜଙ୍ଗଲ ଜମିରେ ପିଢ଼ି ପିଢ଼ି ଧରି ଚାଷବାସ କରି ଜୀବନଜୀବିକା ନିର୍ବାହ କରୁଥିବା ଗ୍ରାମବାସୀ ନିଜ ଅଧିକାରର ସ୍ୱୀକୃତି ପାଇଁ ବାରମ୍ବାର ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ସମ୍ପୃକ୍ତ ବିଭାଗ ସମେତ ବିଭିନ୍ନ ପ୍ରଶାସନିକ ସ୍ତରରେ ଅଭିଯୋଗ କରିଥିଲେ ମଧ୍ୟ ସମସ୍ୟାର ସମାଧାନ ହୋଇନଥିବା ସେମାନେ କହିଛନ୍ତି। ଶେଷରେ ବାଧ୍ୟ ହୋଇ ସାନଲବା ଗ୍ରାମରୁ ଶତାଧିକ ମହିଳା ଓ ପୁରୁଷ ଆଜି ପାରଳାଖେମୁଣ୍ଡି ଆସି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣାରେ ବସିଥିଲେ। ଜଙ୍ଗଲ ଜମି ପଟ୍ଟା ପ୍ରଦାନ କରିବା ସହ ସେମାନଙ୍କ ଦାବି ଉପରେ ତୁରନ୍ତ ପଦକ୍ଷେପ ନେବାକୁ ଦାବି କରିଥିଲେ। ଆଦିବାସୀଙ୍କ ଅଧିକାର ସୁରକ୍ଷା ଏବଂ ସେମାନଙ୍କୁ ସରକାରୀ ଯୋଜନାର ସୁଫଳ ଦେବା ନେଇ ସରକାର ବାରମ୍ବାର କହୁଥିବା ବେଳେ ସାନଲବାର ୮୫ ପରିବାର ଏଯାଏଁ ଜଙ୍ଗଲ ଜମି ପଟ୍ଟାରୁ ବଞ୍ଚିତ ରହିବାକୁ ନେଇ ଗ୍ରାମବାସୀ କ୍ଷୋଭ ପ୍ରକାଶ କରିଛନ୍ତି। ଆଦିବାସୀ ମୁଖ୍ୟମନ୍ତ୍ରୀଙ୍କ ସରକାର ଓ 'ଲୋକଙ୍କ ସରକାର' ବୋଲି କୁହାଯାଉଥିବା ସମୟରେ ନିଜ ଅଧିକାର ପାଇଁ ଗ୍ରାମରୁ ଜିଲ୍ଲା ସଦରମହକୁମା ଆସି ଧାରଣା ଦେବାକୁ ପଡୁଥିବା ନେଇ ସେମାନେ ପ୍ରଶ୍ନ ଉଠାଇଛନ୍ତି।

# ସ୍କ୍ରବ ଟାଇଫସ୍ ଆତଙ୍କ, ୮ ଶହ ୪୮ ରୋଗୀ ଚିହ୍ନଟ



ରାଉରକେଲା, ୧୮/୯: ସୁନ୍ଦରଗଡ଼ ଜିଲ୍ଲାରେ ଦିନକୁ ଦିନ ବଢ଼ିବାରେ ଲାଗିଛି ସ୍କ୍ରବ ଟାଇଫସ୍ ଆକ୍ରାନ୍ତଙ୍କ ସଂଖ୍ୟା । ୫ହଜାର ୫ ଶହ ୪୫ ଜଣଙ୍କ ରକ୍ତ ନମୁନା ପରୀକ୍ଷା କରାଯାଇଥିବା ବେଳେ ଜିଲ୍ଲାରେ ୮ଶହ ୪୮ ଜଣ ରୋଗୀ ଚିହ୍ନଟ ହୋଇଛନ୍ତି । ପ୍ରତ୍ୟେକ ଦିନ ରୋଗୀଙ୍କ ସଂଖ୍ୟା ବଢୁଛି । ଅଙ୍ଗନବାଡି ଆଶା କର୍ମୀ ଏବଂ ମେଡିକାଲ ଟିମ୍ ଲୋକଙ୍କୁ ସଚେତନ କରୁଛନ୍ତି । ଜଙ୍ଗଲ ଓ ବିଲକୁ ଗଲେ ଫୁଲ୍ ପୋଷାକ ପିନ୍ଧିବା ସହ ସତର୍କ ରହିବା ଏବଂ ଜ୍ୱର ହେଲେ ତୁରନ୍ତ ଡାକ୍ତରଖାନା ଆସିବା ପାଇଁ ପରାମର୍ଶ ଦିଆଯାଉଛି । ସ୍ୱାସ୍ଥ୍ୟ ବିଭାଗ ସ୍କ୍ରବ ଟାଇଫସ ସ୍ଥିତି ଉପରେ କଡ଼ା ନଜର ରଖିଛି । ସ୍କ୍ରବ୍ ଟାଇଫସ୍ ହେଉଛି 'ଓରିଏଣ୍ଟିଆ ସୁଟସୁଗାମୁସି' ନାମକ ବ୍ୟାକ୍ଟେରିଆ ଦ୍ୱାରା ହେଉଥିବା ଏକ ସଂକ୍ରମଣ, ଯାହା ଆକ୍ରାନ୍ତ ଚିଗର୍ସ ନାମକ କ୍ଷୁଦ୍ର କୀଟ ବା ଲାର୍ଭା କାମୁଡ଼ିବା ଦ୍ୱାରା ମଣିଷକୁ ବ୍ୟାପିଥାଏ ।

# ଦୁଇ ବର୍ଷରେ ଓଡିଶାର ଶିଳ୍ପାୟନର ନୂଆ ଧାରା ସୃଷ୍ଟି ହୋଇଛି: ମନ୍ତ୍ରୀ

**ଭୁବନେଶ୍ୱର, ୧୮/୯(ନିପ୍ର):** ଓଡିଶାର ଶିଳ୍ପ ବିକାଶ, ରାଜ୍ୟକୁ ବୈଦେଶିକ ପୁଞ୍ଜିନିବେଶ ଆକୃଷ୍ଟ କରିବା ତଥା ଯୁବବର୍ଗଙ୍କ ପାଇଁ ବ୍ୟାପକ ନିଯୁକ୍ତି ସୃଷ୍ଟି କରିବା ଲକ୍ଷ୍ୟ ନେଇ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଏକ ପ୍ରତିନିଧିମଣ୍ଡଳୀ 'ଓଡିଶା ଇନଭେସର୍ଟସ୍ ମିଟ୍ – ୟୁଏଇ ୨୦୨୬' ପାଇଁ ତିନିଦିନିଆ ୟୁଏଇ (ସଂଯୁକ୍ତ ଆରବ ଏମିରେଟ୍ସ) ଗସ୍ତରେ ଯାଇଥିଲେ । ଏହି ୟୁଏଇ ଗସ୍ତ ଓଡିଶା ପାଇଁ ଅଭୁତପୂର୍ବ ସଫଳତା ଆଣିଛି । ୟୁଏଇ ତଥା ବିଶ୍ୱର ୧୬୦ଜଣ ପ୍ରମୁଖ ନିବେଶକ, ଶିଳ୍ପ ନେତୃବୃନ୍ଦ ଏବଂ ପ୍ରତିଷ୍ଠିତ ବାଣିଜ୍ୟିକ ସଂସ୍ଥାଗୁଡିକ ସହ ପାଖାପାଖି ୫୨ଟି ବୈଠକରେ ଯୋଗ ଦେଇ ଏହି ନିବେଶକ ସମ୍ମିଳନୀରେ ମୋଟ ୨୪ଟି ପୁଞ୍ଜିନିବେଶ ପ୍ରସ୍ତାବ ରାଜ୍ୟକୁ ଆସିପାରିଛି । ଏହି ପ୍ରସ୍ତାବଗୁଡିକ ମାଧ୍ୟମରେ ରାଜ୍ୟକୁ ପ୍ରାୟ ୨ଲକ୍ଷ ୪୩ହଜାର ୧୬୨ କୋଟି ଟଙ୍କାର ପୁଞ୍ଜିନିବେଶ ଆସିବ ଏବଂ ଏହାଦ୍ୱାରା ୮ଲକ୍ଷ ୯୫ ହଜାରରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିବ । ଏହା ଆଲୁମିନିୟମ୍ ଏବଂ ଡାଉନଷ୍ଟ୍ରିମ୍ ଶିଳ୍ପ, କ୍ରିଟିକାଲ ମିନେରାଲ୍ସ, ଗ୍ରୀନ ଏନର୍ଜି, ଲଜିଷ୍ଟିକ, ଫୁଡ୍ ପ୍ରୋସେସିଂ, ଟେକ୍ସଟାଇଲ୍ସ କେମିକାଲ୍ସ ଏବଂ ଅନ୍ୟାନ୍ୟ ବିକଶିତ କ୍ଷେତ୍ରରେ ନୂତନ ସୁଯୋଗର ବାଟ ଫିଟାଇଛି। ୟୁଏଇ ଗସ୍ତ ଓଡିଶାର ଶିଳ୍ପ ଜଗତ ପାଇଁ ଏକ ଐତିହାସିକ ଏବଂ ଅତ୍ୟନ୍ତ ସଫଳ ଅଧ୍ୟାୟ ହୋଇ ରହିବ ବୋଲି ରାଜ୍ୟ ଶିଳ୍ପ ମନ୍ତ୍ରୀ ସଂପଦ ଚନ୍ଦ୍ର ସ୍ୱାଇଁ କହିଛନ୍ତି । ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ସ୍ୱାଇଁ କହିଛନ୍ତି ଯେ; ନିବେଶ ପ୍ରସ୍ତାବଗୁଡିକୁ ପ୍ରକଳ୍ପରେ ପରିଣତ କରିବା, ଶିଳ୍ପ ପ୍ରତିଷ୍ଠାକୁ ସହଜ କରିବା ଏବଂ ଯୁବପିଢିଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ହେଉଛି ଆମ ସରକାରଙ୍କ ମୂଳ ଲକ୍ଷ୍ୟ । ବର୍ତ୍ତମାନ ଓଡିଶାର ଶିଳ୍ପ ଅଗ୍ରଗତି ବେଶ୍ ଉଲ୍ଲେଖନୀୟ ହୋଇପାରିଛି । ଆମ ସରକାର ଦାୟିତ୍ୱ ଗ୍ରହଣ କରିବା ପରଠାରୁ ଆମେ ପାଖାପାଖି ୧୦ଲକ୍ଷ ହଜାର କୋଟି ଟଙ୍କାର ପୁଞ୍ଜିନିବେଶ ଏବଂ ୬ଲକ୍ଷ ୩୦ ହଜାରରୁ ଅଧିକ ନିଯୁକ୍ତି ସମ୍ଭାବନା ଥିବା ଶିଳ୍ପ ପ୍ରକଳ୍ପକୁ ଅନୁମୋଦନ କରାଯାଇଛି ।

# ଓସ୍କାରକୁ ଗଲା ମରାଠୀ ଫିଲ୍ମ 'ଗୋନ୍ଧଲ'




ନୂଆଦିଲ୍ଲୀ, ୧୮।୯: ୨୦୨୭ ଅସ୍କାର ପାଇଁ ମରାଠୀ ଫିଲ୍ମ 'ଗୋନ୍ଧଲ' ଭାରତ ପକ୍ଷରୁ ଉପସ୍ଥାପିତ ହୋଇଛି । ଏନେଇ ଫିଲ୍ମ ଫେଡେରେସନ ଅଫ୍ ଇଣ୍ଡିଆ ପକ୍ଷରୁ ଶୁକ୍ରବାର ଘୋଷଣା କରାଯାଇଛି । ବହୁଚର୍ଚ୍ଚିତ ହିନ୍ଦୀ ଫିଲ୍ମ ଧୁରନ୍ଧର ଓ ହନୁମାନ ଅଂଶକୁ ପଛର ପକାଇ 'ଗୋନ୍ଧଲ' ପାଇଛି ଏହି ସୁଯୋଗ। 'ଫିଲ୍ମ ଫେଡେରେସନ୍ ଅଫ୍ ଇଣ୍ଡିଆ' କହିଛି ଯେ ସନ୍ତୋଷ ଦାବଖରଙ୍କ ଦ୍ୱାରା ଲିଖିତ ଓ ନିର୍ଦ୍ଦେଶିତ ମରାଠୀ ଚଳଚ୍ଚିତ୍ର 'ଗୋନ୍ଧାଲ୍' ଅସ୍କାର ପାଇଁ ମନୋନୀତ ହୋଇଛି। ଏହି ଚଳଚ୍ଚିତ୍ରଟି ଅସ୍କାର୍ ୨୦୨୭ରେ 'ଅନ୍ତର୍ଜାତୀୟ ଫିଚର୍ ଫିଲ୍ମ' ବର୍ଗରେ ଭାରତର ପ୍ରତିନିଧିତ୍ୱ କରିବ । ଅସ୍କାରର 'ଅନ୍ତର୍ଜାତୀୟ ଫିଚର୍ ଫିଲ୍ମ' ବର୍ଗରେ ଭାରତର ପ୍ରତିନିଧିତ୍ୱ କରିବାକୁ ଚୟନ ପାଇଁ ୩୩ଟି ଫିଲ୍ମକୁ ଦାଖଲ କରାଯାଇଥିଲା। ତା' ମଧ୍ୟରେ ୧୪ଟି ହିନ୍ଦୀ ଫିଲ୍ମ ଥିବା ବେଳେ ୪ଟି ମରାଠୀ, ୪ଟି ତେଲୁଗୁ, ୪ଟି ଗୁଜରାଟୀ, ୩ଟି ତାମିଲ, ଗୋଟିଏ ମଲାୟଲମ ଓ ଗୋଟିଏ ନାଗାମେସୀ ଫିଲ୍ମ ଥିଲା। ଏହା ସହିତ ଗୋଟିଏ ନୀରବତା ଆଧାରିତ ଫିଲ୍ମ ଥିଲା।

# ଜୀବନ ବଞ୍ଚାଇବା ପାଇଁ ଧର୍ମକୁ ତ୍ୟାଗ କରନ୍ତୁ ନାହିଁ: ମୋହନ ଭାଗବତ



ଉଜ୍ଜୈନ, ୧୮/୯: ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ସରସଂଘଚାଳକ ଡକ୍ଟର ମୋହନ ଭାଗବତ କହିଛନ୍ତି ଯେ ଧର୍ମ ଏକ ଧର୍ମ ନୁହେଁ ବରଂ ଜୀବନର ଏକ ଶୃଙ୍ଖଳା। କୌଣସି ଇଚ୍ଛା, ଭୟ, ଲୋଭ କିମ୍ବା ଜୀବନ ବଞ୍ଚାଇବା ପାଇଁ ଧର୍ମ ତ୍ୟାଗ କରିବା ଉଚିତ ନୁହେଁ। ସୁଖ ଦୁଃଖ ଆସେ ଏବଂ ଯାଏ, କିନ୍ତୁ ଧର୍ମ ଚିରନ୍ତନ। ଭାଗବତ ଶୁକ୍ରବାର ଦିନ ମଧ୍ୟପ୍ରଦେଶର ଉଜ୍ଜୈନ ଗସ୍ତ ସମୟରେ ଦେୱାସ ରୋଡରେ ଥିବା ଗୀତା ଭବନରେ ଆୟୋଜିତ ତିନି ଦିନିଆ ଯୁବ ଧର୍ମ ସଂସଦର ଦ୍ୱିତୀୟ ଉଦଘାଟନୀ ଅଧିବେଶନକୁ ସମ୍ବୋଧିତ କରିଛନ୍ତି। ଏହାପୂର୍ବରୁ ସେ ପ୍ରଦୀପ ପ୍ରଜ୍ୱଳନ କରି ଏବଂ ବନ୍ଦେ ମାତରମ୍ ଗାନ କରି କାର୍ଯ୍ୟକ୍ରମର ଉଦଘାଟନ କରିଥିଲେ। ଏହି ସମୟରେ, ସରସଂଘଚାଳକ ଯୁବକମାନଙ୍କୁ ଧର୍ମର ପ୍ରକୃତ ଅର୍ଥ ବୁଝାଇଥିଲେ ଏବଂ ଜୀବନରେ ଏହାର ଗୁରୁତ୍ୱ ବିଷୟରେ ମାର୍ଗଦର୍ଶନ କରିଥିଲେ। ନିଜର ଅଭିଭାଷଣରେ ସେ ଧର୍ମ ଏବଂ ଧର୍ମ ମଧ୍ୟରେ ଥିବା ପାର୍ଥକ୍ୟକୁ ବୁଝାଇଥିଲେ ଏବଂ ସ୍ପଷ୍ଟ କରିଥିଲେ ଯେ ଧର୍ମର ଅର୍ଥ ଧର୍ମ ନୁହେଁ। ସେ କହିଥିଲେ ଯେ ଇଂରାଜୀ ଶବ୍ଦକୋଷରେ ଧର୍ମ ପାଇଁ କୌଣସି ସଠିକ୍ ଶବ୍ଦ ନାହିଁ। ଧର୍ମ ଶବ୍ଦଟି 'ରିଲିଜିଓ 'ରୁ ଆସିଛି, ଯାହାର ଅର୍ଥ ହେଉଛି ବାନ୍ଧି ରଖିବା, ଯେତେବେଳେ କି ଧର୍ମ ବାନ୍ଧି ରଖେ ନାହିଁ, ବରଂ ମୁକ୍ତ କରେ। ସେ କହିଥିଲେ ଯେ ପାଶ୍ଚାତ୍ୟ ସଂସ୍କୃତି ଏହାର ରୀତିନୀତିଗୁଡ଼ିକୁ ଉଚ୍ଛେଦ କରିବାକୁ ଚାହୁଁଛି, ତେଣୁ ଏହାର ନାମ ଧର୍ମ ରଖାଯାଇଛି। ସ୍ୱାମୀ ବିବେକାନନ୍ଦଙ୍କ ଚିନ୍ତାଧାରାକୁ ସ୍ମରଣ କରି ସେ କହିଥିଲେ ଯେ ଭାରତ ଏକ ଧାର୍ମିକ ଦେଶ। କୌଣସି ନୂଆ ଚିନ୍ତାଧାରା କିମ୍ବା କୌତୁହଳର ସମାଧାନ ପାଇବା ପାଇଁ ପ୍ରଥମେ ମନକୁ ସ୍ଥିର ଏବଂ ଶୂନ୍ୟ ରଖିବାକୁ ପଡ଼ିବ। ପୁରୁଣା କଥା ମନରୁ ନ ବାହାରିବା ପର୍ଯ୍ୟନ୍ତ କିଛି ନୂଆ ଶିଖିବା ସମ୍ଭବ ନୁହେଁ। ସରସଂଘଚାଳକ ଡକ୍ଟର ଭାଗବତ କହିଛନ୍ତି ଯେ ଧର୍ମ ବିଷୟରେ ଦ୍ୱନ୍ଦ୍ୱର ଏକ କାରଣ ହେଉଛି ନିଜର ଭାଷା ଏବଂ ଧର୍ମର ପ୍ରକୃତ ଅର୍ଥକୁ ଭୁଲିଯିବା। ପାଶ୍ଚାତ୍ୟ ଦେଶଗୁଡ଼ିକର ଲୋକମାନେ ଭାରତରେ ଧର୍ମର ଅଭ୍ୟାସ, ଏହାର ଆନୁସଙ୍ଗିକ ରୀତିନୀତି ଏବଂ ଶୃଙ୍ଖଳାର ସାକ୍ଷୀ ହୋଇଥିଲେ। ସେ ଏହାକୁ ନିଜ 'ଧର୍ମ' ସହିତ ସମାନ ବୋଲି ବିବେଚନା କରୁଥିଲେ। ପରେ, ଆମେ ଧର୍ମକୁ ମଧ୍ୟ ଧର୍ମ ବୋଲି କହିବା ଆରମ୍ଭ କଲୁ। ଧର୍ମର ରୀତିନୀତି ଏବଂ ଶୃଙ୍ଖଳା ଏହାର ଅଭ୍ୟାସର ଏକ ଅଂଶ, ଯେପରି କୁସ୍ତି ଶିଖିବା ପାଇଁ ଆଖଡ଼ାରେ ବସିବା ଆବଶ୍ୟକ । କର୍ମକାଣ୍ଡ ହେଉଛି ଧର୍ମର ଏକ ଅଂଶ, ସମ୍ପୂର୍ଣ୍ଣ ଧର୍ମ ନୁହେଁ। ଧର୍ମ ଏକ ଧର୍ମ ନୁହେଁ।

# ଆଜି ସୃଷ୍ଟି ହେବ ଲଘୁଚାପ, ବାତ୍ୟା ସମ୍ଭାବନା !

ଭୁବନେଶ୍ୱର, ୧୮/୯: ଓଡ଼ିଶାକୁ ମାଡ଼ ହୋଇପାରେ ବାତ୍ୟା। ମାତ୍ର ଚିତ୍ର ଏଯାଏଁ ଅସ୍ପଷ୍ଟ ରହିଛି ବୋଲି ଆକଳନ କରିଛନ୍ତି ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ । ସେ ଦର୍ଶାଇଛନ୍ତି, ସଦ୍ୟ ସାଟେଲାଇଟ୍ ଚିତ୍ରରେ ଉତ୍ତର ଆଣ୍ଡାମାନ ସାଗର ଓ ନିକଟବର୍ତ୍ତୀ ଅଞ୍ଚଳରେ ବାଦଲ ଅଧିକ ଘନୀଭୂତ ହେଉଥିବା ଦେଖାଯାଉଛି । ଏହା ଉପର ବାୟୁମଣ୍ଡଳର ଘୂର୍ଣ୍ଣିବଳୟ ଏହି ଅଞ୍ଚଳକୁ ଆସୁଥିବାର ସଙ୍କେତ ଦେଉଛି । ୧୯ ସେପ୍ଟେମ୍ବର ବେଳକୁ ଏକ ଲଘୁଚାପ ସୃଷ୍ଟି ହୋଇ ପରେ ଆହୁରି ଘନୀଭୂତ ହୋଇପାରେ । ବିଶ୍ୱ ଓ ଭାରତୀୟ ପାଣିପାଗ ମଡେଲ୍‌ର ଆକଳନ ଅନୁସାରେ, ଲଘୁଚାପ ସୃଷ୍ଟି ହେବା ପରେ ଏହା ଧୀରେ ଧୀରେ ଶକ୍ତିଶାଳୀ ହୋଇପାରେ । ଅବପାତ ହେବାର ସମ୍ଭାବନା ବଢୁଛି ଏବଂ ପରେ ଗଭୀର ଅବପାତ ହେବାର ମଧ୍ୟ ସମ୍ଭାବନା ରହିଛି । ଆହୁରି ଶକ୍ତିଶାଳୀ ହୋଇ ବାତ୍ୟା ହେବାର ସମ୍ଭାବନାକୁ ଏବେ ବାଦ୍ ଦିଆଯାଇପାରୁ ନାହିଁ ।

# ୨ କଲରାପତରିଆ ବାଘ ଛାଲ ଜବତ, ଜଣେ ଗିରଫ

କନ୍ଧମାଳ, ୧୮/୯(ନିପ୍ର): କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ବନ ବିଭାଗକୁ ମିଳିଛି ବଡ଼ ସଫଳତା । ବାଘ ଛାଲ ନେଇ ବିକ୍ରି କରିବା ପାଇଁ ଯାଉଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ବାଲିଗୁଡ଼ା ବସ୍ ଷ୍ଟାଣ୍ଡରେ ପୋଲିସ୍ ଓ ବନବିଭାଗ ପକ୍ଷରୁ ମିଳିତ ଚଢ଼ଉ କରି ଘଟଣାସ୍ଥଳରୁ ଦୁଇଟି କଲରାପତରିଆ ବାଘର ଛାଲ ଜବତ କରିବା ସହ ଜଣେ ଅଭିଯୁକ୍ତକୁ ଗିରଫ କରିବାରେ ସକ୍ଷମ ହୋଇଛି ବନ ବିଭାଗ । ଦୁଇଟି ବାଘ ପାଖାପାଖି ତିନି ବର୍ଷ ବୟସର ହୋଇଥିବା ବେଳେ ବାଘକୁ ଗୁଳି କରି ହତ୍ୟା କରାଯାଇଛି । ବାଘର ଛାଲରେ ତିନୋଟି ଗୁଳିବିଦ୍ଧ ଚିହ୍ନ ରହିଛି । ସେପଟେ ଦୁଇଟି ଯାକ ବାଘ ଛାଲର ଲମ୍ବ ୧୦୫ ସେଣ୍ଟିମିଟର ରହିଥିବା ବେଳେ ଲାଞ୍ଜ ୭୫ ସେଣ୍ଟିମିଟର ରହିଛି । ଅଭିଯୁକ୍ତ ଜଣକ କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ଥାନା ଅନ୍ତର୍ଗତ ରତଙ୍ଗ ଗ୍ରାମର ୩୮ ବର୍ଷୀୟ ଉତ୍ତମ ମାଝୀ ହୋଇଥିବା ବେଳେ ସେ ଜଣେ ବନ୍ୟଜନ୍ତୁ ବାଘଛାଲ ବ୍ୟବସାୟୀ ଏବଂ ଏହି ରାକେଟରେ ଆହୁରି ଅନେକ ଲୋକ ଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ।

# ସଂସଦୀୟ କ୍ଷେତ୍ର ଗସ୍ତ କଲେ ଧର୍ମେନ୍ଦ୍ର ପ୍ରଧାନ

ସମ୍ବଲପୁର, ୧୮/୯(ନିପ୍ର): ପୂର୍ବତନ କେନ୍ଦ୍ର ଶିକ୍ଷାମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ ୪ ଦିନିଆ ସଂସଦୀୟ କ୍ଷେତ୍ର ଗସ୍ତ ସାରି ଗତକାଲି ଭୁବନେଶ୍ୱର ଗସ୍ତ କରିଛନ୍ତି। ଏହି ଚାରି ଦିନରେ ସାଂସଦ ସମ୍ବଲପୁର, କୁଚିଣ୍ଡା, ଦେବଗଡ଼, ରେଢ଼ାଖୋଲରେ ବିଭିନ୍ନ ସରକାରୀ, ବେସରକରୀ ଓ ରାଜନୈତିକ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। କିନ୍ତୁ ସମସ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଆକର୍ଷଣ ଥିଲା ଗତକାଲି ଅପରାହ୍ନର କାର୍ଯ୍ୟକ୍ରମ। ଗତକାଲି ସାଂସଦ ଶ୍ରୀ ପ୍ରଧାନ ଦଳୀୟ କର୍ମୀ ଓ ସରକାରୀ ଅଧିକାରୀଙ୍କ ସହ ମୋଟରସାଇକେଲରେ ସମ୍ବଲପୁରର ବିଭିନ୍ନ ଅଂଚଳ ପରିଦର୍ଶନ କରିଥିଲେ। ଭାରତ ସରକାରଙ୍କ 'ଅମୃତ ଭାରତ ଷ୍ଟେସନ ଯୋଜନା' ଅଧୀନରେ ଆସୁଥିବା ସମ୍ବଲପୁର ଜଙ୍କସନ୍, ହୀରାକୁଦ ଏବଂ ସମ୍ବଲପୁର ସିଟି ରେଳ ଷ୍ଟେସନ ପରିଦର୍ଶନ କରି ବିଭାଗୀୟ ଅଧିକାରୀଙ୍କ ସହିତ ଚାଲିଥିବା ପୁନଃ ନବୀକରଣ କାର୍ଯ୍ୟ ଅନୁଧ୍ୟାନ କରିଥିଲେ। ବାଇକରେ ବୁଲିବୁଲି ସମ୍ବଲପୁରରେ କ୍ରିୟାନ୍ୱୟନ ହେଉଥିବା ବିଭିନ୍ନ ରୋଡ ପ୍ରକଳ୍ପ କାର୍ଯ୍ୟକୁ ମଧ୍ୟ ତଦାରଖ କରି ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଜାତୀୟ ରାଜପଥ ପ୍ରାଧିକାରଣର ଅଧିକାରୀଙ୍କ ସହ ବିଭିନ୍ନ ଜାତୀୟ ରାଜପଥର ଉନ୍ନତିକରଣ, ମରାମତି ସମ୍ପର୍କ ରେ ବିସ୍ତୃତ ଆଲୋଚନା କରିଥିଲେ। ସାମାଜିକ ଗଣମାଧ୍ୟମରେ ସାଂସଦଙ୍କ ଏସବୁ କାର୍ଯ୍ୟକ୍ରମର ଫୋଟୋ ଭିଡିଓ ଭାଇରାଲ ହେଲା ପରେ ସମ୍ବଲପୁରବାସୀ ଙ୍କ ଭିତରେ ଚର୍ଚ୍ଚା ଜୋର ଧରିବା ସହିତ ଅଂଚଳବାସୀଙ୍କ ମନରେ ବିକାଶର ଧାରାର କ୍ଷିପ୍ର ଗତିକୁ ନେଇ ଆଶା ସଂଚାରିତ ହୋଇଛି ବୋଲି ବିଜେପି ରାଜ୍ୟ ପ୍ରବକ୍ତା ତଥା କ୍ଷେତ୍ରିୟ ଗଣମାଧ୍ୟମ ସଂଯୋଜକ ମାନସ ରଞ୍ଜନ ବକ୍ସି କହିଛନ୍ତି ।

# ବେଦାନ୍ତ ଆଲୁମିନିୟମ ପକ୍ଷରୁ ଗଣେଶ ମୂର୍ତ୍ତି ପ୍ରଦର୍ଶିତ



ଝାରସୁଗୁଡ଼ା, ୧୮/୯(ନିପ୍ର): ଓଡ଼ିଶାରେ ଗଣେଶ ଚତୁର୍ଥୀ ପାଳନ ଅବଶରରେ ବେଦାନ୍ତ ଆଲୁମିନିୟମ ପକ୍ଷରୁ ପରିବେଶ ଅନୁକୂଳ ମାଟିରେ ନିର୍ମିତ ଗଣେଶ ମୂର୍ତ୍ତି ପ୍ରଦର୍ଶିତ କରାଯାଇଛି। କମ୍ପାନିର ଝାରସୁଗୁଡ଼ାସ୍ଥିତ କାର୍ଯ୍ୟକ୍ଷେତ୍ରରେ ପ୍ରଦର୍ଶିତ ଏହି ମୂର୍ତ୍ତିଗୁଡ଼ିକ ସୁଭଲକ୍ଷ୍ମୀ ସମବାୟର ମହିଳା କାରିଗରମାନଙ୍କ ଦ୍ୱାରା ହାତରେ ତିଆରି କରାଯାଇଛି। ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମର ମହିଳା ସଶକ୍ତୀକରଣ କାର୍ଯ୍ୟକ୍ରମର ଏକ ପ୍ରମୁଖ ପଦକ୍ଷେପ ହେଉଛି ସୁଭଲକ୍ଷ୍ମୀ ସମବାୟ। ଏହି ମାଟି ମୂର୍ତ୍ତିଗୁଡ଼ିକ ଓଡ଼ିଶାର ସମୃଦ୍ଧ ମୃତ୍ତିକା କଳା ପରମ୍ପରାକୁ ପ୍ରତିଫଳିତ କରିବା ସହ ଗ୍ରାମାଞ୍ଚଳର ମହିଳାଙ୍କ ପାଇଁ ଜୀବିକାର ସୁଯୋଗ ସୃଷ୍ଟି କରୁଛି। ବେଦାନ୍ତ ଆଲୁମିନିୟମର ମୃତ୍ତିକା କଳା ଗୋଷ୍ଠୀ ବିକାଶ ପଦକ୍ଷେପ 'ବେଦମୂର୍ତ୍ତିକା' ଅଧୀନରେ ଏହି ମୂର୍ତ୍ତିଗୁଡ଼ିକ ନିର୍ମିତ ହୋଇଛି। ପାରମ୍ପରିକ କାରିଗରୀକୁ ସ୍ଥାୟୀ ଆୟର ଉତ୍ସରେ ପରିଣତ କରିବାର ସମ୍ଭାବନାକୁ ଏହା ପ୍ରତିପାଦିତ କରୁଛି। ବର୍ତ୍ତମାନ 'ବେଦମୂର୍ତ୍ତିକା' ମାଧ୍ୟମରେ ଝାରସୁଗୁଡ଼ାର ୩୦ରୁ ଅଧିକ କାରିଗରଙ୍କୁ ଦକ୍ଷତା ବିକାଶ, ନୂତନ ଡିଜାଇନ ପ୍ରସ୍ତୁତି ଓ ବଜାର ସଂଯୋଗ ଭଳି ସୁବିଧା ଯୋଗାଇ ଦିଆଯାଉଛି। ଏହା ମାଧ୍ୟମରେ ପାରମ୍ପରିକ ମୃତ୍ତିକା କଳାର ସୁରକ୍ଷା ସହ ସ୍ଥାୟୀ ଜୀବିକାର ସୁଯୋଗ ସୃଷ୍ଟି ହେଉଛି। ବେଦାନ୍ତ ଆଲୁମିନିୟମ, ଝାରସୁଗୁଡ଼ାର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସି. ଚନ୍ଦ୍ରୁ କହିଛନ୍ତି, "ପର୍ବପର୍ବାଣୀ ଆମ ସାଂସ୍କୃତିକ ଐତିହ୍ୟକୁ ପାଳନ କରିବା ସହ ସମୁଦାୟ ମଧ୍ୟରେ ସାର୍ଥକ ପ୍ରଭାବ ସୃଷ୍ଟି କରିବାର ସୁଯୋଗ ଦେଇଥାଏ। ସୁଭଲକ୍ଷ୍ମୀ ଓ ବେଦମୂର୍ତ୍ତିକା ଭଳି ପଦକ୍ଷେପ ଜରିଆରେ ଆମେ ପାରମ୍ପରିକ କାରିଗରୀର ସୁରକ୍ଷା, ଉଦ୍ୟମିତତାକୁ ସୁଦୃଢ଼ କରିବା ଏବଂ ମହିଳାଙ୍କ ପାଇଁ ଜୀବିକାର ସୁଯୋଗ ସୃଷ୍ଟି କରୁଛୁ। ଏହି ପ୍ରୟାସଗୁଡ଼ିକ ସଂସ୍କୃତି ଓ ଆର୍ଥିକ ସଶକ୍ତୀକରଣ କିପରି ପରସ୍ପର ସହ ଜଡ଼ିତ ହୋଇପାରେ ତାହା ଦର୍ଶାଉଛି।

## ଅଦାଲତ ନୋଟିସ୍

ମାନ୍ୟବର ସିଭିଲ ଜଜ୍ (ଜୁନିୟର ଡିଭିଜନ), ଖୋର୍ଦ୍ଧାଙ୍କ ଅଦାଲତ
C.S. No. 55/2014
ବାଦୀ: ପୂର୍ଣ୍ଣଚନ୍ଦ୍ର ସେନାପତି
ପ୍ରତିବାଦୀ ନଂ-୨: ବିଦ୍ୟାଧର ପାଟ୍ଟଶାଣୀ, ପିତା: ୭ ବାଇଧର ପାଟ୍ଟଶାଣୀ, ଗ୍ରା/ପୋ/ଥାନା: ଗଡ଼ିଶାଗୋଡା, ଜିଲ୍ଲା: ପୁରୀ । ଏତଦ୍ୱାରା ପ୍ରତିବାଦୀ ନଂ-୨ ବିଦ୍ୟାଧର ପାଟ୍ଟଶାଣୀଙ୍କୁ ଜଣାଇ ଦିଆଯାଉଛି ଯେ, ଉପରୋକ୍ତ ମାମଲାରେ ସମନ ଗ୍ରହଣ ନ କରିବାରୁ ଆସନ୍ତା ୦୫.୧୦.୨୦୨୬ ରିଖ ପୂର୍ବାହ୍ନ ୧୦:୩୦ ମିନିଟ୍‌ରେ ଆପଣ ନିଜେ କିମ୍ବା ଆପଣଙ୍କ ଓକିଲଙ୍କ ଜରିଆରେ ଅଦାଲତରେ ହାଜର ହୋଇ ପକ୍ଷ ରଖନ୍ତୁ। ଅନ୍ୟଥା ଆପଣଙ୍କ ଅନୁପସ୍ଥିତିରେ ମାମଲାର ଏକତରଫା ବିଚାର କରାଯିବ। ଅଦ୍ୟ ତା ୦୨.୦୯.୨୦୨୬ ରିଖରେ ଅଦାଲତଙ୍କ ସ୍ୱାକ୍ଷର ଓ ମୋହର କ୍ରମେ ଦିଆଗଲା।
ଆଦେଶକ୍ରମେ,
*ସିଭିଲ ଜଜ୍ (ଜୁନିୟର ଡିଭିଜନ), ଖୋର୍ଦ୍ଧା*

## AFFIDAVIT

By virtue of an affidavit sworn before Executive Magistrate, Bhawanipatna, Kalahandi dtd.18.09.2026. I, Sneha S D/o-Shibu S, Resident of Nuapada, Bhawanipatna, Po/Ps-Bhawanipatna Town, Dist-Kalahandi, Odisha Pin-765001, do hereby declare that, I have changed my name from Sneha Shibu to Sneha S. Henceforth, I shall be known as Sneha S for all purposes.

**Sd/-Sneha S**

## AFFIDAVIT

By virtue of an affidavit sworn before Executive Magistrate, Bhadrak dated 18.09.2026, I, Khageswar Samantara At-Brahmapur, Po-Ichhapur, Ps-Sabrang, Dist-Bhadrak, Odisha Pin-756127 declare that I have changed my name from Maheswar Samantara to Khageswar Samantara. Henceforth, I shall be known as Khageswar Samantara for all purposes.

**Sd/-Khageswar Samantara**

## AFFIDAVIT

By virtue of an affidavit sworn before The Executive Magistrate, Nimapara vide No.6 dtd.18.09.2026, I Sukadeb Biswal, S/o-Balakrushna Biswal, At-Ateihuda, Po-Baharana, Ps-Charichhak, Dist-Puri, Odisha, Pin-752120 do hereby declare that, I have changed my name from Dukadeb Biswal to Sukadeb Biswal. Henceforth I shall be known as Sukadeb Biswal for all purposes.

**Sd/-Sukadeb Biswal**

## AFFIDAVIT

By virtue of an affidavit sworn before The Notary Public Sorada (Ganjam) affidavit no.02 dtd.11.09.2026, I Srotoswini Patri D/o-Sri Pramod Kumar patri At-Bhaliagochha, Po-Suramani, Ps-Sorada, Dist-Ganjam do hereby declare that I have changed my name from Swetaspani Patri to Srotoswini Patri. Henceforth I shall be known as Srotoswini Patri for all purposes.

**Sd/-Srotoswini Patri**

OFFICE OF THE EXECUTIVE ENGINEER
GROUND WATER DEVELOPMENT DIVISION-1HP BUILDING,UNIT-8, DELTA SQUARE,BHUBANESWAR-751012 [Phone No.2561040(O), email:executiveengineerhpbbsr@gmail.com]

32001/885/2627

"e" Procurement Notice No.109 of 2026-27 Dt- 11/9/26
Bid Identification No. GWD DIV-1BBSR-12/26-27

Executive Engineer, GWD Division-I , Delta square, Unit- 8, Bhubaneswar on behalf of Hon'ble Governor of Odisha invites on-line Percentage-rate tender through "e" Procurement in Single cover system for execution of the following work.

| | | |
|---|---|---|
| 1 | Nature of the Work | Civil Work |
| 2 | Name of the Work | Installation of 3 nos. of Rooftop Rainwater Harvesting structures at Baman High school, Bologarh, Khordha for FY 2026-27 |
| 3 | Approximate amount put to tender | Rs.7.77 Lakhs (Excluding GST) |
| 4 | Period of Completion | 1(ONE) Calendar Month |
| 5 | Class of Contractor | "C"& "D" Class Contractor |
| 6 | Date & time of Availability of Bid document in the portal | Dt. 21.09.2026 at 11.00 AM to 01.10.2026 up to 11.00 AM |
| 7 | Last date & time of receipt of Bids in the Portal | Dt. 01.10.2026 up to 11.00 AM |
| 8 | Date, time & place of opening of Technical/ Financial Bid's | Dt. 01.10.2026 at 11.30 AM in O/o the EE GWD Divn-I |
| 9 | Name & address of the officer inviting Bid | OFFICE OF THE EXECUTIVE ENGINEER GROUND WATER DEVELOPMENT DIVISION-1HP ADMINISTRATIVE BUILDING,UNIT-8,DELTA SQUARE,BHUBANESWAR-751012 |

Further details can be seen from the Govt. website www.tendersodisha.gov.in.
Any addendum/corrigendum/cancellation of tender can also be seen in the said website.

OIPR 32001/32331/1/26-27/0007

*Executive Engineer, GWD Division-, Bhubaneswar.*

# ସମିତି ବୈଠକରେ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ଉପେକ୍ଷା !



ହିଞ୍ଜିଳିକାଟୁ, ୧୮/୯(ନିପ୍ର): ପ୍ରାୟ ୧୫ ମାସର ବ୍ୟବଧାନ ପରେ ଶୁକ୍ରବାର ବହୁ ପ୍ରତୀକ୍ଷିତ ପଞ୍ଚାୟତ ସମିତି ସାଧାରଣ ବୈଠକ ହିଞ୍ଜିଳିକାଟୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସାଗରିକା ଷଡ଼ଙ୍ଗୀଙ୍କ ସଂଯୋଜନା ତଥା ମୁଖ୍ୟ ଅତିଥି – ଆସିକା ଲୋକସଭା ସାଂସଦ ଅନିତା ଶୁଭଦର୍ଶିନୀ ପଟ୍ଟନାୟକ ଓ ସମ୍ମାନିତ ଅତିଥି- ବିଧାୟକଙ୍କ ବ୍ଲକ ପ୍ରତିନିଧି ଏ. ସୁଦର୍ଶନ, ବ୍ଲକ ଉପାଧ୍ୟକ୍ଷ ସୁନୀଲ ଗନ୍ତାୟତ, ତହସିଲଦାର ତପନ କୁମାର ମହାପାତ୍ର ପ୍ରମୁଖଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଛି। ହିଞ୍ଜିଳିକାଟୁ ବ୍ଲକର ସାମୂହିକ ବିକାଶ ପାଇଁ ସମସ୍ତ ଜନପ୍ରତିନିଧି ଓ ପ୍ରଶାସନ ମଧ୍ୟରେ ଉତ୍ତମ ବୁଝାମଣା, ସହଯୋଗ ଏବଂ ସମନ୍ୱୟ ରକ୍ଷା କରି ଉନ୍ନୟନ କାର୍ଯ୍ୟ ଆଗେଇ ନେବା ପାଇଁ ବ୍ଲକ ଅଧ୍ୟକ୍ଷା ଓ ସାଂସଦ ପରାମର୍ଶ ଦେଇଥିଲେ। ଗତ ବର୍ଷ ମେ ୧୦ ତାରିଖରେ ଅନୁଷ୍ଠିତ ହୋଇଥିବା ସମିତି ବୈଠକରେ ଆସିକା ସାଂସଦ ପୂର୍ବ ସରକାରଙ୍କ ଦ୍ୱାରା ହୋଇଥିବା ବିକାଶ ମୂଳକ କାର୍ଯ୍ୟକୁ ଖୋଲାଖୋଲି ସମାଲୋଚନା କରିଥିଲେ। ସାଂସଦଙ୍କ ଏଭଳି ମନ୍ତବ୍ୟକୁ ନେଇ କିଛି ଜନ ପ୍ରତିନିଧି ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ। ପରସ୍ପର ମଧ୍ୟରେ କଥା କଟାକଟି ହୋଇ ବୈଠକରେ ଏକ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ଚଳିତ ବୈଠକରେ ସାଂସଦ ସମାଲୋଚନାକୁ ଏଡ଼ାଇ ଦେଇ ହିଞ୍ଜିଳିକାଟୁ ବ୍ଲକର ବିକାଶକୁ ଆଗେଇ ନେବା ପାଇଁ ପ୍ରାଥମିକତା ଦେଇଥିଲେ। ହିଞ୍ଜିଳିକାଟୁ ବ୍ଲକର ବିଭିନ୍ନ ଗ୍ରାମାଞ୍ଚଳରେ ମାଳ ମାଳ ସମସ୍ୟା ରହିଥିଲେ ମଧ୍ୟ ଉପସ୍ଥିତ ଜନ ପ୍ରତିନିଧି ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବାରେ ଅସମର୍ଥ ହୋଇଥିଲେ। କିଛି ଜନ ପ୍ରତିନିଧି ପ୍ରମୁଖ ପ୍ରସଙ୍ଗକୁ ଅଗ୍ରାଧିକାର ଦେବା ପରିବର୍ତ୍ତେ କିଛି ଅଣତାରକା ପ୍ରଶ୍ନକୁ ଉଠାଇ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। ପଞ୍ଚାୟତର ବିଭିନ୍ନ ସମସ୍ୟା ନେଇ କିଛି ଗ୍ରାମବାସୀ ହିଞ୍ଜିଳିକାଟୁ ବିଡିଓଙ୍କୁ ଅବଗତ କରିଥିଲେ ମଧ୍ୟ ଏ ପର୍ଯ୍ୟନ୍ତ କୌଣସି ସମାଧାନ କରିବାରେ ପ୍ରଶାସନ ସକ୍ଷମ ହୋଇ ନ ଥିବା ଅଭିଯୋଗରୁ ପ୍ରକାଶ। ପୋଖରୀରୁ ଲକ୍ଷ ଲକ୍ଷ ଟଙ୍କାର ମାଟି ଚାଲାଣ ହେବା ଏବଂ ନିମ୍ନ ମାନର କାମ ଯୋଗୁଁ ସାଧାରଣ ଲୋକଙ୍କ ସମସ୍ୟାକୁ ନେଇ ଜନ ପ୍ରତିନିଧିମାନେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବାରେ ଅସମର୍ଥ ହେବା ପଛରେ କେଉଁ ଅଦୃଶ୍ୟ ଚାପ ରହିଛି ତାହା ସାଧାରଣରେ ପ୍ରଶ୍ନବାଚୀ ତଥା ଆଲୋଚନା ସୃଷ୍ଟି କରିଛି।

# ଲିଙ୍ଗରାଜ ମନ୍ଦିରରେ ସ୍ୱାଭାବିକ ହେଲା ନୀତିକାନ୍ତି

**ଭୁବନେଶ୍ୱର, ୧୮/୯(ନିପ୍ର):** ଗତକାଲି ରାତି ୧୧ଟା ସମୟରେ ପତ୍ରି ସେବକ ଓ ପୂଜାପଣ୍ଡାଙ୍କ ମଧ୍ୟରେ ନୀତିକାନ୍ତି କରିବାକୁ ନେଇ ବିବାଦ ହୋଇଥିଲା। ପୂଜା ପଣ୍ଡା ସେବକଙ୍କ କାମକରିବା ପାଇଁ ପତ୍ରି ସେବକ ଆଗ୍ରହ ଦେଖାଇଥିଲେ। କିନ୍ତୁ ପୂଜା ପଣ୍ଡା ସେବକ ଏନେଇ ବିରୋଧକରିବାରୁ ବଢିଥିଲା ବିବାଦ। ପରେ ପରିସ୍ଥିତି ଏପରି ହୋଇଥିଲା ଯେ, ସେବା କରୁଥିବା ସେବକ ଜଣଙ୍କ ମନ୍ଦିର ଛାଡ଼ିଚାଲି ଯାଇଥିଲେ। ଫଳରେ ଗତକାଲି ରାତିଠାରୁ ବନ୍ଦ ରହିଥିଲା ଠାକୁରଙ୍କ ନୀତିକାନ୍ତି। ତେବେ ଶୁକ୍ରବାର ସନ୍ଧ୍ୟାରେ ନୀତିକାନ୍ତି ସ୍ୱାଭାବିକ ହୋଇଛି।

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com
ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ
ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ